ବର୍ଷ-୨୬, ସଂଖ୍ୟା-୪୯
ଭୁବନେଶ୍ୱର
୧୯, ଫେବୃଆରୀ, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 49
Bhubaneswar
19 February, 2026 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

MBBS
ଡିଗ୍ରୀ ହାସଲ
କଲେ
ଶ୍ରୀଲୀଳା



# ଧାନମଣ୍ଡିକୁ ନେଇ ବିଧାନସଭା ହୁଲସ୍ଥୁଲ



**ଭୁବନେଶ୍ୱର,୧୮।୨(ମହାଭରତ)** ବିଧାନସଭା ବଜେଟ୍ ଅଧିବେଶନର ଆଜି ଦ୍ୱିତୀୟ ଦିନରେ ଗୃହ ଚାଲିପାରିଲାନି। ଦିନ ତମାମ୍ ୩ ଥର ହେଲା ମୁଲତବୀ। ମାତ୍ର ୭ ମିନିଟ ହେଲା ଗୃହ କାର୍ଯ୍ୟ। ରାଜ୍ୟପାଳଙ୍କ ବଜେଟ୍ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଜି ଏବଂ ଆସନ୍ତାକାଲି ଗୃହରେ ଆଲୋଚ଼ନା ହେବାର ଥିଲା। ହେଲେ ପ୍ରଥମରୁ ବିରୋଧୀ ସଦସ୍ୟମାନେ ଗୃହରେ ଧାନ ରଖି ହଟ୍ଟଗୋଳ କରିଥିଲେ। ବାଚ଼ସ୍ପତି ପୋଡ଼ିୟମ ପାଖକୁ ଆସିବା କ୍ଷଣି ବିରୋଧୀ ଦଳ ଧାନ ଓ ପ୍ଲା କାର୍ଡ ଧରି ହଟ୍ଟଗୋଳ କରିଥିଲେ। ବିଜେଡ଼ି ସଦସ୍ୟ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଣ୍ଡରେ ଧାନ ମୁଣ୍ଡାଇ ଗୃହ ଭିତରକୁ ଆସିଥିଲେ ଏବଂ ରିପୋର୍ଟରଙ୍କ ଟେବୁଲ ଉପରେ ଧାନ ରଖି ହୋହାଲ୍ଲା କରିଥିଲ। ଉଭୟ ବିଜେଡ଼ି ଓ କଂଗ୍ରେସ ବିଧାୟକମାନେ ବାଚ଼ସ୍ପତିଙ୍କ ପୋଡ଼ିୟମ ନିକଟକୁ ଆସି ନାରାବାଜି କରିଥିଲେ। ବାଚ଼ସ୍ପତି ବାରମ୍ବାର ସମସ୍ତ ସଦସ୍ୟଙ୍କୁ ଆସନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ କେହି ନ ଶୁଣିବାରୁ ବାଚ଼ସ୍ପତି ବାଧ ହୋଇ ଗୃହକୁ ସାଢେ ୧୧ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଏହା ପରେ ପୁନର୍ବାର ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ତଥାପି ବିରୋଧୀ ସଦସ୍ୟମାନେ ସେମାନଙ୍କ ହରକତରୁ ବାଦ ପଡ଼ିନଥିଲେ। ପୁଣି ଥରେ ନାରାବାଜି କରିବା ଆରମ୍ଭ କରିଦେଇଥିଲେ। ବାଚ଼ସ୍ପତି ପୁନର୍ବାର ଗୃହ କାର୍ଯ୍ୟକୁ ଅପରାହ୍ଣ ୪ଟା ଯାଏ ମୁଲତବୀ କରିଥିଲେ। ଏହାପରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହେବ ମାତ୍ରେ ହଟ୍ଟଗୋଳ କରିଥିଲେ ବିରୋଧୀ, ଯାହା ଫଳରେ ବାଚ଼ସ୍ପତି ହଙ୍ଗାମା ଓ ନାରାବାଜି ମଧ୍ୟରେ ଆସନ୍ତାକାଲି ପର୍ଯ୍ୟନ୍ତ ଗୃହ ମୁଲତବୀ ଘୋଷଣା କରିଛନ୍ତିବାଚ଼ସ୍ପତି। ଚ଼ାଷୀ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିଛନ୍ତି ବିଜେଡି ଓ କଂଗ୍ରେସ।

ଆଜି ଗୃହ ଆରମ୍ଭରୁ ପ୍ରଶ୍ନକାଳରେ ବିରୋଧୀ ସଦସ୍ୟମାନେ ଧାନ ମଣ୍ଡି ସମସ୍ୟା ନେଇ ହୋହାଲ୍ଲା ଆରମ୍ଭ କରିଦେଇଥିଲେ । ବାଚ଼ସ୍ପତି ପୋଡ଼ିୟମ ପାଖକୁ ଆସିବା କ୍ଷଣି ବିରୋଧୀ ଦଳ ଧାନ ଓ ପ୍ଲା କାର୍ଡ ଧରି ହଟ୍ଟଗୋଳ କରିଥିଲେ । ବିଜେଡ଼ି ସଦସ୍ୟ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଣ୍ଡରେ ଧାନ ମୁଣ୍ଡାଇ ଗୃହ ଭିତରକୁ ଆସିଥିଲେ ଏବଂ ରିପୋର୍ଟରଙ୍କ ଟେବୁଲ ଉପରେ ଧାନ ରଖି ହୋହାଲ୍ଲା କରିଥିଲେ । ଉଭୟ ବିଜେଡ଼ି ଓ କଂଗ୍ରେସ ବିଧାୟକମାନେ ବାଚ଼ସ୍ପତିଙ୍କ ପୋଡ଼ିୟମ ନିକଟକୁ ଆସି ନାରାବାଜି କରିଥିଲେ । ବାଚ଼ସ୍ପତି ବାରମ୍ବାର ସମସ୍ତ ସଦସ୍ୟଙ୍କୁ ଆସନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ । କିନ୍ତୁ କେହି ନ ଶୁଣିବାରୁ ବାଚ଼ସ୍ପତି ବାଧ ହୋଇ ଗୃହକୁ ସାଢେ ୧୧ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଏହା ପରେ ପୁନର୍ବାର ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ତଥାପି ବିରୋଧୀ ସଦସ୍ୟମାନେ ସେମାନଙ୍କ ହରକତରୁ ବାଦ ପଡ଼ିନଥିଲେ । ପୁଣି ଥରେ ନାରାବାଜି କରିବା ଆରମ୍ଭ କରିଦେଇଥିଲେ । ବାଚ଼ସ୍ପତି ପୁନର୍ବାର ଗୃହ କାର୍ଯ୍ୟ୍ୟକୁ ଅପରାହ୍ଣ ୪ଟା ଯାଏ ସ୍ଥଗିତ ଘୋଷଣା କରିଥିଲେ ।

ଚ଼ଳିତ ବଜେଟ୍ ଅଧିବେଶନର ଦ୍ୱିତୀୟ ଦିବସର ପ୍ରଶ୍ନ କାଳ ସମ୍ପୂର୍ଣ୍ଣ ଧୋଇଯାଇଛି । ଚ଼ାଷୀ ସମସ୍ୟାକୁ ନେଇ ଉଭୟ ବିରୋଧୀ ବିଜେଡ଼ି ଏବଂ କଂଗ୍ରେସ ବିଧାନସଭାରେ ସରକାରଙ୍କୁ ଘେରିବାକୁ ଚେଷ୍ଟା କରିଛନ୍ତି । ଘୋଷଣା ହୋଇଥିବା ଧାନର ଇନପୁଟ୍ ସବସିଡିକୁ କମ୍ କରି ଦିଆଯାଉଥିବା ବିଜେଡ଼ି ଗମ୍ଭୀର ଅଭିଯୋଗ ଆଣିଛି । ସେପଟେ ବିଜେପି କହିଛି ଚ଼ାଷୀଙ୍କ ଖୁସିକୁ ଦେଖି ବିଜେଡ଼ି ଦୁଃଖୀ ହୋଇଯାଉଛି ।

ଚ଼ାଷୀ ସମସ୍ୟାକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହ କାର୍ଯ୍ୟ ଦୁଇ ଥର ସ୍ଥଗିତ ରହିଥିଲା । ଏହା ପରେ ଗୃହ ବାହାରାରେ ଜଣକ ପରେ ଜଣେ ଆରୋପ ପ୍ରତ୍ୟାରୋପ କରିଥିଲେ । ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚ଼ାର୍ଯ୍ୟ ପ୍ରଶ୍ନ କରିଥିଲେ ଯେ ସରକାର ଧାନ କ୍ୱିଣ୍ଟାଲ ପିଛା ୮୦୦ଟଙ୍କା ବଦଳରେ କାହିଁକି ୭୩୧ ଟଙ୍କା ଦେଉଛନ୍ତି କାହିଁକି ଚ଼ାଷୀଙ୍କୁ ୬୯ ଟଙ୍କା ବଞ୍ଚିତ କରାଯାଉଛି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚ଼ନ୍ଦ୍ର କାଡ଼ାମ କହିଛନ୍ତି ଯେ ସରକାର ଗୋଟିଏ କଥା କହୁଥିବାବେଳେ ରାଜ୍ୟପାଳ ଗୋଟିଏ କଥା କହୁଛନ୍ତି । ଓଡ଼ିଶାରେ ଚ଼ାଷୀ ଅମଳ କରିଛି ଏବଂ ତାର ଋଣଭାର ବଢ଼ିଥିବାବେଳେ ମଣ୍ଡିରୁ ଧାନ ଉଠିପାରୁ ନାହିଁ । ରାଜ୍ୟ ସରକାର ଚ଼ାଷୀଙ୍କୁ ସୁରକ୍ଷା ଦେଇପାରୁ ନାହାଁନ୍ତି । ରାଜ୍ୟରେ କଟନୀ ଛଟନୀ ଚ଼ାଲିଛି । ଚ଼ାଷୀମାନେ ଆଜି ହତାଶ ହୋଇଛନ୍ତି । ଯେପର୍ଯ୍ୟନ୍ତ ଚ଼ାଷୀଙ୍କୁ ସୁରକ୍ଷା ଦେବାକୁ ସରକାର ଆଗେଇ ଆସି ନାହାଁନ୍ତି ସେପର୍ଯ୍ୟନ୍ତ ବିଧାନସଭା ଚ଼ଳାଇ ଦେବାକୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି ଶ୍ରୀଯୁକ୍ତ କାଡ଼ାମ । ବିରୋଧୀଙ୍କ ଅଭିଯୋଗର କଡ଼ା ଜବାବ ଦେଇଛନ୍ତି ବିଜେପି ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ । ପ୍ରସନ୍ନ ଆଚ଼ାର୍ଯ୍ୟଙ୍କ ଆରୋପର ଜବାବ ରଖି ଅଶ୍ୱିନୀ ଷଡ଼ଙ୍ଗୀ କହିଥିଲେ ଯେ ଯିଏ ୧୦୦ ଟଙ୍କା ଘୋଷଣା କରି ଦେଇନଥିଲେ, କେଉଁ ମୁହଁରେ ୮୦୦ କଥା କହୁଛନ୍ତି । ଆମେ ନିର୍ବାଚ଼ନ ବେଳେ ୩୧୦୦ ଟଙ୍କା ଦେବୁ ବୋଲି କହିଥିଲୁ, ଆଉ ଦେଉଛୁ ବୋଲି ଦମ୍ଭର ସହ କହିଥିଲେ । ବିଜେପି ବିଧାୟକ ଆହୁରି କହିଥିଲେ ଯେ ବିରୋଧୀ ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛନ୍ତି । ଚ଼ାଷୀଙ୍କ ସମସ୍ୟାକୁ ନେଇ ଆଲୋଚ଼ନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି । କିନ୍ତୁ ଚ଼ାଷୀଙ୍କ ସମସ୍ୟାକୁ ନେଇ ଗୃହରେ ଆଲୋଚ଼ନା ନ କରି ଗୃହକୁ ଅଚ଼ଳ କରି ଦେଉଛନ୍ତି । ଚ଼ାଷୀଙ୍କଠାରୁ ଧାନ ନିଆଯାଉଛି । ବିଳମ୍ବ ହେଲେ ପଛେ ଧାନ ଉଠୁଛି । ଚ଼ାଷୀମାନେ ଖୁସି ଅଛନ୍ତି, କିନ୍ତୁ ବିରୋଧୀ ଦୁଃଖୀ ଅଛନ୍ତି । ଜାଣିଶୁଣି ଚ଼ାଷୀଙ୍କ ସମସ୍ୟାର ସମାଧାନ କରାଇ ଦେଉ ନାହାଁନ୍ତି ବୋଲି କହିଛନ୍ତି ବିଜେପି ବିଧାୟକ ।

## ଥାଇଲ୍ୟାଣ୍ଡରେ ଫସିଲେ ଓଡ଼ିଆ ଶ୍ରମିକ

**ଭୁବନେଶ୍ୱର,୧୮।୨(ମହାଭରତ):** ପରିବାର ପ୍ରତିପୋଷଣ ପାଇଁ ସୁଦୂର ଥାଇଲ୍ୟାଣ୍ଡ ଯାଇ ନିର୍ଯାତନାର ଶିକାର ହେଲେ ଓଡ଼ିଆ ଶ୍ରମିକ। କେନ୍ଦ୍ରାପଡ଼ା ଏବଂ ଭଦ୍ରକ ଜିଲାର ୬ ଜଣ ଶ୍ରମିକ ଏବେ ସେଠାରେ ଫସିଥିବା ଅଭିଯୋଗ ହୋଇଛି। ଏକ ପ୍ଲାଏଉଡ୍ କାରଖାନାରେ କାମ କରୁଥିବା ଏହି ଶ୍ରମିକମାନେ ଏବେ ଭୋକ ଉପାସରେ ବନ୍ଦୀ ଭାବେ ଜୀବନ କାଟୁଛନ୍ତି। ସେମାନଙ୍କୁ ସୁରକ୍ଷିତ ଭାବେ ଓଡ଼ିଶା ଫେରାଇ ଆଣିବାକୁ ରାଜ୍ୟ ସରକାରଙ୍କୁ ଭିଡିଓ ବାର୍ତ୍ତା ଜରିଆରେ ଆକୁଳ ନିବେଦନ କରିଛନ୍ତି।ଗତ ବର୍ଷ ଅଗଷ୍ଟ ମାସରେ ମାସିକ ୨୫,୦୦୦ ଟଙ୍କା ଦରମା ସହ ରହିବା ଓ ଖାଇବା ସୁବିଧା ମିଳିବାର ପ୍ରତିଶ୍ରୁତି ପାଇ ଏମାନେ ଥାଇଲ୍ୟାଣ୍ଡ ଯାଇଥିଲେ। ତେବେ ଗତ ୪ ମାସ ହେବ ସେମାନଙ୍କୁ କୌଣସି ମଜୁରୀ ଦିଆଯାଇ ନାହିଁ। ମାଲିକ ସେମାନଙ୍କ ପାସପୋର୍ଟ ଛଡ଼ାଇ ରଖିଥିବା ବେଳେ ବକେୟା ଦରମା ମାଗିଲେ ପୋଲିସ ଦ୍ୱାରା ଗିରଫ କରାଇବାର ଧମକ ଦେଉଛନ୍ତି।

ଗତ ୪ ଦିନ ହେବ ସେମାନଙ୍କୁ ଖାଦ୍ୟ ଯୋଗାଣ ବନ୍ଦ କରିଦିଆଯାଇଛି। ବାହାର ଦୁନିଆ ସହ ଯୋଗାଯୋଗ ବିଚ୍ଛିନ୍ନ କରିବା ପାଇଁ ୱାଇଫାଇ (ଡସରସ) ସଂଯୋଗ କାଟି ଦିଆଯାଇଥିଲେ ହେଁ, ଶ୍ରମିକମାନେ ଅନ୍ୟମାନଙ୍କଠାରୁ ଇଣ୍ଟରନେଟ୍ ସାହାଯ୍ୟ ନେଇ ଏହି ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଏହି ଶ୍ରମିକମାନେ ହେଲେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳର ଯଶୋବନ୍ତ ସାହୁ, ଜୟନ୍ତ ମଲିକ, ପ୍ରଶାନ୍ତ ରାଉତ, ହେମନ୍ତ କୁମାର ବେହେରା, ବିଜୟ ସ୍ୱାଇଁ ଏବଂ ଭଦ୍ରକ ଚ଼ାନ୍ଦବାଲି ଅଞ୍ଚଳର ମନୋରଞ୍ଜନ ସାହୁ। ସୂଚ଼ନାଯୋଗ୍ୟ ଯେ, ୨୦୨୪ ମସିହାରେ ମଧ୍ୟ କେନ୍ଦ୍ରାପଡ଼ା ଜିଲ୍ଲାର ୧୨ ଜଣ ଶ୍ରମିକ ଥାଇଲ୍ୟାଣ୍ଡର ଏକ ପ୍ଲାଏଉଡ୍ କାରଖାନାରେ ଏଭଳି ନିର୍ଯାତନାର ଶିକାର ହୋଇଥିଲେ।

## ମାର୍ଚ୍ଚ ୧୬ରେ ରାଜ୍ୟସଭା ନିର୍ବାଚନ

**ନୂଆଦିଲ୍ଲୀ,୧୮।୨(ପିଆଇବି):**ଆସନ୍ତା ଏପ୍ରିଲ ମାସରେ ୧୦ଟି ରାଜ୍ୟରେ ୩୭ଜଣ ରାଜ୍ୟସଭା ସଦସ୍ୟଙ୍କର କାର୍ଯ୍ୟକାଳ ଶେଷ ହେଉଛି। ଏମାନଙ୍କ ମଧ୍ୟରେ ଓଡିଶାର ୪ ଜଣ ରାଜ୍ୟସଭା ସଦସ୍ୟ ରହିଛନ୍ତି । ଓଡିଶାରୁ ମମତା ମହନ୍ତ, ମୁଜୀବୁଲ୍ଲା ଖାନ, ସୁଜୀତ କୁମାର, ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ୍ ୨ ତାରିଖରେ ଶେଷ ହେବ। ଏହାବ୍ୟତୀତ ମହାରାଷ୍ଟ୍ରର ୭ଟି, ତାମିଲନାଡୁର ୬ଟି, ପଶ୍ଚିମବଙ୍ଗର ୫ଟି, ଆସାମର ୩ଟି, ବିହାରର ୫ଟି, ତେଲଙ୍ଗାନା, ଛତିଶଗଡ ଓ ହରିୟାଣାର ୨ଟି ଲେଖାଏଁ ଏବଂ ହିମାଚ଼ଳ ପ୍ରଦେଶର ଗୋଟିଏ ରାଜ୍ୟସଭା ଆସନ ପାଇଁ ନିର୍ବାଚ଼ନ ହେବ। ବର୍ତ୍ତମାନ ନିର୍ବାଚ଼ନ ଆୟୋଗ ଏସବୁ ପଦବୀ ଲାଗି ନିର୍ବାଚ଼ନ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି ।



ରାଜ୍ୟସଭା ନିର୍ବାଚ଼ନ ଲାଗି ଆସନ୍ତା ୨୬ ଫେବୃଆରୀ ୨୦୨୬ (ଗୁରୁବାର) ବିଜ୍ଞପ୍ତି ପ୍ରକାଶ ପାଇବ। ନାମାଙ୍କନ ଦାଖଲର ଶେଷ ତାରିଖ ୫ ମାର୍ଚ୍ଚ ୨୦୨୬ (ଗୁରୁବାର) ଧାର୍ଯ୍ୟ କରାଯାଇଛି। ୬ ମାର୍ଚ୍ଚ ୨୦୨୬ (ଶୁକ୍ରବାର) ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ପ୍ରାର୍ଥୀମାନେ ୯ ମାର୍ଚ୍ଚ ୨୦୨୬ (ସୋମବାର) ସୁଦ୍ଧା ସେମାନଙ୍କର ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ। ରାଜ୍ୟସଭା ନିର୍ବାଚ଼ନ ଲାଗି ମତଦାନ ୧୬ ମାର୍ଚ୍ଚ ୨୦୨୬ (ସୋମବାର) ଅନୁଷ୍ଠିତ ହେବ। ସକାଳ ୯ଟାରୁ ଅପରାହ୍ଣ ୪ଟା ମଧ୍ୟରେ ଭୋଟ୍ ଗ୍ରହଣ କରାଯିବ। ୧୬ ମାର୍ଚ୍ଚ ୨୦୨୬ (ସୋମବାର) ଅପରାହ୍ଣ ୫ଟାରେ ମତଗଣନା କରାଯିବ। ୨୦ ମାର୍ଚ୍ଚ ୨୦୨୬ ସୁଦ୍ଧା ନିର୍ବାଚ଼ନର ସମସ୍ତ ପ୍ରକ୍ରିୟା ଶେଷ ହେବ।

ମତପତ୍ରରେ ପସନ୍ଦ ଚ଼ିହ୍ନିତ କରିବା ଲାଗି କେବଳ ରିଟର୍ଣ୍ଣିଂ ଅଧିକାରୀ ଯୋଗାଇ ଦେଇଥିବା ପୂର୍ବ-ନିର୍ଦ୍ଧାରିତ ବାଇଗଣୀ ରଙ୍ଗର କାଳି ଥିବା କଲମ ବ୍ୟବହାର କରାଯିବ ବୋଲି ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ବାଚ଼ନରେ ପସନ୍ଦର ପ୍ରାର୍ଥୀଙ୍କୁ ଚ଼ିହ୍ନିତ କରିବା ଲାଗି ଅନ୍ୟ କୌଣସି କଲମ ଉପଯୋଗ କରାଯିବ ନାହିଁ। ନିରପେକ୍ଷ ନିର୍ବାଚ଼ନ ସୁନିଶ୍ଚିତ କରିବା ଲାଗି ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ନିର୍ବାଚ଼ନ ପ୍ରକ୍ରିୟାର ଗଭୀର ନିରୀକ୍ଷଣ ଲାଗି ପର୍ଯ୍ୟାପ୍ତ ଉପାୟ କରାଯିବ।

## ଆଜିଠୁ ମାଟ୍ରିକ ପରୀକ୍ଷା

**ଭୁବନେଶ୍ୱର, ୧୮।୨ (ମହାଭାରତ):** ବର୍ଷ ଯାକ କେତେ ପାଠ ପଢ଼ିଲ, ଏବେ ପରୀକ୍ଷାର ବେଳ । ସିବିଏସଇ ଦ୍ୱାଦଶ, ଦଶମ ପରୀକ୍ଷା ଚ଼ାଲିଥିବାବେଳେ ଆଜିଠୁ ଆରମ୍ଭ ହୋଇଛି ସିଏଚ଼ଏସଇ +୨ ପରୀକ୍ଷା । କାଲିଠୁ ଆରମ୍ଭ ହେବ ଓଡିଶା ବୋର୍ଡ ଅଧିନରେ ହେବାକୁ ଥିବା ମାଟ୍ରିକ ପରୀକ୍ଷା । ସ୍ୱଚ଼୍ଛତାର ସହ ପରୀକ୍ଷା ସାରିବା ସରକାରଙ୍କ ପାଇଁ ଆହ୍ୱାନ। ଛାତ୍ର ଜୀବନର ସବୁଠାରୁ ବଡ ପରୀକ୍ଷାର ବେଳ । ମଙ୍ଗଳବାରଠାରୁ ସିବିଏସଇ ଓ ଆଜିଠାରୁ ସିଏଚ୍ଏସଇ ପରୀକ୍ଷା ଆରମ୍ଭ ହୋଇଥିବାବେଳେ କାଲିଠୁ ଓଡିଶା ମାଟ୍ରିକ ବୋର୍ଡ ପରୀକ୍ଷା ହେବ। ଛାତ୍ରଛାତ୍ରୀ ଓ ଅବଭାବକଙ୍କ ମଧ୍ୟରେ ପରୀକ୍ଷାକୁ ନେଇ ଲାଗି ରହିଛି ଉତ୍କଣ୍ଠା ।ଚ଼ଳିତ ବର୍ଷ ରାଜ୍ୟର ୫ଲକ୍ଷ ୬୧ ହଜାର ୯୭୯ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ୩୦୮୨ କେନ୍ଦ୍ରରେ ହେବ ପରୀକ୍ଷା । ସକାଳ ୯ଟାରୁ ଆରମ୍ଭ ହେବ ପରୀକ୍ଷା । ପରୀକ୍ଷାକୁ ଶୃଙ୍ଖଳିତ ଭାବେ ସାରିବା ବଡ ଆହ୍ୱାନ ହୋଇଥିବାରୁ ସରକାରଙ୍କ ପକ୍ଷରୁ ଏଥର ସ୍ୱତନ୍ତ୍ର ବ୍ୟବସ୍ଥା କରଯାଇଛି ।

## ସଚିବସ୍ତରୀୟ ବୈଠକ କଲେ ମୁଖ୍ୟ ସଚିବ

**ଭୁବନେଶ୍ୱର,୧୮।୨(ମହାଭାରତ):** ମୁଖ୍ୟ ଶାସନ ସଚ଼ିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଆଜି ସଚ଼ିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭ ଲକ୍ଷ୍ୟ ରଖି ପ୍ରସ୍ତୁତି ହୋଇଥିବା ୨ ବର୍ଷିଆ ଆକ୍ସନ ପ୍ଲାନର କାର୍ଯ୍ୟକାରିତା ନେଇ ନିୟମିତ ସମୀକ୍ଷା ଓ ଏ ନେଇ ନିର୍ଦ୍ଧାରିତ ପ୍ରମୁଖ ପ୍ରଦର୍ଶନ ସୂଚ଼କାଙ୍କ (କେପିଆଇ)କୁ ସରଳୀକରଣ କରି କାର୍ଯ୍ୟ ଅଗ୍ରଗତି କରିବାକୁ ମୁଖ୍ୟ ଶାସନ ସଚ଼ିବ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶିତ ୧୫ ବିନ୍ଦୁ କାର୍ଯ୍ୟସୂଚ଼ୀ ମଧ୍ୟରେ ଭିଜନ ଡକ୍ୟୁମେଣ୍ଟ ଲକ୍ଷ୍ୟ କାର୍ଯ୍ୟକାରୀ କରିବା ଅନ୍ୟତମ ପ୍ରାଥମିକତା ରହିଥିବାରୁ ଓଡ଼ିଶାର ଦୀର୍ଘମିଆଦୀ ଲକ୍ଷ୍ୟ ହାସଲ ପାଇଁ ଏଥିପ୍ରତି ସମସ୍ତ ବିଭାଗମାନେ ଗୁରୁତ୍ୱ ଦେବା ଓ ନିୟମିତ ସମୀକ୍ଷା ସଂପର୍କରେ ମୁଖ୍ୟ ସଚ଼ିବ ଆଲୋଚ଼ନା କରି ପରାମର୍ଶ ଦେଇଥିଲେ । ବୈଠକରେ ମୁଖ୍ୟ ଶାସନ ସଚ଼ିବ ମଧ "୩୬ ଫର ୩୬" ପ୍ରମୁଖ ପଦକ୍ଷେପ ଅନ୍ତର୍ଗତ ପ୍ରତ୍ୟେକ ଜିଲ୍ଲାରେ ସନ୍ତୁଳିତ ଓ ସମୟବଦ୍ଧ ବିକାଶ ଉପରେ ଗୁରୁତ୍ୱ ଦେଇ ବଡ଼ ବଡ଼ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ନେଇ ସମୀକ୍ଷା ଓ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ।



ବୈଠକରେ ମୁଖ୍ୟ ଶାସନ ସଚ଼ିବ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ ସଂପର୍କରେ ନିଯୁକ୍ତି ନେଇ ଗୁରୁତ୍ୱାରୋପ କରିଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀଗୁଡ଼ିକ ପୂରଣ କରିବା ପାଇଁ ସବୁବେଳେ ଗୁରୁତ୍ୱାରୋପ କରିଆସୁଥିବା ବେଳେ ଆଗାମୀ ଜୁନ୍ ୨୦୨୬ ସୁଦ୍ଧା ୬୫,୦୦୦ ନିଯୁକ୍ତି ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ନୂତନ ସରକାର ଗଠନ ପରେ ଅଦ୍ୟାବଧି ବିଭିନ୍ନ ବିଭାଗମାନଙ୍କ ଦ୍ୱାରା ନିଯୁକ୍ତି ପ୍ରକ୍ରିୟାରେ ତଥା ନିଯୁକ୍ତି ମେଳା ମାଧ୍ୟମରେ ୩୯,୫୦୦ ଜଣଙ୍କୁ ନିଯୁକ୍ତି ଦିଆଯାଇଛି । ଆଗାମୀ ୩ ମାସ ମଧ୍ୟରେ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସମୀକ୍ଷା କରାଯାଇଥିଲା ।୩ ମାସ ମଧ୍ୟରେ ଆଉ ୩୪,୬୪୧ ନିଯୁକ୍ତି ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ପ୍ରାପ୍ତ ପ୍ରସ୍ତାବ ଅନୁସାରେ ଓଡ଼ିଶା ଲୋକସେବା ଆୟୋଗ, ଓଡ଼ିଶା କର୍ମଚ଼ାରୀ ଚ଼ୟନ ଆୟୋଗ ଏବଂ ଓଡ଼ିଶା ଅଧସ୍ତନ କର୍ମଚ଼ାରୀ ଚ଼ୟନ ଆୟୋଗ ଆଦିଙ୍କୁ ନିଯୁକ୍ତି ପାଇଁ ଅନୁରୋଧ କରାଯାଇଛି । ବିଭିନ୍ନ ବିଭାଗରେ ନିଯୁକ୍ତି ନେଇ ରହୁଥିବା ବିଭିନ୍ନ ସମସ୍ୟା ଓ ସମାଧାନ ସଂପର୍କରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚ଼ିବ ଆଲୋଚ଼ନା କରିଥିଲେ । ବିଭିନ୍ନ ବିଭାଗମାନଙ୍କୁ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନେଇ ନିୟମିତ ସମୀକ୍ଷା ସହ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚ଼ିବ ପରାମର୍ଶ ଦେଇଛନ୍ତି । ତତ୍ ସହିତ ଆଗାମୀ ବର୍ଷରେ ମଧ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ସମ୍ପର୍କରେ ଆଲୋଚ଼ନା କରାଯାଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ନିୟମିତ ତଥ୍ୟ ପ୍ରେରଣ ପାଇଁ ମୁଖ୍ୟ ଶାସନ ସଚ଼ିବ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ଦେଓ ରଂଜନ କୁମାର ସିଂଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ, ପ୍ରମୁଖ ଶାସନ ସଚ଼ିବ ଏବଂ କମିଶନର ତଥା ଶାସନ ସଚ଼ିବମାନେ ଯୋଗଦେଇ ଆଲୋଚ଼ନାରେ ଅଂଶଗ୍ରହଣ କରିଥିଲେ ।

## ଜେଲ୍ ବିଭାଗରେ ଲୋକ ବଳ ଅଭାବ

**ଭୁବନେଶ୍ୱର,୧୮।୨ (ମହାଭାରତ):** ଗତ କିଛିଦିନ ହେଲା ଜେଲ ବିଭାଗରେ ଅନେକ ବ୍ୟତିକ୍ରମ ଦେଖାଯାଇଛି । କେତବେଳେ ଅନ୍ତେବାସୀ ଖସି ଯାଉଛନ୍ତି ତ କେତେବେଳେ ଅନ୍ତେବାସୀଙ୍କ ସୁନା ଚୋରି ଅଭିଯୋଗ ଆସୁଛି। ଏଭଳି କିଛି ଘଟଣାକ୍ରମକୁ ନେଇ ମୁହଁ ଖୋଲିଛନ୍ତି ଜେଲ ଡିଜି ।

ଜେଲ ଡିଜି ସୁଶାନ୍ତ ନାଥ କହିଛନ୍ତି ଯେ ଯେଉଁମାନେ ବିଭିନ୍ନ ଅବହେଳା ପାଇଁ ଦାୟୀ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ଲୋକ ବଳ ଅଭାବ ଏବେ ଜେଲ ବିଭାଗରେ ଏକ ପ୍ରମୁଖ ସମସ୍ୟା ପାଲଟିଛି । ମଡର୍ଣ୍ଣ ଜେଲ ମାନୁଆଲ ଅନୁଯାୟୀ ୫୦ ପ୍ରତିଶତ କର୍ମଚାରୀ ରହିଛନ୍ତି । ସାରା ରାଜ୍ୟରେ ବର୍ତମାନ ୧୮ ହଜାର ଅନ୍ତେବାସୀ ରହିଛନ୍ତି । ଅନ୍ତେବାସୀଙ୍କ ମଧ୍ୟରେ ସୁଧାର ଆଣିବା ସହ ସେମାନଙ୍କ ମାନସିକତା ରେ ପରିବର୍ତନ ଆଣିବା ପାଇଁ ବିଭିନ୍ନ ଯୋଜନା ହାତକୁ ନିଆଯାଉଛି । ଯୋଗ ପ୍ରାଣାୟମ ପାଇଁ ଯୋଗ ଶିକ୍ଷକଙ୍କୁ ନିଯୁକ୍ତ କରିଛି ଜେଲ ବିଭାଗ । କିଛି କାଉନ୍ସିଲରଙ୍କୁ ନିଯୁକ୍ତି ମିଳିଛି। ନିଶା ଛଡ଼ାଇବା ପାଇଁ ବ୍ୟବସ୍ଥା କରାଯାଇଛି । ସ୍କିଲ ଇଣ୍ଡିଆ ଜରିଆରେ ଅନ୍ତେବାସୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜେଲ ପରିସରରେ ଚାଷ, ହାତ ତିଆରି ସାମଗ୍ରୀର ପ୍ରଶିକ୍ଷଣ ଓ ବିକ୍ରୟ ପାଇଁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି । ଏହାବାଦ ମଧ୍ୟ ପାଚେରୀ ଡେଇଁ ଜେଲ ପରିସରକୁ ନିଶା ଦ୍ରବ୍ୟ ଚାଲାଣ ନେଇ ବାରମ୍ବାର ଅଭିଯୋଗ ପରେ ବର୍ତମାନ ଜେଲ ପାଚେରୀ ମାନଙ୍କରେ ଏଆଇ କ୍ୟାମେରା ଇନଷ୍ଟଲ କରିବା ପାଇଁ ଜେଲ ବିଭାଗ ଯୋଜନା ଚଳାଉଛି। ୨୦୨୪ ରେ ୧୨ ଜଣ ଜେଲରୁ ଚମ୍ପଟ ମାରିଥିବା ବେଳେ ୨୦୨୫ ରେ ୬ ଜଣ ଚମ୍ପଟ ମାରିଥିଲେ । ପାରୋଲ ରେ ଯାଇ ଫେରୁନଥିବା ଅନ୍ତେବାସୀଙ୍କୁ ଧରିବା ପାଇଁ ପୋଲିସ ସହାୟତାରେ ସ୍ପେଶାଲ ଡ୍ରାଇଭ ଚାଲିଛି । ତେବେ ଜେଲ ବିଭାଗର କିଛି ଗୁପ୍ତ ଖବର ବାହାରକୁ ଆସୁଥିବା ନେଇ ବର୍ଷିଛନ୍ତି ଜେଲ ଡିଜି । ବିଭାଗରେ କିଛି ଦୁର୍ନୀତିଗ୍ରସ୍ତ ତଥା ବିଶୃଙ୍ଖଳ ଅଫିସର ଏଭଳି ଖବର ବାହାରକୁ ଆଣୁଥିବା କହିଛନ୍ତି ଜେଲ୍ ଡିଜି।

## ଭାରତ-ଫ୍ରାନ୍ସ ସହଯୋଗ ଏକାଡେମିକ ସହ ଗବେଷଣାକୁ ନୂଆ ଉର୍ଜା ଦେବ : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୮।୨(ମହାଭାରତ):** ଜ୍ଞାନ ହିଁ ଭାରତ ଓ ଫ୍ରାନ୍ସ ମଧ୍ୟରେ ସବୁଠାରୁ ଶକ୍ତିଶାଳୀ ସେତୁ। 'ରଶ୍' କାର୍ଯ୍ୟକ୍ରମ ଦ୍ୱାରା ଉଭୟ ଦେଶ ମଧ୍ୟରେ ଏକାଡେମିକ ଏବଂ ଗବେଷଣା କ୍ଷେତ୍ରରେ ନୂତନ ଉର୍ଜା ସୃଷ୍ଟି ହେବ। ବୁଧବାର ଏମ୍ସ, ନୂଆଦିଲ୍ଲୀ ଠାରେ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଉଚ୍ଚସ୍ତରୀୟ ଏକାଡେମିକ ଏବଂ ବୈଜ୍ଞାନିକ ସମ୍ମିଳନୀ 'ରଶ' ର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଫ୍ରାନ୍ସର ଡିଜିଟାଲ ବ୍ୟାପାର ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଆମ୍ବାସେଡର କ୍ଲାରା ଚ଼ାପାଜ୍ ମଧ୍ୟ ଉପସ୍ଥିତ ଥିଲେ ।




ଏହି ସମ୍ମିଳନୀରେ ଇଣ୍ଡୋ-ଫ୍ରେଞ୍ଚ କର୍ପୋରେସନ ଅର୍ଥାତ୍ ଭାରତ-ଫ୍ରାନ୍ସ ସହଯୋଗର ଭବିଷ୍ୟତ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଉଭୟ ଦେଶର ବିଶିଷ୍ଟ ଶିକ୍ଷାବିତ୍, ଗବେଷକ ଏବଂ ନବସୃଜନକାରୀମାନଙ୍କୁ ସ୍ୱାଗତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସକୁ ସର୍ବସାଧାରଣଙ୍କ ନିକଟରେ ପହଞ୍ଚାଇବା ଏବଂ ଏହାର ସଠିକ୍ ଉପଯୋଗ କରିବା ପାଇଁ ମିଳିତ ସହଯୋଗର ଆବଶ୍ୟକତା ରହିଛି । ଅତ୍ୟାଧୁନିକ ଗବେଷଣା ଏବଂ ନବସୃଜନ ମାଧ୍ୟମରେ ଦୀର୍ଘକାଳୀନ ସମୃଦ୍ଧି, ସ୍ଥାୟୀ ବିକାଶ ସହ ବିଶ୍ୱ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଉଭୟ ଦେଶର ପ୍ରାଥମିକତାରେ ରହିଛି । ଏହି ଉଚ୍ଚସ୍ତରୀୟ ବୈଠକ ଆଗାମୀ ଦିନରେ ଭାରତ-ଫ୍ରାନ୍ସ ମଧ୍ୟରେ ରଣନୈତିକ ସମ୍ପର୍କକୁ ଆହୁରି ମଜବୁତ କରିବା ସହ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଭାରତ-ଫ୍ରାନ୍ସ ସମ୍ପର୍କ ବିଶ୍ୱର କଲ୍ୟାଣ ଏବଂ ସ୍ଥିରତା ପାଇଁ ଏକ ପ୍ରମୁଖ ଶକ୍ତି ହେବ । ଦ୍ୱିପାକ୍ଷିକ ସମ୍ପର୍କକୁ ଏକ 'ବିଶ୍ୱସ୍ତରୀୟ ରଣନୈତିକ ସହଭାଗିତା'ରେ ପରିଣତ କରିବା ଦ୍ୱାରା ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଥିବା ଦୀର୍ଘକାଳୀନ ସହଯୋଗକୁ ଆଗାମୀ ଦଶନ୍ଧିଗୁଡ଼ିକରେ ବଡ଼ଗତି ମିଳିବ । ଏହା ଅର୍ଥନୈତିକ ସୁରକ୍ଷାକୁ ପ୍ରୋତ୍ସାହିତ କରିବା, ପାରସ୍ପରିକ ସମୃଦ୍ଧିକୁ ଆଗକୁ ବଢ଼ାଇବା ଏବଂ ଏକ ନିୟମ-ଭିତ୍ତିକ ବିଶ୍ୱ ବ୍ୟବସ୍ଥା ଗଠନ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନଙ୍କ ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଦୁଇ ଦେଶ ମଧ୍ୟରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଖଣିଜ ଓ ଧାତୁ, ସ୍ୱଚ୍ଛ ଶକ୍ତି, ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଏବଂ ଦକ୍ଷତା ବିକାଶ ସମେତ ୨୧ଟି କ୍ଷେତ୍ରରେ ସହଯୋଗକୁ ମଜବୁତ କରିବା ପାଇଁ ହୋଇଥିବା 'ଯୁଗ୍ମ ଅଭିପ୍ରାୟ ଘୋଷଣାନାମା' ସ୍ୱାଗତଯୋଗ୍ୟ । ଏହା ବୈଷୟିକ ସହଯୋଗକୁ ପ୍ରୋତ୍ସାହିତ କରିବ, ବିଭିନ୍ନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବ ଏବଂ ଡିଜିଟାଲ୍, ବୈଷୟିକ ତଥା ଅର୍ଥନୈତିକ ପ୍ରଗତି ପାଇଁ ପଥ ପ୍ରଶସ୍ତ କରିବ । ଏହି ବିଶ୍ୱସ୍ତରୀୟ ରଣନୈତିକ ସହଭାଗିତା ବର୍ତ୍ତମାନର ସହଯୋଗକୁ ସମୃଦ୍ଧ କରିବା ସହ ଶିକ୍ଷା, ବୈଜ୍ଞାନିକ ଜ୍ଞାନ, ଗବେଷଣା, ନବସୃଜନ, ସାଇବର ସ୍ପେସ୍, ପ୍ରତିରକ୍ଷା, ସ୍ୱାସ୍ଥ୍ୟସେବା, ଏଆଇ, ସୂକ୍ଷ୍ମ ଖଣିଜ ପଦାର୍ଥ, ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ଷ୍ଟାର୍ଟ-ଅପ୍ କ୍ଷେତ୍ରରେ ସହଭାଗିତାର ନୂତନ ଦ୍ୱାର ଫିଟାଇବ । ଏହି ପଦକ୍ଷେପ ଏକ ସ୍ମାର୍ଟ, ଉଜ୍ଜ୍ୱଳ ଏବଂ ସମୃଦ୍ଧ ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ।

ଅପରପକ୍ଷରେ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬' ଅବସରରେ ଫ୍ରାନ୍ସ ସରକାରଙ୍କ ଏଆଇର ସ୍ୱତନ୍ତ୍ର ପ୍ରତିନିଧି ଆନ୍ ବୋଭେରୋଟଙ୍କୁ ଭେଟି ଖୁସି ବ୍ୟକ୍ତ କରିଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଏଆଇ କ୍ଷେତ୍ରରେ ଭାରତ-ଫ୍ରାନ୍ସ ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ମଜଭୂତ୍ କରିବା ପାଇଁ ଏକ ଫଳପ୍ରଦ ଆଲୋଚ଼ନା ହୋଇଛି । ଏଥିସହ ଗବେଷଣା, ନବସୃଜନ, ବିଜ୍ଞାନ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅଧିକ ସହଯୋଗ ପାଇଁ ଥିବା ସୁଯୋଗଗୁଡ଼ିକ ଉପରେ ମଧ୍ୟ ଆଲୋଚ଼ନା କରାଯାଇଛି । ମାନବ-କେନ୍ଦ୍ରିକ, ଦାୟିତ୍ୱବାନ, ମୁକ୍ତ ଏବଂ ସମାବେଶୀ ଏଆଇ ଢାଞ୍ଚା ବିଶ୍ୱର ବିକାଶ ଏବଂ ସମୃଦ୍ଧି ପାଇଁ ମୁଖ୍ୟ ଚାଳକ ସାଜିବ । ବିକାଶ ଏବଂ ବିଶ୍ୱର କଲ୍ୟାଣ ପାଇଁ ଏକ ନିରାପଦ, ସୁରକ୍ଷିତ, ନୈତିକ ଏବଂ ବିଶ୍ୱସଯୋଗ୍ୟ ଏଆଇ ବିକଶିତ କରିବାକୁ ଭାରତ ଏବଂ ଫ୍ରାନ୍ସ ଉଭୟ ପ୍ରତିବଦ୍ଧ ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି ।

## ଆଜି ଏଆଇ ଇମ୍ପାକ୍ଟ ସମିଟ୍ ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୧୮।୨(ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀର ଭାରତ ମଣ୍ଡପମ୍ରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ ପରିଦର୍ଶନ ଓ ଉଦଘାଟନ କରିବେ। ଏହା ପୂର୍ବରୁ ୧୮ ଫେବ୍ରୁଆରି ସଂଧ୍ୟା ୭ଟା ବେଳେ ପ୍ରଧାନମନ୍ତ୍ରୀ ଭାରତ ମଣ୍ଡପମ୍ରେ ଏହି ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରୁଥିବା ବିଭିନ୍ନ ଦେଶର ନେତାମାନଙ୍କୁ ସ୍ୱାଗତ କରିବେ। ଏହା ସହିତ ପ୍ରଧାନମନ୍ତ୍ରୀ ଏହି ସମ୍ମିଳନୀରେ ଯୋଗ ଦେଉଥିବା ବିଭିନ୍ନ ରାଷ୍ଟ୍ରମୁଖ୍ୟଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ପ୍ରଧାନମନ୍ତ୍ରୀ ଆସନ୍ତାକାଲି ତାରିଖରେ ସକାଳ ପ୍ରାୟ ୯.୪୦ ରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ ର ଉଦଘାଟନୀ ସମାରୋହରେ ଯୋଗଦେବେ।



ପ୍ରଧାନମନ୍ତ୍ରୀଙ୍କ ସହିତ, ଉଦଘାଟନୀ ସମାରୋହକୁ ଫ୍ରାନ୍ସର ରାଷ୍ଟ୍ରପତି, ଜାତିସଂଘର ମହାସଚିବ ଏବଂ ବିଶ୍ୱର ବିଭିନ୍ନ ଶୀର୍ଷ ଶିଳ୍ପ ନେତାମାନେ ମଧ୍ୟ ସମ୍ବୋଧିତ କରିବେ। ଏହା ପରେ ସେ ସକାଳ ପ୍ରାୟ ୧୧ ଟାରେ ଅନ୍ୟ ନେତାମାନଙ୍କ ସହିତ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଏକ୍ସପୋ ୨୦୨୬ ପରିଦର୍ଶନ କରିବେ, ଏହା ସହିତ ସେମାନେ ବିଭିନ୍ନ ଦେଶର ପାଭିଲିୟନ ପରିଦର୍ଶନ କରିବେ। ପ୍ରଧାନମନ୍ତ୍ରୀ ଅପରାହ୍ଣ ୧୨ ଟାରେ ଆରମ୍ଭ ହେବାକୁ ଥିବା ନେତାମାନଙ୍କ ପ୍ଲେନେରି ଅଧିବେଶନରେ ଅଂଶଗ୍ରହଣ କରିବେ। ଏହା ରାଷ୍ଟ୍ରମୁଖ୍ୟ, ମନ୍ତ୍ରୀ ଏବଂ ବହୁରାଷ୍ଟ୍ରୀୟ ସଂଗଠନର ବରିଷ୍ଠ ପ୍ରତିନିଧିମାନଙ୍କୁ ଏକତ୍ର କରି ଜାତୀୟ ଏବଂ ବିଶ୍ୱ ସ୍ତରରେ ଶାସନ, ଭିତ୍ତିଭୂମି ଏବଂ ଅନ୍ତର୍ଜାତୀୟ ସହଯୋଗ ସମେତ ଏଆଇ ଉପରେ ପ୍ରାଥମିକତା ଉପରେ ରୂପରେଖା ପ୍ରସ୍ତୁତ କରିବ।ପ୍ରଧାନମନ୍ତ୍ରୀ ସନ୍ଧ୍ୟା ୫.୩୦ ରୁ ସିଇଓ ଗୋଲଟେବୁଲରେ ଅଂଶଗ୍ରହଣ କରିବେ।

## ମାଛ ମୁଷ୍କା



**ଆବଶ୍ୟକୀୟ ସାମଗ୍ରୀ :** ମାଛ ୫୦୦ ଗ୍ରାମ, ଛୋଟ ଛୋଟ କଟା ଅଦା ୧ ଚାମଚ, କଟା ରସୁଣ ୧ ଚାମଚ, ୨ଟି କଟା ପିଆଜ, ଗୋଟେ ସିଝା ଆଳୁ, ୧ ଛୋଟ ଚାମଚ ହଳଦି ଗୁଣ୍ଡ, ୧ ଚାମଚ ଲଙ୍କା ଗୁଣ୍ଡ, ୧ ଚାମଚ ଗୋଲ ମରିଚ ଗୁଣ୍ଡ, ୨ କପ୍ ତେଲ, ଲୁଣ ସ୍ୱାଦ ଅନୁସାର, ଭଜା ବ୍ରେଡ ଗୁଣ୍ଡ, ଧନିଆ ପତ୍ର ଓ କର୍ନଫ୍ଲୋର।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଏକ ବାଉଲରେ ଦୁଇ କପ୍ ପାଣି ପକାନ୍ତୁ। ସେଥିରେ ଲୁଣ ଏବଂ ହଳଦୀ ପକାଇ ୧୦ ମିନିଟ୍ ମାଛକୁ ସିଝାଇ ଦିଅନ୍ତୁ। ଏହାପରେ ସିଝା ମଛରୁ କଣ୍ଟାକୁ ଭଲଭାବେ ବାହାର କରି ଦିଅନ୍ତୁ। ତା'ପରେ ମଛରେ ସିଝା ଆଳୁ, କଟା ପିଆଜ, ରୁଷଣ, ଅଦା, ଲଙ୍କା ଗୁଣ୍ଡ, ଗୋଳ ମରିଚ ଗୁଣ୍ଡ, ଧନିଆ ପତ୍ର, ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗୋଳା ହଆଇଥିବା ମାଛକୁ ଛୋଟ ଛୋଟ ଆକାରରେ ଗୋଲ କରିଦିଅନ୍ତୁ। ଏହାପରେ ଆଉ ଗୋଟିଏ ପାତ୍ରରେ ୨ କପ୍ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗୋଲ ଆକାର ଦିଆଯାଇଥିବା ମାଛକୁ କର୍ନଫ୍ଲୋରରେ ବୁଡାଇବା ପରେ ସେଥିରେ ବ୍ରେଡ କ୍ରମ୍ବସ୍ ଲଗାଇ ତେଲରେ ଛାଣି ଦିଅନ୍ତୁ। ଅଳ୍ପ ନାଲି ହେବା ପରେ ମାଛକୁ ପ୍ଲେଟକୁ ବାହାର କରି ପରଷନ୍ତୁ।

ଖବର

## ବାପାଙ୍କ ଦେହାନ୍ତରେ ଭାଙ୍ଗିପଡିଛନ୍ତି ଅଭିନେତା ସିଦ୍ଧାର୍ଥ ମଲହୋତ୍ରା



ବାପାଙ୍କ ଦେହାନ୍ତରେ ଭାଙ୍ଗିପଡିଛନ୍ତି ସିଦ୍ଧାର୍ଥ ମଲହୋତ୍ରା । ଗତ ୧୪ ଫେବୃଆରୀରେ ସିଦ୍ଧାର୍ଥ ମଲହୋତ୍ରାଙ୍କ ବାପା ସୁନୀଲ ମଲହୋତ୍ରା ଦିଲ୍ଲୀରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ପ୍ରେମ ଦିବସ ପାଳନ ଚାଲିଥିବାବେଳେ ସିଦ୍ଧାର୍ଥ ମଲହୋତ୍ରା ପରିବାରରେ ଶୋକର ଛାୟା ଖେଳିଯାଇଥିଲା । ବାପାଙ୍କ ଅନ୍ତିମ ସଂସ୍କାର ପାଇଁ ସିଦ୍ଧାର୍ଥ ମଲହୋତ୍ରା ଏବଂ ତାଙ୍କ ପତ୍ନୀ କିଆରା ଆଡଭାନୀ ଦିଲ୍ଲୀରେ ପହଞ୍ଚିଥିଲେ । ଅଭିନେତା ତାଙ୍କ ବାପାଙ୍କ ବିୟୋଗ ସମ୍ପର୍କରେ ସୋସିଆଲ ମିଡିଆ ପେଜରେ ସେୟାର କରିଛନ୍ତି ।ସିଦ୍ଧାର୍ଥ କହିଥିଲେ ଯେ, ''ବାପା ଅନେକ ଦିନ ଧରି ଅସୁସ୍ଥ ଥିଲେ । ମା' ହିଁ କେବଳ ବାପାଙ୍କର ଯତ୍ନ ନେଉଥିଲେ । ବାପାଙ୍କ ଅବସ୍ଥା କଥା ମା' ମତେ ଅନେକ ଦିନରୁ ଲୁଚାଇଥିଲେ। ତେଣୁ ଅନେକ ଥର ରାଗିଯାଇ ମା'ଙ୍କ ପ୍ରତି କଠୋର ହୋଇଯାଉଥିଲି । ଏବେ କିନ୍ତୁ ମୁଁ ଲଜ୍ଜିତ । କାହିଁକିନା ମୁଁ ତାଙ୍କର ତ୍ୟାଗକୁ ଠିକ୍ ଭାବେ ବୁଝିପାରି ନଥିଲି । ଏବେ ମୁଁ ଅନୁଭବ କରୁଛି ଯେ ତାଙ୍କୁ ଭଲପାଇବା ସହିତ ବାପାଙ୍କର ଚିକିତ୍ସା କରିବା ଜରୁରୀ ଥିଲା ।''ସିଦ୍ଧାର୍ଥଙ୍କ ବାପା ମର୍ଚ୍ଚା□ ନେଭିରେ ଜଣେ କ୍ୟାପ୍ଟେନ୍ ଥିଲେ। ତାଙ୍କ ବାପା ପାରାଲିସିସ୍ ହେବାରୁ ହ୍ୱିଲଚେୟାର ବ୍ୟବହାର କରୁଥିଲେ । 'ଯୋଦ୍ଧା' ଫିଲ୍ମର ସ୍କ୍ରିନିଂ ସମୟରେ ସିଦ୍ଧାର୍ଥ ତାଙ୍କ ବାପାଙ୍କ ଯତ୍ନ ନେଉଥିଲେ। ବିବାହ ପରେ ଦମ୍ପତି ସୁନୀଲ ମଲହୋତ୍ରାଙ୍କର ମଧ୍ୟ ଦେଖାଶୁଣା କରୁଥିଲେ ।

## ଶୁଭଫଳ ପାଇଁ ୫ଟି ଗୁଜୁରାତି





ଅନେକ ସମୟରେ ଛୋଟ ଛୋଟ ଜିନିଷ ଅନେକ ଉପକାର କରିଥାଏ। ଏପରି ହିଁ ଏକ ଜିନିଷ ହେଉଛି ଗୁଜୁରାତି। ଏହାର କିଛି ସ୍ୱତନ୍ତ୍ର ବ୍ୟବହାର ଆଶ୍ଚର୍ଯ୍ୟଜନକ ଲାଭ ଦେଇଥାଏ। ଏହା ଖାଦ୍ୟର ସ୍ୱାଦ ଓ ବାସ୍ନା ଯେପରି ବୃଦ୍ଧି କରିଥାଏ, ସେହିପରି ଭାଗ୍ୟରେ ମଧ୍ୟ ସୁପରିବର୍ତ୍ତନ ଆଣିଥାଏ।

୧- ଯଦି ଆପଣ ଧନ ବୃଦ୍ଧି ଓ ପର୍ସରେ ସର୍ବଦା ଟଙ୍କା ରଖିବାକୁ ଚାହୁଁଛନ୍ତି, ତେବେ ନିଜ ପର୍ସରେ ୫ଟି ଗୁଜୁରାତି ନିଶ୍ଚୟ ରଖନ୍ତୁ।

୨- ଯଦି ଉତ୍ତମ ଗୁଣ ଓ ସୁନ୍ଦର ପତ୍ନୀ ପାଇଁ ଇଚ୍ଛା ତେବେ ୫ଟି ଗୁଜୁରାତି ହଳଦିଆ ବସ୍ତ୍ର ସହ କୌଣସି ଅସହାୟଙ୍କୁ ଗୁରୁବାର ଦାନ କରନ୍ତୁ।

୩- ବହୁ ପରିଶ୍ରମ ପରେ ମଧ୍ୟ ଆଶାନୁରୂପ ରୋଜଗାର ନହେଉଥିଲେ କିମ୍ବା କର୍ମକ୍ଷେତ୍ରରେ ପଦୋନ୍ନତି ହେଉନଥିଲେ ପ୍ରତ୍ୟେକ ଦିନ ରାତିରେ ଏକ ହଳଦିଆ କପଡ଼ାରେ ଗୁଜୁରାତିକୁ ବାନ୍ଧି ତକିଆ ତଳେ ରଖି ଶୁଅନ୍ତୁ। ସକାଳେ ସେହି ଗୁଜୁରାତିକୁ ଦାନ କରନ୍ତୁ।

୪- ପାଠ ପଢାରେ ଉନ୍ନତି ପାଇଁ ଖିରରେ ଏକ ଗୁଜୁରାତି ପକାଇ ପ୍ରତ୍ୟେକ ଦିନ ପିଅନ୍ତୁ।

୫- ସୁଖମୟ ଦାମ୍ପତ୍ୟ ଜୀବନ ପାଇଁ ପତ୍ନୀ ନିଜ ପତିଙ୍କୁ ଖାଦ୍ୟ, ମିଠାଦ୍ରବ୍ୟ, ଯେ କୌଣସି ବ୍ୟଞ୍ଜନରେ ଗୁଜୁରାତି ପକାଇ ଖୁଆନ୍ତୁ।

## ଭାତ ଖାଇବା ପରେ ଓ ପୂର୍ବରୁ ଏହି ଭୁଲ୍ କରୁଛନ୍ତି କି ?



ଭାରତୀୟ ଖାଦ୍ୟରେ ଭାତ ଏକ ମୁଖ୍ୟ ଖାଦ୍ୟ। ତେଣିକି ତାହା ଘରୋଇ ରନ୍ଧା ଭାତ ହେଉ କିମ୍ବା ବିରିୟାନୀ। ଅନେକ ସମୟରେ ଭାତ ଖାଇବା ପରେ ଏଭଳି କିଛି ଖାଦ୍ୟ ଖାଇ ଥାଆନ୍ତି, ଯାହା ପେଟ ପାଇଁ କ୍ଷତିକାରକ ହେବା ସହ ପାଚନ ଜନିତ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ପାଚନକୁ ସୁସ୍ଥ ରଖିବା ପାଇଁ ଭାତ ଖାଇବା ପରେ ଓ ପୂର୍ବରୁ କେଉଁ ଖାଦ୍ୟ ଖାଇବା ଉଚିତ ଓ ଅନୁଚିତ ଜାଣନ୍ତୁ..

ଭାତକୁ ଭଲ ଭାବେ ହଜମ ହେବା ପାଇଁ କିଛି ଖାଦ୍ୟକୁ ଭାତ ଖାଇବା ପୂର୍ବରୁ ଓ ପରେ ଖାଆନ୍ତୁ ନାହିଁ। ଭାତକୁ ଖାଇବା ସମୟରେ ଭଲ ଭାବେ ଚୋବାଇ ଖାଆନ୍ତୁ। ଏହାଦ୍ୱାରା ଭଲ ଭାବେ ହଜମ ହୋଇଥାଏ।

ଭାତ ଖାଇବା ପୂର୍ବରୁ ଅଧିକ ଫ୍ୟାଟ୍ୟୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଏହା ହଜମ ହେବାକୁ ଅଧିକ ସମୟ ଲାଗିଥାଏ ଓ ଭାତରେ କାର୍ବୋହାଇଡ୍ରେଟ ଥିବାରୁ ଏହା ମଧ୍ୟ ହଜମ ହେବାରେ ସମୟ ନେଇଥାଏ। ତେଣୁ ଭାତ ଖାଇବା ପୂର୍ବରୁ ଫ୍ୟାଟ୍ୟୁକ୍ତ ଖାଦ୍ୟ ଖାଇବା ଅନୁଚିତ। ଅନ୍ୟ ହାଲକା ଯୁକ୍ତ ଖାଦ୍ୟ ଖାଇପାରିବେ।

ଅଧିକ ମସଲାଯୁକ୍ତ ଖାଦ୍ୟ ପାଚନ ପାଇଁ କ୍ଷତିକାରକୟ ଏହାଦ୍ୱାରା ଛାତିରେ ଜଳାପୋଡା, ଏସିଡିଟି ଆଦି ହୋଇଥାଏୟ ଭାତ ଖାଇବା ପୂର୍ବରୁ ମସଲା ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ।

ପନିପରିବା ପାଚନ ପାଇଁ ଉପକାରୀ। ଭାତ ଖାଇବା ପୂର୍ବରୁ କଞ୍ଚା ପରିବା ଖାଆନ୍ତୁ ନାହିଁ। କଞ୍ଚା ପରିବାରେ ଫାଇବର ଅଧିକ ମାତ୍ରାରେ ରହିଥାଏ। ଗ୍ୟାଷ୍ଟ୍ରିକ୍ ସମସ୍ୟା ମଧ୍ୟ ହୋଇଥାଏ। ତେଣୁ ଏହାକୁ ସିଝାଇ କିମ୍ବା ବାମ୍ପ ଦେବା ପରେ ଖାଆନ୍ତ। ବିଶେଷ କରି ଯେଉଁମାନଙ୍କର ହଜମ ଜନିତ ସମସ୍ୟା ରହିଛି,ସେମାନେ ଭାତ ଖାଇବା ପରେ କୌଣସି କ୍ଷୀର କିମ୍ବା ଛେନା ଜାତୀୟ ଖାଦ୍ୟ ଖାଆନ୍ତୁ ନାହ। ଭାତ ଖାଇବା ପରେ ଏସବୁ ଖାଦ୍ୟ ଖାଇବା ଦ୍ୱାରା ପାଚନ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ।

ଭାତ ଖାଇବା ପରେ ତୁରନ୍ତ ଅଧିକ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଏହା ପାଚନ ତନ୍ତ୍ରକୁ ଧିମା କରିଥାଏ। ଖାଦ୍ୟ ହଜମ ହେବାକୁ ଅଧିକ ସମୟ ମଧ୍ୟ ଲାଗି ଥାଏ ।ଭାତ ଖାଇବା ପରେ ସଙ୍ଗେ ସଙ୍ଗେ ମିଠା ଜାତୀୟ ଜିନିଷ କିମ୍ବା ମିଠା ଖାଆନ୍ତୁ ନାହିଁ। ଏହା ରକ୍ତରେ ଶର୍କରାର ସ୍ତରକୁ ବୃଦ୍ଧି କରିଥାଏ। ଶରୀରକୁ ଶକ୍ତି ଯୋଗାଇବାରେ ମଧ୍ୟ ପ୍ରଭାବ ପକାଇଥାଏ।



## ଲାଲ୍ ଅଙ୍ଗୁର ସ୍ୱାସ୍ଥ୍ୟ ସହ ତ୍ୱଚ ପାଇଁ ହୋଇଥାଏ ଖୁବ୍ ଲାଭକାରୀ



ନାଲି ଅଙ୍ଗୁର ଖାଇବା ଦ୍ୱାରା ଶରୀରକୁ ଅନେକ ଉପକାର ମିଳିଥାଏ। ବିଶେଷ କରି ଏହା ଚେହେରା ପାଇଁ ଅଧିକ ଲାଭଦାୟକ ହୋଇଥାଏ। ସୁସ୍ଥ ଖାଦ୍ୟ ଖାଇବା ଦ୍ୱାରା ତ୍ୱଚକୁ ଚମକ ଆଣିଥାଏ। ତ୍ୱଚକୁ ଚମକାଇବା ଏବଂ ଉଜ୍ଜ୍ୱଳ ପାଇଁ ଅଙ୍ଗୁର ଅତ୍ୟନ୍ତ ଲାଭଦାୟକ । ଏପରି ପରିସ୍ଥିତିରେ, ଆପଣ ନିଜ ଖାଦ୍ୟରେ ନାଲି ଅଙ୍ଗୁରକୁ ସାମିଲ୍ ନିହାତି ଆବଶ୍ୟକ। ଯାହା ଖାଇବା ଦ୍ୱାରା ଚେହେରାରେ ଥିବା ଦାଗକୁ ସମ୍ପୂର୍ଣ୍ଣ ରୂପେ ସଫା କରିଥାଏ । ନାଲି ଅଙ୍ଗୁର ବ୍ୟବହାର କରିବାର ଅନେକ ଉପାୟ ଅଛି । ଯଦି ଆପଣ ଚାହାଁନ୍ତି, ତେବେ ଏହାକୁ ନିଜ ଖାଦ୍ୟରେ ନେଇ ଖାଇପାରିବେ କିମ୍ବା ଫେସ୍ ପ୍ୟାକ୍ ପ୍ରସ୍ତୁତ କରି ମୁହଁରେ ଲଗାଇ ପାରିବେ।

**ନାଲି ଅଙ୍ଗୁରର ଉପକାର:**

■ ଅକ୍ସିଡେଟିଭ୍ ଷ୍ଟ୍ରେସ୍ ବା ଅତ୍ୟଧିକ ଚାପ ଚର୍ମ ରୋଗର କାରଣ ହୋଇପାରେ। ତେଣୁ ଲାଲ୍ ଅଙ୍ଗୁର ଏଥିରେ ବହୁତ ଉପକାରୀ। ଅମ୍ଳଜାନ ଚାପକୁ କମାଇବାରେ ଲାଲ୍ ଅଙ୍ଗୁର ବହୁତ ସହାୟକ ହୋଇଥାଏ।

■ ନାଲି ଅଙ୍ଗୁରରେ ଭିଟାମିନ୍ ସି ଭରପୁର ମାତ୍ରାରେ ରହିଥାଏ। ଭିଟାମିନ୍-ସି ଚର୍ମକୁ ସୁନ୍ଦର କରିଥାଏ।

■ ଚର୍ମରେ ଥିବା ଦାଗ ଏବଂ ବ୍ରଣକୁ ଭଲ କରିବାରେ ଲାଲ୍ ଅଙ୍ଗୁର ମଧ୍ୟ ସହାୟକ ହୋଇଥାଏ।

■ ନାଲି ଅଙ୍ଗୁରରେ ରେସଭାଟ୍ରୋଲ୍ ଥାଏ, ଯାହା ବାର୍ଦ୍ଧକ୍ୟର ଲକ୍ଷଣ ତଥା ବୟସ ବଢୁଥିବା ଲକ୍ଷଣକୁ ହ୍ରାସ କରିଥାଏ । ରେସଭାଟ୍ରୋଲ୍ ଏକ ଆଣ୍ଟିଅକ୍ସିଡା□, ଯାହା ସୁସ୍ଥ ଚର୍ମକୁ ବଜାୟ ରଖିବାରେ ସାହାଯ୍ୟ କରିଥାଏ।

■ ଲାଲ୍ ଅଙ୍ଗୁରରେ ଆଣ୍ଟି-ବ୍ୟାକ୍ଟେରିଆଲ୍, ଆଣ୍ଟିଭାଇରାଲର ଗୁଣ ମଧ୍ୟ ରହିଥାଏ । ଏହି ଗୁଡିକ ଚର୍ମ ସଂକ୍ରମଣରୁ ରକ୍ଷା କରିଥାଏ।

**କିପରି ବ୍ୟବହାର କରିବେ:**

■ ଯଦି ଆପଣ ଚାହାଁନ୍ତି, ଆପଣ ନିଜ ଖାଦ୍ୟରେ ନାଲି ଅଙ୍ଗୁର ମଧ୍ୟ ଅନ୍ତର୍ଭୁକ୍ତ କରିପାରିବେ। ଯେମିତିକି ଫଳ ଆକାରରେ ଖାଇ ପାରିବେ । ନଚେତ ସାଲାଡ୍ ଆକାରରେ । ଏଥିରେ ଥିବା ଭିଟାମିନ୍ ସି, ଭିଟାମିନ୍ ଇ ଏବଂ ଆଣ୍ଟିଅକ୍ସିଡା□ ତ୍ୱଚ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ।

■ ଲାଲ୍ ଅଙ୍ଗୁରକୁ ଆପଣ ଫେସ୍ ପ୍ୟାକ୍ ଭାବରେ ମଧ୍ୟ ବ୍ୟବହାର କରିପାରିବେ । ଏଥିପାଇଁ ଆପଣ ଟମାଟୋ ଏବଂ ଅଙ୍ଗୁରକୁ ମିଶାଇ ଉଭୟକୁ ଭଲ ଭାବରେ ମାଲିସ୍ କରନ୍ତୁ ଏବଂ ତା'ପରେ ୨୦ ମିନିଟ୍ ପରେ ପାଣିରେ ଧୋଇ ଦିଅନ୍ତୁ। ଏହି କାରଣରୁ ଚେହେରାର ଥିବା ବ୍ରଣ ଏବଂ ଦାଗ ଭଲ ହୋଇଯାଏ।

## ଚିନ୍ତା,ଆର୍ଥିକ ସମସ୍ୟା ଲାଗି ରହୁଛି କି ?

ହିନ୍ଦୁ ଧର୍ମରେ ବାସ୍ତୁ ଶାସ୍ତ୍ରର ଖୁବ ମହତ୍ୱ□ ରହିଛି। ବାସ୍ତୁ ଶାସ୍ତ୍ରରେ ଘରର ପ୍ରତ୍ୟେକ ଛୋଟ ଠାରୁ ଆରମ୍ଭ କରି ବଡ ଜିନିଷ ରଖିବା ପାଇଁ ନିୟମ ବର୍ଣ୍ଣନା କରାଯାଇଛି। ବାସ୍ତୁର ଏହି ନିୟମ ପ୍ରତି ଧ୍ୟାନ ଦେବା ଦ୍ୱାରା ଗୃହରେ ସୁଖଶାନ୍ତି ବୃଦ୍ଧି ହୋଇଥାଏ। ତେବେ ଏପରି କିଛି ସରଳ ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି,ଯାହାର ପାଳନ କରିବା ଦ୍ୱାରା ଚିନ୍ତା ଦୂର ହୋଇଥାଏ। ଜାଣନ୍ତୁ..



ବାସ୍ତୁ ଅନୁଯାୟୀ, ସର୍ବଦା ଦକ୍ଷିଣ କିମ୍ବା ପୂର୍ବ ଦିଗକୁ ମୁଣ୍ଡ କରି ଶୋଇବାକୁ ପରାମର୍ଶ ଦିଆଯାଇଛି। ମାତ୍ର ଉତ୍ତର ଦିଗକୁ ମୁଣ୍ଡ କରି ଶୋଇବାକୁ ବାରଣ କରାଯାଇଛି। ଉତ୍ତର ଦିଗକୁ ମୁଣ୍ଡ କରି ଶୋଇବା ଦ୍ୱାରା ଗୋଡ ଦକ୍ଷିଣ ଆଡକୁ ରହିଥାଏ। ଫଳରେ ମାନସିକ ଦୁଃଶ୍ଚିନ୍ତା ଲାଗି ରହିଥାଏ। ଉତ୍ତମ ନିଦ ମଧ୍ୟ ହୋଇନଥାଏ। ତେଣୁ ଶୟନ ପାଇଁ ଦିଗ ପ୍ରତି ନିଶ୍ଚୟ ଧ୍ୟାନ ଦିଅନ୍ତୁ।

ବାସ୍ତୁ ଅନୁଯାୟୀ, ଶୟନ କକ୍ଷରେ ଖଟ ସମ୍ମୁଖରେ ଆଇନା କିମ୍ବା ଡ୍ରେସିଙ୍ଗ୍ ଟେବୁଲ ରଖିବା ଉଚିତ ନୁହେଁ। ଶୟନ କକ୍ଷରେ ଆଇନା କିମ୍ବା ଡ୍ରେସିଙ୍ଗ୍ ଟେବୁଲ ଥିଲେ ବ୍ୟବହାର ସମୟ ବ୍ୟତୀତ ଅନ୍ୟ ସମୟରେ ଏହାକୁ କପଡା ଦ୍ୱାରା ଢାଙ୍କି ରଖନ୍ତୁ। ଶୟନ କକ୍ଷରେ ଟିଭି ମଧ୍ୟ ରଖନ୍ତୁ ନାହିଁ। ଘରର ଅଗଣାକୁ ସର୍ବଦା ସଫାସୁତୁରା ରଖନ୍ତୁ ।କଦାପି ଅସନା ଅପରିଷ୍କାର ରଖନ୍ତୁ ନାହିଁୟ ଏହାକୁ ଅଣଦେଖା କରିବା ଦ୍ୱାରା ମାନସିକ ଦୁଃଶ୍ଚିନ୍ତା ଲାଗି ରହେ। ଏହାସହ ଖରାପ ବୈଦ୍ୟୁତିକ ଉପକରଣ ମଧ୍ୟ ଘରେ ରଖନ୍ତୁ ନାହିଁ। ଏହାଦ୍ୱାରା ନକରାତ୍ମକ ଶକ୍ତି ପ୍ରବେଶ କରିଥାଏୟ ଚିନ୍ତା ଓ କଳହ ଲାଗି ରହିଥାଏ ।ବାସ୍ତୁ ଅନୁଯାୟୀ, ଘରର କବାଟ କଦାପି ପରସ୍ପର ସମ୍ମୁଖରେ ହେବା ଉଚିତ ନୁହେ। ଏହାଦ୍ୱାରା ବାସ୍ତୁ ସମସ୍ୟା ସୃଷ୍ଟି ହେବା ଆର୍ଥିକ ସମସ୍ୟା ମଧ୍ୟ ଲାଗି ରହିଥାଏ।



## ତୃଣମୂଳ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଦିଆଯିବ ପ୍ରଶିକ୍ଷଣ



ଭୁବନେଶ୍ୱର,୧୮।୨ (ମହାଭାରତ): ପ୍ରଶିକ୍ଷଣ ଭାରତୀୟ ଜନତାପାର୍ଟି କାର୍ଯ୍ୟକର୍ତାମାନଙ୍କର ଏକ ପ୍ରମୁଖ ଅଙ୍ଗ। ବିଜେପି ତାର କାର୍ଯ୍ୟକର୍ତାମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ରାଜନୈତିକ ବିକାଶ କରିବାକୁ ବିଭିନ୍ନ ସମୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିଥାଏ। ଏହି କ୍ରମରେ ଆଜି ରାଜ୍ୟ କାର୍ଯ୍ୟାଳୟରେ "ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬" କୁ ସଫଳ କରିବା ପାଇଁ ପ୍ରଦେଶ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପାର୍ଟିର ୧୦୫୨ ମଣ୍ଡଳ, ୩୭ ସାଙ୍ଗଠନିକ ଜିଲ୍ଲା ସମେତ ସମସ୍ତ ୭ ମୋର୍ଚ୍ଚାର ଜିଲ୍ଲାସ୍ତରରୁ ଆରମ୍ଭ କରି ପ୍ରଦେଶ ପର୍ଯ୍ୟନ୍ତ କାର୍ଯ୍ୟକର୍ତା, ବିଧାୟକ ଓ ସାଂସଦମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଅବସରରେ ଆୟୋଜିତ ଯୋଜନା ବୈଠକରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ରାଜ୍ୟ ସହପ୍ରଭାରୀ ଶ୍ରୀମତୀ ସୁଶ୍ରୀ ଲତା ଉଷେଣ୍ଡି, ରାଷ୍ଟ୍ରୀୟ ପ୍ରଶିକ୍ଷଣ ଟୋଲି ସଦସ୍ୟା ତଥା ରାଷ୍ଟ୍ରୀୟ ଉପସଭାନେତ୍ରୀ ତଥା ରାଜ୍ୟସଭା ସାଂସଦ ଶ୍ରୀମତୀ କବିତା ପଟିଦାର, ପୂର୍ବ କ୍ଷେତ୍ର ପ୍ରଶିକ୍ଷଣ ସଂଯୋଜକ ପ୍ରଫେସର ଦିନେଶାନନ୍ଦ ଗୋସ୍ୱାମୀ, ରାଜ୍ୟ ସଂଯୋଜକ ତଥା ସାଂସଦ ବଳଭଦ୍ର ମାଝୀ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି, ଜିଲ୍ଲା ପ୍ରଭାରୀ, ଜିଲ୍ଲା ପ୍ରଶିକ୍ଷଣ ଟୋଲି ସଦସ୍ୟମାନେ ଯୋଗଦେଇ ଆଲୋଚନା କରିଥିଲେ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି।

ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ସଂପର୍କରେ ସୂଚନା ଦେଇ ଶ୍ରୀ ତ୍ରିପାଠୀ କହିଛନ୍ତି ଶୃଙ୍ଖଳା ଓ ଅନୁଶାସନକୁ ଗୁରୁତ୍ୱ ଦେଇ ଏବଂ ସିଦ୍ଧାନ୍ତ, ବିଚାର ଓ ରାଷ୍ଟ୍ର ନିର୍ମାଣ ଚିନ୍ତାଧାରାରେ ଅନୁପ୍ରାଣିତ ହେବାକୁ ଶିବିରରେ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯିବ। ପ୍ରଥମରେ ରାଷ୍ଟ୍ର, ଦ୍ୱିତୀୟରେ ସଂଗଠନ ଏବଂ ତୃତୀୟ ତଥା ଶେଷରେ ବ୍ୟକ୍ତି; ଏହା ହେଉଛି ବିଜେପିର ମୂଳମନ୍ତ୍ର। ସମାଜ ଓ ରାଷ୍ଟ୍ର ପ୍ରତି ଦାୟୀତ୍ୱ ଓ କର୍ତ୍ତବ୍ୟକୁ ତୁଲାଇବା ଲକ୍ଷ୍ୟରେ ସମର୍ପିତ କାର୍ଯ୍ୟକର୍ତ୍ତା ନିର୍ମାଣ ହେଉଛି ପ୍ରଶିକ୍ଷଣର ମୂଳ ଉଦ୍ଦେଶ୍ୟ। ପ୍ରଶିକ୍ଷଣକୁ ବ୍ୟବସ୍ଥିତ, ଶୃଙ୍ଖଳିତ, ସଂଗଠିତ ଏବଂ ସଫଳ କରିବା ପାଇଁ ହେବ ସେସବୁ ବିଷୟରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ବିକାଶ ପାଇଁ କେଉଁ ବିଷୟରେ ପ୍ରଶିକ୍ଷଣ ରହିବ ସେସବୁ ପ୍ରସଙ୍ଗ ନିର୍ଦ୍ଧାରିତ ହୋଇଥିଲା। ରାଜ୍ୟସ୍ତରରୁ ବୁଥ ସ୍ତର ଯାଏଁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟ ମଧ୍ୟରେ କିପରି ସମାପ୍ତ ହେବ ସେ ଉପରେ ବୈଠକରେ ଖସଡା ପ୍ରସ୍ତୁତ କରାଯାଇଛି।

## ବିଡିଓଙ୍କ କାର୍ଯ୍ୟଶୈଳୀ ଅଗଣତାନ୍ତ୍ରିକ : ବିଜେଡ଼ି

ଭୁବନେଶ୍ୱର,୧୮।୨ (ମହାଭାରତ): ବୋଲଗଡ ବ୍ଲକ ବିଡିଓଙ୍କ ଅଗଣତାନ୍ତ୍ରିକ କାର୍ଯ୍ୟକୁ ବିରୋଧ କରି ଦୀର୍ଘ ୮ ଦିନ ହେଲା ଅହୋରାତ୍ର ବ୍ଲକ ସମ୍ମୁଖରେ ସର୍ବଦଳୀୟ ଧାରଣା ଜାରି ରହିଛି। ବିଜୁ ଜନତା ଦଳର ସଭାପତିଙ୍କ ନିର୍ଦ୍ଦେଶରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ଧାରଣା ସ୍ଥଳରେ ପହଞ୍ଚିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ, ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି, ମୁଖପାତ୍ର ନାରାୟଣ ଜେନା, ରୀତାଞ୍ଜଳି ପ୍ରଧାନ ପ୍ରମୁଖ ଯୋଗ ଦେଇ ସମର୍ଥନ ଜଣାଇଥିଲେ। ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ କହିଥିଲେ ବିଡିଓ ମହୋଦୟା, ଅହଂକାର କାହାରି ରହିନାହିଁ, ଏଭଳିକି ରାବଣର ମଧ୍ୟ ରହିନାହିଁ। ଲୋକ ପ୍ରତିନିଧିମାନଙ୍କୁ ସମ୍ମାନ ଦେଇ କାମ କରନ୍ତୁ। ପିଆର୍ଆଇ ସଦସ୍ୟମାନେ ଲୋକଙ୍କ କାମ କରିବା ପାଇଁ ପ୍ରତିଦିନ ବ୍ଲକକୁ ଆସିଥାଆନ୍ତି। ଆପଣ ଯଦି ସେମାନଙ୍କର କାମ ସମ୍ମାନର ସହିତ ନକରିବେ, ଆଗକୁ ପରିସ୍ଥିତି ଅସମ୍ଭାଳ ହୋଇଯିବ। କେତେ ବିଡିଓ ଗଲେଣି କିନ୍ତୁ ଏହି ବ୍ଲକ ରହିଛି। କାଲି ଆପଣ ବିଡିଓ ନଥିବେ କିନ୍ତୁ ଏହି ଲୋକ ପ୍ରତିନିଧିମାନେ ଏହି ଅଞ୍ଚଳ ଉନ୍ନତି ପାଇଁ




ବ୍ଲକକୁ ସବୁବେଳେ ଆସୁଥିବେ। ତେଣୁ ଆପଣ ବିଜେପି ଦଳର ଇଙ୍ଗିତରେ କାମ ନକରି ସାଧାରଣ ଜନତାଙ୍କ ସ୍ୱାର୍ଥକୁ ଆଗ୍ରାଧିକାର ଦେଇ କାମ କରନ୍ତୁ ବୋଲି ବିଜେଡି ଚେତାଇ ଦେଇଛି। ସେହିପରି ଡ. ମହାନ୍ତି ତାଙ୍କ ଅଭିଭାଷଣରେ କହିଥିଲେ, ବିଡିଓ ମହୋଦୟା ଲୋକ ପ୍ରତିନିଧିମାନଙ୍କୁ ଅସମ୍ମାନିତ କରିବା ଉଚିତ ହୋଇନାହିଁ? ସେ ଯେଉଁ ବିଜେପି ନେତାଙ୍କ ଇଙ୍ଗିତରେ ଏଭଳି ଅଗଣତାନ୍ତ୍ରିକ କାର୍ଯ୍ୟ କରୁଛନ୍ତି ସେଥିରୁ ତୁରନ୍ତ ନିବୃତ୍ତ ରୁହନ୍ତୁ।

## ପାଚକ ପାଚିକା ମହାସଂଘର ବିକ୍ଷୋଭ

ଭୁବନେଶ୍ୱର,୧୮।୨ (ମହାଭାରତ): ଓଡ଼ିଶା ପାଚକ ପାଚିକା ମହାସଂଘ ପକ୍ଷରୁ ୮ ଦଫା ଦାବି ନେଇ ସଂଘର ରାଜ୍ୟ ସଭାନେତ୍ରୀ ଜନକ ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ୩୦ଗୋଟି ଜିଲ୍ଲାର ପାଚକ ପାଚିକାମାନେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ମହାସଂଘର ରାଜ୍ୟ ଆବାହକ ଦିଗମ୍ବର ଜେନା ଯୋଗଦେଇ ୮ ଦଫା ସମ୍ବଳିତ ଦାବି ଖୁବ୍‌ଶୀଘ୍ର ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟ ସାଧାରଣ ସମ୍ପାଦିକା ନିରୁପମା ମହାନ୍ତ, ନୁନୁ ଘେବଲା, କୋକିଳ ମହାନ୍ତ, ମଲ୍ଲୀ ନାୟକ, ସତ୍ୟାବତୀ ମହାକୁଡ଼, , ଲିଲିମଣି ସିଙ୍କୁ, ଭଗବତି ମହାନ୍ତ, ରେବତୀ ନାୟକ, ସୁକାନ୍ତି ମହାନ୍ତ, ସବିତା ମହାନ୍ତ, ଶାନ୍ତିଲତା ମହାନ୍ତ, ସେବତୀ ନାୟକ, ଝିଲି ନାୟକ, ସ୍ୱର୍ଣ୍ଣପ୍ରଭା ନାୟକ, ନିରୂପମା ନାୟକ, ରେବତୀ ନାୟକ, ବୁଦ୍ଧଗିରି, କୋଷାଧ୍ୟକ୍ଷା ରଜନୀ କିଷାନ, ବିଜୟ ପ୍ରୁସେଟ୍ ଏବଂ ପ୍ରତ୍ୟେକ ଜିଲ୍ଲାର କର୍ମକ[illegible]ମାନେ ନିଜ ନିଜ ବକ୍ତବ୍ୟମାନ ରଖିଥିଲେ। ସଂଘର ଛଅ ଜଣ ପ୍ରତିନିଧି ଯଥା- ଜନକ ପ୍ରଧାନ, ନିରୂପମା ମହାନ୍ତ, ରେବତୀ ଗଡ଼ତିଆ, ମଲ୍ଲୀ ନାୟକ, ରୀନା ରାଉତ, କମଳିନୀ ମହାନ୍ତ ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭେଟି ୮ ଦଫା ଦାବି ସମ୍ବଳିତ ସ୍ମାରକ ପ୍ରଦାନ କରିଥିଲେ। ଓଡ଼ିଶା ମଧ୍ୟାହ୍ନଭୋଜନ ପାଚକ ପାଚିକା ମହାସଂଘ ପକ୍ଷରୁ କୁହାଯାଇଛି ଯେ, ଆଜକୁ ୨୦ ବର୍ଷ ଧରି ଆମ୍ଭେ ଉକ୍ତ କ୍ଷେତ୍ରରେ କାର୍ଯ୍ୟକରି ଆସୁଥିଲେ ମଧ୍ୟ




ଆପଣଙ୍କ ଦ୍ୱାରା ଦିଆଯାଇଥିବା ପ୍ରାପ୍ୟ ଆମ୍ଭମାନଙ୍କୁ ସମୁଦ୍ରକୁ ଶଙ୍ଖେ ସଦୃଶ। ଆପଣଙ୍କ ଦ୍ୱାରା ନିର୍ଦ୍ଧାରିତ ପାରିଶ୍ରମିକ ଆମ୍ଭମାନଙ୍କର ଦିନସାରା ପରିଶ୍ରମ ପାଇଁ ଟ.୧୦୦ଙ୍କା ପଡୁଅଛି। ମାତ୍ର ତାହାକୁ ଆମ୍ଭେ ଠିକ୍ ଭାବେ ପାଉନାହୁଁ। କାରଣ ସରକାର ମାସିକ ଟ.୩୦୦୦/- ଦେଉଥିଲେ ମଧ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ ।

## ମହିଳାମାନଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା

ଭୁବନେଶ୍ୱର,୧୮।୨ (ମହାଭାରତ): ବିଜ୍ଞାନ, ବୈଷୟିକ ଜ୍ଞାନ କୌଶଳ, ଇଞ୍ଜିନିୟରିଂ ଏବଂ ଗଣିତ (ଷ୍ଟେମ୍) କ୍ଷେତ୍ରରେ ମହିଳାମାନଙ୍କ ଦକ୍ଷତା ବୃଦ୍ଧି କରିବା ଲକ୍ଷ୍ୟ ନେଇ ବ୍ରିଟିଶ ହାଇକମିଶନ, ନୂଆଦିଲ୍ଲୀ ଓ ସେଭେନିଂ ଆଲୁମନି ପ୍ରୋଜେକ୍ଟ ଫଣ୍ଡ, ଭୁବନେଶ୍ୱର ସଂସ୍କରଣ ଓ ଅକ୍ସଫୋର୍ଡ ୟୁନିଭର୍ସିଟି, ୟୁକେର ପ୍ରତିନିଧିମାନଙ୍କ ମିଳିତ ସହଭାଗିତାରେ ନିକଟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ଓଡ଼ିଶାର ବିଭିନ୍ନ ସହରର ମହିଳା, ଛାତ୍ରଛାତ୍ରୀ ଓ ବ୍ୟକ୍ତି ବିଶେଷଙ୍କୁ ଷ୍ଟେମ୍ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ନେଇ କାର୍ଯ୍ୟ କରିବା ଦିଗରେ ଲକ୍ଷ୍ୟ ରଖାଯାଇଥିଲା। ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀ, ମହିଳା ଉଦ୍ୟୋଗୀମାନଙ୍କ ମଧ୍ୟରୁ ପ୍ରାୟ ୫୦୦ ଜଣ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ୩୦ଜଣ ପୁରାତନ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବାର ସୁଯୋଗ ପାଇଥିଲେ ଯେଉଁମାନେ କି ସେମାନଙ୍କର ଶିକ୍ଷାଗତ ଯାତ୍ରା, କ୍ୟାରିୟର ଏବଂ ଷ୍ଟେମ୍ କ୍ଷେତ୍ରରେ ନିଜର ଅନୁଭୂତି ବଖାଣିଥିଲେ। କର୍ମଶାଳାର ବିଭିନ୍ନ ପର୍ଯ୍ୟାୟରେ ଗ୍ରୀନ୍ ଏନର୍ଜି ଓ କ୍ଲିନ୍ ଟେକ୍ନୋଲଜି, ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ, ଷ୍ଟାର୍ଟ ଅପସ ଓ ଉଦ୍ୟୋଗୀକରଣ, ସ୍ୱାସ୍ଥ୍ୟସେବା ଓ ଶିକ୍ଷା, ବର୍ଜ୍ୟବସ୍ତୁ ପରିଚାଳନା, ସରକାରୀ କାର୍ଯ୍ୟ, ଉତ୍ପାଦନ କ୍ଷେତ୍ରର ବିଶେଷଜ୍ଞମାନେ ମତ ରଖିଥିଲେ। ବ୍ରିଟିଶ ଡେପୁଟି ହାଇକମିଶନର, ଇଷ୍ଟ ଆଣ୍ଡ ନର୍ଥଇଷ୍ଟ



ଡକ୍ଟର ଆଣ୍ଡ୍ରୁ ଫ୍ଲେମିଙ୍ଗ୍ ଯୋଗ ଦେଇ କହିଥିଲେ ଯେ ୟୁକେ –ଇଣ୍ଡିଆ ଭିଜନ୍ ୨୦୩୫କୁ ଲକ୍ଷ୍ୟରେ ରଖି ଦୁଇ ଦେଶ ମଧ୍ୟରେ ଗଢ଼ି ଉଠିଥିବା ସମ୍ପର୍କ ଏକ ସୁବର୍ଣ୍ଣ ସୁଯୋଗ ଆଣି ଦେଇଛି। ବ୍ରିଟିଶ କାଉନ୍‌ସିଲ ପକ୍ଷରୁ ଷ୍ଟେମ୍ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳାମାନଙ୍କୁ ୨୦୨୬-୨୭ ଶିକ୍ଷା ବର୍ଷରେ ପୂର୍ଣ୍ଣମାତ୍ରାର ବାର୍ଷିକ ବୃତି ପ୍ରଦାନ କରାଯିବାର ଯୋଜନା ଆରମ୍ଭ କରାଯାଇଥିବା ସେ କହିଥିଲେ। ୨୫ଟି ବୃତି ଦକ୍ଷିଣ ଏସିଆରେ କାର୍ଯ୍ୟରତ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବା ବେଳେ ୟୁକେର ୫ଟି ବିଶ୍ୱବିଦ୍ୟାଳୟ ସହିତ ଏହାକୁ ଯୋଡ଼ାଯାଇଛି। ସେହିପରି ଏହି କାର୍ଯ୍ୟକ୍ରମ ଅଧିନରେ ୪୩ଟି ୟୁକେର ବିଶ୍ୱବିଦ୍ୟାଳୟ ଦ୍ୱାରା ୫୦୦ ଜଣ ମହିଳାଙ୍କୁ ବୃତି ପ୍ରଦାନ କରିବାର ପ୍ରସ୍ତାବ ରଖାଯାଇଛି। କାର୍ଯ୍ୟକ୍ରମରେ ଭାରତରେ ଅବସ୍ଥାପିତ ବ୍ରିଟିଶ ହାଇ କମିଶନର ପଲିଟିକାଲ୍ ଓ ବାଇଲାଟେରାଲ ଆଫେୟାର୍ସର ମୁଖ୍ୟ ମିସ୍ ନାତାଲିଆ ଲେଇ, ସେଭେନିଂ ସ୍କଲାରସିପସ ଇଣ୍ଡିଆର ମୁଖ୍ୟ ଶ୍ରୀମତି ସୁପ୍ରିୟା ଚାୱଲା ଏବଂ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ପ୍ରଫେସର ନନ୍ଦ ନିଜ ବକ୍ତବ୍ୟରେ କହିଥିଲେ ଯେ ପରିବର୍ତିତ ବିଶ୍ୱରେ ଏଆଇ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ମଙ୍ଗଳଯାନ ପ୍ରକଳ୍ପରେ ଅଧିକ ମହିଳା ନେତୃତ୍ୱ ଦେଇଥିବା ବେଳେ ମହିଳାମାନେ ବର୍ତମାନ ଅଧିକରୁ ଅଧିକ ଶକ୍ତିଶାଳୀ ହେବାରେ ଲାଗିଛନ୍ତି ବୋଲି ସେ କହିଥିଲେ।

## ଜିଲ୍ଲାପାଳଙ୍କୁ ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ ଦାବିପତ୍ର



ଭୁବନେଶ୍ୱର,୧୮।୨ (ମହାଭାରତ): ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସର ଏକ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ରାଜନଗର ବ୍ଲକର ଘଡ଼ିଆମାଳ ପଞ୍ଚାୟତର ନୂଆଗାଁ ଗ୍ରାମର ଅଙ୍ଗନ୍ୱାଡ଼ି କେନ୍ଦ୍ରରେ ଦଳିତ ବର୍ଗର ସହାୟିକାଙ୍କୁ କାର୍ଯ୍ୟନିର୍ବାହ କରିବାରେ ପ୍ରତିରୋଧ ପ୍ରସଙ୍ଗରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ। ଏହି ଅଙ୍ଗନ୍ୱାଡ଼ି କେନ୍ଦ୍ରରେ ଦଳିତ ବର୍ଗର ସହାୟିକା ନିଯୁକ୍ତିକୁ ବିରୋଧ କରି ଅଙ୍ଗନ୍ୱାଡ଼ି କେନ୍ଦ୍ରକୁ ଚାଲିବାକୁ ଦିଆଯାଉନଥିଲା ଏବଂ ଏହି ସହାୟିକାଙ୍କୁ ସେଠାରେ କାର୍ଯ୍ୟ ନକରିବାକୁ ମଧ୍ୟ ଦାବି କରାଯାଉଥିଲା। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳି ଦାବି ଏବଂ ଅସହଯୋଗ ଅଶୋଭନୀୟ। ଏକ ସରକାରୀ ବ୍ୟବସ୍ଥା ଭିତରେ ଜାତି, ଧର୍ମ, ଛୁଆଁ ଅଛୁଆଁ ଭେଦଭାବ ରହିବା ଗଣତନ୍ତ୍ର ବିରୋଧି ବୋଲି ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର କହିଛନ୍ତି। ଗତ ତିନିମାସ ଧରି ଅଙ୍ଗନୱାଡ଼ି କେନ୍ଦ୍ରକୁ ବନ୍ଦ ରଖାଯିବା ଏବଂ ସେଠାରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲେ ମଧ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାର ଏହାର ସମାଧାନ କ'ଣ ପାଇଁ କରିଲେ ନାହିଁ ବୋଲି ଶ୍ରୀ ପାତ୍ର ପ୍ରଶ୍ନ କରିଛନ୍ତି। ଏହି ପ୍ରସଙ୍ଗ ଅଖିଳ ଭାରତ କଂଗ୍ରେସ କମିଟିର ଅଧକ୍ଷ ମଲ୍ଲିକାର୍ଜୁନ ଖାଡ଼ଗେ ସଂସଦରେ ଉପସ୍ଥାପନ କରିବାପରେ ଜିଲ୍ଲା ପ୍ରଶାସନ ତତ୍ପର ହୋଇଛନ୍ତି। ତୁରନ୍ତ ସେଠାରେ ଏକ ସଂହତୀ ଏହି କାର୍ଯ୍ୟକ୍ରମରେ ରାଜନଗର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତ, କେନ୍ଦ୍ରାପଡ଼ା ଜିଲ୍ଲା ଯୁବକଂଗ୍ରେସ ଉପସଭାପତି ଲକ୍ଷ୍ମୀପ୍ରିୟ ନାୟକ, କେନ୍ଦ୍ରାପଡ଼ା ଟାଉନ କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ପ୍ରଧାନ, ଅମରେଶ ପରିଡ଼ା, ବିପ୍ଳବ ମହାନ୍ତି, ଉମେଶ ପାଢ଼ୀ, ରାଜମୋହନ ସ୍ୱାଇଁ, ବିଡି ସଂଜୀବ କୁମାର ଚିରଞ୍ଜିବ, ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଂପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଥିବା ଅସଂହତି ଦୂରପାଇଁ କାର୍ଯ୍ୟକରିବାକୁ ସ୍ୱତନ୍ତ୍ରଭାବେ ନିର୍ଦ୍ଦେଶ ଦିଆଯାଇଛି।

## ଏଚ୍‌ଡିଏଫସି ବ୍ୟାଙ୍କ ୩୮.୭୪ ଲକ୍ଷ ଲୋକଙ୍କ ଜୀବନ ଉପରେ ସକାରାତ୍ମକ ପ୍ରଭାବ

ଭୁବନେଶ୍ୱର,୧୮।୨ (ମହାଭାରତ): ଭାରତର ସର୍ବବୃହତ ଘରୋଇ କ୍ଷେତ୍ର ବ୍ୟାଙ୍କ ଏଚ୍‌ଡିଏଫ୍‌ସି ତାହାର ସିଏସଆର୍ ଶାଖା ପରିବର୍ତ୍ତନ ଜରିଆରେ ଓଡ଼ିଶାରେ ଆଜିସୁଦ୍ଧା ୩୮.୭୪ ଲକ୍ଷରୁ ଅଧିକ ଜୀବନ ଉପରେ ସକାରାତ୍ମକ ପ୍ରଭାବ ପକାଇଛି। ରାଜ୍ୟରେ ବ୍ୟାଙ୍କ ୨୦୧୭ରୁ ସକ୍ରିୟ ରହିଛି ଏବଂ ଓଡ଼ିଶାର ୩୦ ଜିଲ୍ଲା ମଧ୍ୟରୁ ୭ଟି ଆକାଂକ୍ଷୀ ଜିଲ୍ଲା ଏବଂ ୬ଟି ଆକାଂକ୍ଷୀ ବ୍ଲକ ସମେତ ୨୨ଟି ଜିଲ୍ଲାରେ ଏହା ସେବା ଯୋଗାଉଛି। ଓଡ଼ିଶାରେ ଗ୍ରାମାଞ୍ଚଳ ବିକାଶ, ଶିକ୍ଷାକୁ ପ୍ରୋତ୍ସାହନ ଏବଂ ଦକ୍ଷତା ତାଲିମ ଓ ଜୀବିକା ପରିବର୍ଦ୍ଧନ ସର୍ବାଧିକ ଉଲ୍ଲେଖନୀୟ ପ୍ରଭାବ ପକାଇଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କର ପରିବର୍ତ୍ତନ କାର୍ଯ୍ୟକ୍ରମ ସମଗ୍ର ଓଡ଼ିଶାରେ ୩୦ ଜିଲ୍ଲା ମଧ୍ୟରୁ ୨୨ଟି ଜିଲ୍ଲାରେ ଚାଲୁ ରହିଥିବା ଏବଂ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକୁ ମିଶାଇ ଏକ ମଜଭୁତ ଓ ଦୀର୍ଘସ୍ଥାୟୀ ଉପସ୍ଥିତି ନିର୍ମାଣ କରିଛି। ବ୍ୟାଙ୍କ ଓଡ଼ିଶାର ବଲାଙ୍ଗୀର, ଢେଙ୍କାନାଳ, କନ୍ଧମାଳ, କଳାହାଣ୍ଡି, ମାଲକାନାଗିରି, ନବରଙ୍ଗପୁର ଏବଂ ରାଗୟଗଡା ଆଦି ୭ଟି ଆକାଂକ୍ଷୀ ଜିଲ୍ଲାରେ ସଫଳତାର ସହିତ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରିଛି। ବ୍ୟାଙ୍କର "ଅଗ୍ରଣୀ ସାମଗ୍ରିକ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ" ଉପରୋକ୍ତ ସମସ୍ତ ୬ଟି ଅଗ୍ରାଧିକାର କ୍ଷେତ୍ରରେ ସମନ୍ୱିତ ପ୍ରୟାସ ଉପରେ ଦୃଷ୍ଟିନିବଦ୍ଧ କରୁଥିବାବେଳେ ତାହା ବଲାଙ୍ଗୀର, କେନ୍ଦ୍ରାପଡା, କେନ୍ଦୁଝର, ମୟୁରଭଞ୍ଜ, ନବରଙ୍ଗପୁର, ନୟାଗଡ, ପୁରୀ ଓ ରାୟଗଡା ସମେତ ଜିଲ୍ଲାଗୁଡିକର ୨୩୦ରୁ ଅଧିକ ଗ୍ରାମରେ ସକାରାତ୍ମକ ପ୍ରଭାବ ପକାଇଛି।

## ଆଇବିସିଏସ୍ ପକ୍ଷରୁ 'କେନ୍ଦ୍ର ବଜେଟ' ସେମିନାର

ଭୁବନେଶ୍ୱର,୧୮।୨ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଫେବୃଆରୀ ୨ ତାରିଖରେ 'କେନ୍ଦ୍ର ବଜେଟ୍ -୨୦୨୬' ଉପରେ ଏକ ସ୍ୱତନ୍ତ୍ର ସମ୍ମିଳନୀ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ପ୍ରମୁଖ ପରାମର୍ଶଦାତା ତଥା ମୁଖ୍ୟ ଅର୍ଥନୀତିଜ୍ଞ ବ୍ରଜମୋହନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ମୁଖ୍ୟ ମହାପ୍ରବନ୍ଧକ ଦାସରଥୀ ମିଶ୍ର ଓ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଡିଜିଏମ୍ ଦେବରାଜ ମିଶ୍ର ବକ୍ତା ଭାବେ ଯୋଗ ଦେଇ ବଜେଟ୍ ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇବିସିଏସର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରଫେସର ମନୋରଂଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସେମିନାରରେ ଡକ୍ଟର ମନୋଜ କୁମାର ସାହୁ



ଏବଂ ଜ୍ୟୋତିରଂଜନ ଜେନାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଡାଇନାମିକସ୍ ଅଫ୍ ମ୍ୟୁଚ୍ୟୁଆଲ୍ ଫଣ୍ଡ' ଶୀର୍ଷକ ପୁସ୍ତକକୁ ଉନ୍ମୋଚିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆସୋସିଏଟ୍ ପ୍ରଫେସର (ଡ) ଅନିତା ସାହୁ ସଂଯୋଜିକା ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ଡକ୍ଟର ରାମକୃଷ୍ଣ ମିଶ୍ର ଏବଂ ଡକ୍ଟର ପଲ୍ଲବୀ ମିଶ୍ର ପରିଚାଳନା କରିଥିଲେ।

## ପୁଲଓ୍ୱାମା ଶହୀଦଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଭୁବନେଶ୍ୱର,୧୮।୨ (ମହାଭାରତ): ପୁଲୱାମାରେ ୨୦୧୯ ମସିହା ଫେବୃୟାରୀ ୧୪ତାରିଖରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ



ଶହୀଦ ହୋଇଥିବା ଜୱାନମାନଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଆଜି ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ପଟିଆ ଇନ୍‌ଫୋସିଟିଠାରେ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା ଯୁବନେତା ଅମୀୟ ନାୟକ ଓ ତାପସ ଦେ'ଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା। ସମାଜସେବୀ, ଯୁବ, ଛାତ୍ର ନେତୃତ୍ୱମାନେ ସାମିଲ୍ ହୋଇ ଶହୀଦମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶୋଭାଯାତ୍ରା ସମୟରେ ଅଂଶଗ୍ରହଣକାରୀ ମାନେ ହାତରେ ପ୍ରଦୀପ ଧରି ଶହୀଦ ଅମର ରହେ ଧ୍ୱନୀରେ ସ୍ଲୋଗାନ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁବନେତା ନଳିନୀକାନ୍ତ ନାୟକ ଓ ମୀର ଅହମ୍ମଦ ଅଲ୍ଲୀ ଯୋଗଦେଇ ଦେଶର ସୁରକ୍ଷା ପାଇଁ ପ୍ରାଣ ଓ ଆହୂତୀ ଦେଇଥିବା ଜୱାନ୍ ମାନଙ୍କ ପରିବାରଙ୍କ ପ୍ରତି ସହାନୁଭୂତି ସହ ଶହୀଦମାନଙ୍କ ତ୍ୟାଗ ଓ ବଳିଦାନ ଦେଶବାସୀଙ୍କୁ ସଦା ପ୍ରେରଣା ଦେବାସହ ଯୁବପିଢୀଙ୍କୁ ଦେଶପ୍ରେମର ମୂଲ୍ୟ ବୁଝାଇବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ଶେଷରେ ଶହୀଦ ଆତ୍ମାଙ୍କ ଶାନ୍ତି କାମନା କରି ସମସ୍ତେ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜ୍ୟୋତିରଂଜନ ମଲ୍ଲ, ଆଦିତ୍ୟ ରାଉତ, ସ୍ୱସ୍ତିକ ବିଶୋଇ, ବିଶ୍ୱଜିତ୍ ପଣ୍ଡା, ଚନ୍ଦା ଚୌହାନ, ପ୍ରିୟଙ୍କା ମଣ୍ଡଳ, ଭାଗ୍ୟଶ୍ରୀ ସାହୁ, ଶୃତି ସୁନାନୀ, ରଶ୍ମୀ, କୈଳାସ ପାତ୍ର, ସରୋଜ, କ୍ଷୀରୋଦ, ସୂର୍ଯ୍ୟ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ ଜଣାଇଥିଲେ।

## ଓଡ଼ିଶାର ଲୁଇସ୍ ବ୍ରେଲି ଦୃଷ୍ଟି ବାଧିତ ବିଦ୍ୟାଳୟ ବିଜୟୀ

ଭୁବନେଶ୍ୱର,୧୮।୨ (ମହାଭାରତ): ପରିବେଶ ସନ୍ତୁଳନ ଏବଂ ଜଳ ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶାର ଛାତ୍ରଛାତ୍ରୀ ଉତ୍କୃଷ୍ଟ ପ୍ରଦର୍ଶନ କରି ଏକ ନୂତନ ଇତିହାସ ରଚନା କରିଛନ୍ତି। ବେଙ୍ଗାଲୁରୁ ସ୍ଥିତ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟରେ ଏହି ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠିତ 'ୱିପ୍ରୋ ଆର୍ଥିୟାନ୍' ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ଲୁଇସ୍ ବ୍ରେଲି ସ୍କୁଲ୍ ଫର୍ ଦି ବ୍ଲାଇଣ୍ଡ୍ ଶ୍ରେଷ୍ଠ ୨୦ଟି ବିଜେତା ବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇ ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ଏଥିସହ ଲୁଇସ୍ ବ୍ରେଲି ସ୍କୁଲ୍ ଫର୍ ଦି ବ୍ଲାଇଣ୍ଡ୍ ର ୪ ଜଣ ପ୍ରତିଭାବାନ ଛାତ୍ର ଏହି ଦଳରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛନ୍ତି। ନିକଟରେ ଅନୁଷ୍ଠିତ ବାର୍ଷିକ ପୁରସ୍କାର ବିତରଣ ସମାରୋହରେ ଲୁଇସ୍ ବ୍ରେଲି ସ୍କୁଲ୍ କୁ ସ୍ଥାୟୀତ୍ୱ ଏବଂ ଜଳ ସଂରକ୍ଷଣ




ଉପରେ ଏକ ଉତ୍କୃଷ୍ଟ ପ୍ରକଳ୍ପ ଉପସ୍ଥାପନ କରିଥିବାରୁ ସମ୍ମାନିତ କରାଯାଇଛି। 'ଭିଜନ୍ ଏମ୍ପାୱାର' ସଂସ୍ଥାର ବୈଷୟିକ ସହାୟତା ଏବଂ ମାର୍ଗଦର୍ଶନରେ ଏହି ପ୍ରକଳ୍ପଟି ସଫଳତାର ସହ କାର୍ଯ୍ୟକାରୀ ହୋଇଥିଲା। ସାରା ଦେଶର ପ୍ରାୟ ୨୨୦୦ରୁ ଅଧିକ ବିଦ୍ୟାଳୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଲୁଇସ୍ ବ୍ରେଲି ସ୍କୁଲ୍ ଏକମାତ୍ର ଦୃଷ୍ଟିବାଧିତ ବିଦ୍ୟାଳୟ ଭାବେ ଏହି ସମ୍ମାନଜନକ ମାନ୍ୟତା ହାସଲ କରି ଏକ ନୂତନ ଇତିହାସ ରଚିଛନ୍ତି। ୱିପ୍ରୋ ଲିମିଟେଡ୍ ର ଗ୍ଲୋବାଲ୍ ହେଡ୍ (ସଷ୍ଟେନେବିଲିଟି) ନାରାୟଣ ପି ଏସ୍, ୱିପ୍ରୋ ଫାଉଣ୍ଡେସନ୍ ର ମ୍ୟାନେଜିଂ ଟ୍ରଷ୍ଟି ଅନୁରାଗ ବେହାର ଏବଂ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଉପସ୍ଥିତିରେ କୃତୀ ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଏହି ପ୍ରଶଂସନୀୟ ପ୍ରୟାସ ଜଳ ସଂରକ୍ଷଣ ଦିଗରେ ସମାଜକୁ ଏକ ନୂତନ ଦିଶା ଦେଖାଇବା ସହ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେବ।

ମହାଭାରତ

ସାରାଂଶ

ଚଳନ୍ତି ସମୟର ଅବଶିଷ୍ଟାଂଶ



## ବୈଦେଶିକ ମୁଦ୍ରା ଅର୍ଜନ

ବିଦେଶରୁ ଆମଦାନୀ କରିବାକୁ ପଡ଼ିବନି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ବଡ଼ ଆହ୍ୱାନ ହେଲା ସ୍ୱାବଲମ୍ବୀ ଭାରତ ଗଠନ କରିବା। ଏଥିପାଇଁ ସେ ମେକ୍ ଇନ ଇଣ୍ଡିଆ ଅଭିଯାନ ଆରମ୍ଭ କରିଛନ୍ତି। ଏଥିରେ ସଫଳତା ମଧ୍ୟ ମିଳୁଛି। ପ୍ରଥମତଃ ପ୍ରତିରକ୍ଷା କ୍ଷେତ୍ରରେ ଦେଶକୁ ସ୍ୱାବଲମ୍ବୀ କରିବାକୁ କେନ୍ଦ୍ର ସରକାର ନିରନ୍ତର ପ୍ରୟାସ କରିଆସୁଛନ୍ତି। ଏହା ଦ୍ୱାରା ପ୍ରତିରକ୍ଷା ଶିଳ୍ପ ବା ଡିଫେନ୍ସ ଇଣ୍ଡଷ୍ଟ୍ରୀ ସଶକ୍ତ ହେଉଛି। ପୂର୍ବରୁ ରୁଗ୍ଣ ହୋଇ ଯାଇଥିବା ହାଲ ଏବେ ଏକ ଲାଭଜନକ ସଂସ୍ଥାରେ ପରିଣତ ହୋଇଛି। ଏଥିପାଇଁ କ୍ଷେପଣାସ୍ତ୍ର, ହାଲୁକା ଯୁଦ୍ଧ ବିମାନଠାରୁ ଆରମ୍ଭ କରି ଶକ୍ତିଶାଳି ରାଇଫଲ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ପର୍ଯ୍ୟନ୍ତ ସବୁ କିଛି ଭାରତ ଏବେ ନିର୍ମାଣ କରିବା ଆରମ୍ଭ କରିଛି। ଫଳରେ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ବାବଦ ବ୍ୟୟ ହ୍ରାସ ପାଇବା ସହିତ ଭାରତ ଏହାକୁ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବ। ଗତ ଦୁଇଦିନ ଭିତରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦୁଇଟି ଚୁକ୍ତି ସ୍ୱାକ୍ଷର ହୋଇଛି। ପ୍ରଥମ ଚୁକ୍ତି ଅନୁଯାୟୀ ଭାରତ ସରକାର ୬୯୦୦ କୋଟି ଟଙ୍କାର ଅତ୍ୟାଧୁନୀକ କମାଣ କ୍ରୟ କରିବେ। ଦ୍ୱିତୀୟ ଚୁକ୍ତି ମୁତାବକ ଭାରତ ସରକାର ୨୫୦୦ କୋଟି ଟଙ୍କାର ଆ□ ଟ୍ୟାଙ୍କ ସିଷ୍ଟମ ଏବଂ ସେନା ବାହିନୀରେ ବ୍ୟବହାର ହେଉଥିବା ହାଲୁକା ଯାନ କ୍ରୟ କରାଯିବ। ଏହା ଦାରେ ସ୍ଥଳ ସେନା ଅଧିକ ଶକ୍ତିଶାଳି ହେବ। ଉଭୟ ଚୁକ୍ତି ୪ଟି ଘରୋଇ କମ୍ପାନୀ ସହ ହୋଇଛି। ଅର୍ଥାତ ଏହିସବୁ ପ୍ରତିରକ୍ଷା ସାମଗ୍ରୀ କ୍ରୟ ନିମନ୍ତେ ଭାରତ ସରକାର କୌଣସି ବିଦେଶୀ ସଂସ୍ଥାକୁ ଟଙ୍କା ଦେବେ ନାହିଁ। ଏହି ଟଙ୍କା ଭାରତରେ ରହିବ ଏବଂ ଭାରତୀୟ କମ୍ପାନୀ ଏଥିରେ ଉପକୃତ ହେବେ। ଏହିସବୁ କମ୍ପାନୀରେ ନିୟୋଜିତ କର୍ମଚାରୀମାନେ ଉପକୃତ ହେବେ। ଉଲ୍ଲେକ ଯୋଗ୍ୟ ଯେ, ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ୫୪ ହଜାର କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି। ଏହା ସହିତ ଚଳିତ ଆର୍ଥିକ ବର୍ଷ ଅର୍ଥାତ ୨୦୨୪-୨୫ରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ପରିମାଣ ୧.୪ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହିସବୁ ପ୍ରସ୍ତାବିତ ପ୍ରତିରକ୍ଷା ସାମଗ୍ରୀ ମଧ୍ୟରୁ ଅଧିକାଂଶ ସ୍ୱଦେଶୀ ହେବ। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ଏକ ବହୁତ ବଡ଼ ସଫଳତା। ଏହା ଦ୍ୱାରା ସୁରକ୍ଷା ବ୍ୟବସ୍ଥା କେବଳ ସୁଦୃଢ଼ ହେବ ନି, ପ୍ରତିରକ୍ଷା ଶିଳ୍ପ ମଧ୍ୟ ସମୃଦ୍ଧ ହୋଇପାରିବ। ଭାରତ ଚାରିପଟେ ଚୀନ ଓ ପାକିସ୍ତାନ ଭଳି ଶକ୍ତିଶାଳୀ ଶତ୍ରୁ ରହିଛନ୍ତି। ସେମାନଙ୍କ ସହିତ ଭାରତର ଯୁଦ୍ଧ ସମ୍ଭାବନା ସବୁ ବେଳେ ରହିଛି। ତେଣୁ ଭାରତକୁ ସବୁ ବେଳେ ବିପୁଳ ଅର୍ଥ ପ୍ରତିରକ୍ଷା ବ୍ୟବସ୍ଥା ଲାଗି ବ୍ୟୟ କରିବାକୁ ପଡୁଛି। କିନ୍ତୁ ବିଦେଶରୁ ଲଢୁଆ ବିମାନ, ସବମେରିନ ଓ ମିସାଇଲ ସିଷ୍ଟମ ଆଣି ଭାରତ ଶକ୍ତିଶାଳୀ ଚୀନର ମୁକାବିଲା କରିପାରିବ ନାହିଁ। ଏଥିଲାଗି ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ନିଜକୁ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ ଓ ଲଢୁଆ ବିମାନ ପ୍ରସ୍ତୁତ କରିବାକୁ ପଡ଼ିବ। ଏହା ଦ୍ୱାରା ଆମେ ବିଦେଶକୁ ଏହା ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବା, ସାମରିକ କ୍ଷେତ୍ରରେ ଶକ୍ତିଶାଳୀ ହୋଇପାରିବା ଏବଂ ଚୀନ ଓ ପାକିସ୍ତାନର ମିଳିତ ମୁକାବିଲା କରିପାରିବା। ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଏନଡିଏ ସରକାର ଆସିବା ପରେ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ଭାରତ ପ୍ରୟାସ କରିଆସୁଛି। ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ ଓ କ୍ଷେପଣାସ୍ତ୍ର ପ୍ରସ୍ତୁତ ହେଉଛି। ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ ପଡ଼ିବ। ଆଗାମୀ ୫ ବର୍ଷ ଭିତରେ ଭାରତ ସରକାର ୫ଲକ୍ଷ କୋଟି ଟଙ୍କାର ସ୍ୱଦେଶୀ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଯୋଜନା କରିଛନ୍ତି।

## ପୁତିନଙ୍କ ଅପରେସନ ଆମେରିକା

“

*କ୍ଷମତାକୁ ଆସିବା ପରେ ପୁତିନଙ୍କ ସମ୍ମୁଖରେ ଚେଚେନ୍ୟାର ଇସ୍ଲାମିକ ସନ୍ତ୍ରାସବାଦ ବଡ ଆହ୍ୱାନ ହୋଇ ଛିଡା ହୋଇଥିଲା । ତା ପଛରେ ଆମେରିକା ସରକାର ମଧ୍ୟପ୍ରାଚ୍ୟର ସହଯୋଗୀ ମୁସଲିମ ରାଷ୍ଟ୍ରଗୁଡିକୁ ଲଗାଇଥିଲେ । ପୃଥିବୀରେ ଇସଲାମିକ ସନ୍ତ୍ରାସର କାରଖାନା ଖୋଲି ପାକ୍ ଓ ମଧ୍ୟପ୍ରାଚ୍ୟ ମାଧ୍ୟମରେ ଆମେରିକା ଯେମିତି ଭାରତ ସମେତ ରୁଷିଆକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଆସିଛି ସେ ସଂପର୍କରେ ସମସ୍ତେ ପରିଚିତ । ଚେଚେନ୍ୟା ବିଦ୍ରୋହୀଙ୍କୁ ଦମନ କଲାପରେ ପୁତିନ ମଧ୍ୟପ୍ରାଚ୍ୟରେ ନିଜ ପ୍ରାଧାନ୍ୟ ବିସ୍ତାର କରି ଆମେରିକାକୁ ଚ୍ୟାଲେଞ୍ଜ ଦେଇଥିଲେ ।*

॥ ସୌମେନ୍ଦ୍ର ଜେନା ॥

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଆମେରିକା ଓ ସୋଭିଏତ୍ ରୁଷିଆ ମଧ୍ୟରେ ନିଜସ୍ୱ ବର୍ଚ୍ଚସ୍ୱ ପ୍ରତିଷ୍ଠା ପାଇଁ ଯେଉଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଆସିଛି ଏବେ ତାହା ଏକ ଭିନ୍ନ ସୋପାନରେ ପହଞ୍ଚିଛି । ରୁଷିଆର ପ୍ରଭାବକୁ ୟୁରୋପରେ ସଂକୁଚିତ କରିବା ପାଇଁ ୟୁକ୍ରେନ ମାଧ୍ୟମରେ ଆମେରିକା ଯେଉଁ ଗୋଟି ଚଳାଇ ଆସିଛି ତାକୁ ଅତି କଠୋର ଭାବରେ ସାମ୍ନା କରିଆସିଛି ରୁଷିଆ । ୟୁକ୍ରେନର ସହାୟତା ପାଇଁ ନାଟୋର ସଦସ୍ୟ ରାଷ୍ଟ୍ର ସମୂହଙ୍କୁ ଆମେରିକା ଏକାଠି କରି ଅସ୍ତ୍ରଶସ୍ତ୍ର ଚାଲାଣ ଜାରି ରଖିଛି । ତେଣେ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଆମେରିକାର ସମସ୍ତ ଚାଲକୁ ବିଫଳ କରିବା ପାଇଁ ଯେତିକି ପ୍ରୟାସ ନିଜ ଦେଶରେ କରିଛନ୍ତି ସେତିକି ଦେଶ ବାହାରେ ମଧ୍ୟ କରିଛନ୍ତି । ପୁତିନଙ୍କ କୂଟନୀତି ଯୋଗୁ ଏସିଆର ଦୁଇଟି ପ୍ରମୁଖ ରାଷ୍ଟ୍ର ଚୀନ ଓ ଭାରତ ଆମେରିକା ସପକ୍ଷରେ ପୂରାପୂରି ଯାଇନାହାନ୍ତି । ସତକଥା ହେଲା ପୁତିନଙ୍କ ଦୃଢ ମନୋବଳ ଯୋଗୁ ଆମେରିକା ଏବଂ ନାଟୋ ମେଣ୍ଟର କଟକଣା, ଅସହଯୋଗ, ଷଡଯନ୍ତ୍ର ସତ୍ତ୍ୱେ ରୁଷିଆ ଏକାକୀ ଲଢିଆସିଛି । ଆମେରିକା ଏବଂ ୟୁରୋପର ରାଷ୍ଟ୍ରଗୁଡିକ ବିଶ୍ୱମଞ୍ଚରେ ରୁଷିଆକୁ ଏକାକୀ କରିବାକୁ ସମସ୍ତ ପ୍ରକାର ପ୍ରଚେଷ୍ଟା କରିଥିଲେ ମଧ୍ୟ ପୁତିନଙ୍କୁ ସମର୍ଥନ ଦେବାପାଇଁ ଆଫ୍ରିକା ମହାଦେଶର ଅନେକ ରାଷ୍ଟ୍ର ମୁଖ୍ୟ ମସ୍କୋରେ ଉପସ୍ଥିତ ରହି ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ଦେଢବର୍ଷରୁ ଅଧିକ କାଳ ଧରି ୟୁକ୍ରେନ -ରୁଷିଆର ଯୁଦ୍ଧ ମଧ୍ୟରେ ରୁଷିଆର ଜନସାଧାରଣ ଏବଂ ସହଯୋଗୀ ରାଷ୍ଟ୍ରଗୁଡିକୁ ନିଜ ସପକ୍ଷରେ ରଖି ପୁତିନ ନିଜ ସଫଳ ନେତୃତ୍ୱର ପରିଚୟ ଦେଇପାରିଛନ୍ତି । ରୁଷିଆର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିବା ୱାଗନର ଗ୍ରୁପର ମୁଖ୍ୟ ଏବଂ ପୂର୍ବତନ ନିକଟତମ ସହଯୋଗୀ ପ୍ରିଗୋଝିନଙ୍କ ପରି ବ୍ୟକ୍ତିଙ୍କୁ ରାସ୍ତାରୁ ହଟାଇବାକୁ ସକ୍ଷମ ହୋଇଛନ୍ତି । ଆମେରିକାର ସମସ୍ତ ପ୍ରକାର ପ୍ରୟାସ ସତ୍ତ୍ୱେ ରୁଷିଆର ନେତୃତ୍ୱ ଦୁର୍ବଳ ହୋଇନାହିଁ ବରଂ ଆମେରିକା ମଧ୍ୟରେ ପୁତିନଙ୍କ ଅପରେସନ ଅଧିକ ଶକ୍ତିଶାଳୀ ହୋଇଛି । ରୁଷିଆ ବାହାରେ ଆମେରିକାର ସମ୍ମାନ ଓ ପ୍ରତିଷ୍ଠାରେ ଆଞ୍ଚ ଆସିଛି । ଯେଉଁ ଗଣତନ୍ତ୍ର କଥା କହି ଆମେରିକା ନିଜର ଆଧିପତ୍ୟ ବିସ୍ତାର ପାଇଁ ବାଟ ଫିଟାଇଥାଏ ସେହି ଗଣତନ୍ତ୍ର ପ୍ରତି ଅନ୍ୟମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ମାଇଣ୍ଡଗେମ୍‌ରେ ଆମେରିକାକୁ ଦୁର୍ବଳ କରିବାକୁ ପୁତିନ ସଫଳ ହୋଇଛନ୍ତି ।

ସୋଭିଏତ ରୁଷିଆକୁ ଦୁର୍ବଳ କରିବାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଯେଉଁ ପ୍ରୟାସ ଆମେରିକା ଚଳାଇ ଆସିଥିଲା ତାହା ଚାରିଦଶନ୍ଧି ପରେ ସଫଳ ହେଲା । ସୋଭିଏତ୍ ସଂଘକୁ ଭାଙ୍ଗିବା ପାଇଁ ଆମେରିକାର ନିରନ୍ତର ପ୍ରୟାସକୁ ପୁତିନ ଦେଖିଥିଲେ । ଜର୍ମାନୀରେ ଗୁଇନ୍ଦା ଅଧିକାରୀ ଭାବେ ନିଯୁକ୍ତ ଥିଲାବେଳେ ବିକ୍ଷୋଭ ଆଳରେ ସେଠାରେ ଥିବା ସୋଭିଏତ ରୁଷିଆର କୂଟନୀତିକ କାର୍ଯ୍ୟାଳୟକୁ କିପରି ଧ୍ୱଂସ କରି ତଥ୍ୟ ଚୋରାଇବାକୁ ପ୍ରୟାସ ହୋଇଥିଲା ତାହା ସହ ସେ ପରିଚିତ ଥିଲେ । କାର୍ଯ୍ୟାଳୟ ଉପରେ ଆକ୍ରମଣ ହେବା ସମୟରେ ସେ ଗୋପନୀୟ ତଥ୍ୟଗୁଡିକର ଦଲିଲକୁ କିପରି ପୋଡି ନଷ୍ଟ କରିଥିଲେ ତାହା ଭୁଲିପାରିନାହାନ୍ତି । ସେତେବେଳେ ରୁଷିଆର ଶାସନରେ ଥିବା ସରକାରଙ୍କଠାରୁ ଯେପରି ସାହାଯ୍ୟ ପାଇବା କଥା ତାହା ସେ ନପାଇବା ଦ୍ୱାରା କିପରି ରୁଷିଆର କ୍ଷତି ହୋଇଥିଲା ତାହା ସେ ଲକ୍ଷ୍ୟ କରିଥିଲେ । ତେଣୁ ରୁଷିଆର ନେତୃତ୍ୱ ସବୁବେଳେ ସୁଦୃଢ , ସଶକ୍ତ ଏବଂ ବାରମ୍ବାର ପରିବର୍ତ୍ତନ ନ ହେବାକୁ ସେ ନିଜର ନୀତି ଭାବେ ଧରିଛନ୍ତି । ରୁଷିଆରେ ଗଣତନ୍ତ୍ର ଆସିଲା ପରେ ଯେପରି ଭୋଟରକୁ ପ୍ରଭାବିତ କରି ସରକାର ବଦଳିବା କଥା ତାହା ହୋଇନାହିଁ । ଏପରିକି ପୁତିନ ନିଜକୁ ସର୍ବୋଚ୍ଚ ସ୍ଥାନରେ ଅଧିକ ସଶକ୍ତ କରିଛନ୍ତି । ସାମ୍ବିଧାନିକ ପରିବର୍ତ୍ତନ ମଧ୍ୟ କରିଛନ୍ତି । ୟୁରେସିଆକୁ ଦୁର୍ବଳ କରିବାକୁ ହେଉଥିବା ଉଦ୍ୟମର ସେ ବିରୋଧ କରୁଛନ୍ତି । ଆମେରିକାର ସୋସିଆଲ ମିଡିଆରେ ପ୍ରବେଶ କରି ସେଠାକାର ସରକାରଙ୍କୁ ସନ୍ଦେହରେ ପକାଇଛନ୍ତି । ୨୦୧୮ରେ ଫକ୍ସ ନିଉଜକୁ ଦେଇଥିବା ସାକ୍ଷାତକାରରେ ପୁତିନ ଯେଉଁ ମନସ୍ତାତ୍ତ୍ୱିକ ଯୁଦ୍ଧ ଚଳାଇଥିଲେ ସେଥିରେ କେତେକାଂଶରେ ସେ ସଫଳ ହୋଇଛନ୍ତି । ୨୦୧୬ରେ ଆମେରିକା ନିର୍ବାଚନରେ ଟ୍ରମ୍ପ-ହିଲାରୀ କ୍ଲିଣ୍ଟନଙ୍କ ମଧ୍ୟରେ ଲଢେଇ ହେଉଥିବା ସମୟରେ ବର୍ଣ୍ଣିସାଣ୍ଡାର୍ସ କ୍ଲିଣ୍ଟନଙ୍କୁ ହଟାଇବା ପାଇଁ କିପରି ଷଡଯନ୍ତ୍ର କରିଥିଲେ ତାହା କହି ସେ ଆମେରିକାବାସୀଙ୍କ ମନରେ ଦ୍ୱନ୍ଦ୍ୱ ଭରି ଦେଇଥିଲେ । ଆମେରିକାର ରାଜନୀତିରେ ନୀତିବିହୀନ ନେତୃତ୍ୱର ଲଢେଇକୁ ସେ ଲୋକଲୋଚନକୁ ଆଣି ଅନେକ ସନ୍ଦେହର ଜାଲ ବୁଣିଥିଲେ । ଯାହା ଫଳରେ ଟ୍ରମ୍ପ ଏବଂ କ୍ଲିଣ୍ଟନଙ୍କ ଦଳକୁ ସମର୍ଥନ କରୁଥିବା ଭୋଟରମାନଙ୍କ ମନରେ ନିର୍ବାଚନର ସ୍ୱଚ୍ଛତାକୁ କେନ୍ଦ୍ର କରି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ସେମାନେ ତଦନ୍ତ ପାଇଁ ଦାବି କରିଥିଲେ । ଆମେରିକାର ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ଜାଲିଆତି ହେଉଥିବା କଥା ପୁତିନ ଉଠାଇ ବିଶ୍ୱବାସୀଙ୍କ ମନରେ ଆମେରିକାର ପ୍ରତିଷ୍ଠା ପ୍ରତି ଆଞ୍ଚ ଆଣିଥିଲେ । ତେଣୁ ଆମେରିକାବାସୀଙ୍କ ମନରେ ଆମେରିକାର ବିଧି ଓ ବ୍ୟବସ୍ଥା ପ୍ରତି ସନ୍ଦେହ ସୃଷ୍ଟିକରି ଆମେରିକା କିପରି ଅନ୍ୟ ଦେଶର ଗଣତନ୍ତ୍ରର କ୍ଷତିସାଧନ କରିଆସୁଛି ତାହା ସେ ଉଲ୍ଲେଖ କରିଥିଲେ ।

କ୍ଷମତାକୁ ଆସିବା ପରେ ପୁତିନଙ୍କ ସମ୍ମୁଖରେ ଚେଚେନ୍ୟାର ଇସ୍ଲାମିକ ସନ୍ତ୍ରାସବାଦ ବଡ ଆହ୍ୱାନ ହୋଇ ଛିଡା ହୋଇଥିଲା । ତା ପଛରେ ଆମେରିକା ସରକାର ମଧ୍ୟପ୍ରାଚ୍ୟର ସହଯୋଗୀ ମୁସଲିମ ରାଷ୍ଟ୍ରଗୁଡିକୁ ଲଗାଇଥିଲେ । ପୃଥିବୀରେ ଇସଲାମିକ ସନ୍ତ୍ରାସର କାରଖାନା ଖୋଲି ପାକ୍ ଓ ମଧ୍ୟପ୍ରାଚ୍ୟ ମାଧ୍ୟମରେ ଆମେରିକା ଯେମିତି ଭାରତ ସମେତ ରୁଷିଆକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଆସିଛି ସେ ସଂପର୍କରେ ସମସ୍ତେ ପରିଚିତ । ଚେଚେନ୍ୟା ବିଦ୍ରୋହୀଙ୍କୁ ଦମନ କଲାପରେ ପୁତିନ ମଧ୍ୟପ୍ରାଚ୍ୟରେ ନିଜ ପ୍ରାଧାନ୍ୟ ବିସ୍ତାର କରି ଆମେରିକାକୁ ଚ୍ୟାଲେଞ୍ଜ ଦେଇଥିଲେ । ଆଫ୍ରିକାରେ ହସ୍ତକ୍ଷେପ କରି ନାଟୋ ଦେଶଗୁଡିକୁ ହଟାଇବା ପାଇଁ ସ୍ଥାନୀୟ ରାଜନେତା ଏବଂ ସେନାର ନେତୃତ୍ୱକୁ ବୁଝାଇବାରେ ସକ୍ଷମ ହୋଇଥିଲେ । ଯେଉଁଥିପାଇଁ ଏକଦା ଶହଶହ ବର୍ଷ ଧରି ଆଫ୍ରିକାକୁ ଉପନିବେଶ କରିଥିବା ୟୁରୋପୀୟ ରାଷ୍ଟ୍ରଗୁଡିକ ପ୍ରତି ଆଫ୍ରିକାର ଜନମାନସରେ ଏବେ ପ୍ରବଳ ଘୃଣା ଭାବ ଦେଖାଦେଇଛି । ଗୋଟିକ ପରେ ଗୋଟିଏ ଦେଶରେ ନାଟୋ ସମର୍ଥିତ ଗୋଷ୍ଠୀ ଦୁର୍ବଳ ହେବାରେ ଲାଗିଛନ୍ତି । ନିକଟରେ ନାଇଜରରୁ ଫ୍ରାନ୍ସ ସେନାବାହିନୀ ନିଜ ଛାଉଣୀ ଛାଡିବାକୁ ବାଧ୍ୟ ହୋଇଛନ୍ତି । ସତୁରୀ ବର୍ଷ ଧରି ସେଠାରେ ଫ୍ରାନ୍ସର ସେନା ସ୍ଥାୟୀ ଭାବେ ରହିଆସିଥିଲେ । ବିଗତ ଦିନରେ ଅନେକ ଆଫ୍ରିକୀୟ ରାଷ୍ଟ୍ରରେ ଆମେରିକା-ନାଟୋ ସମର୍ଥକ ସରକାରଗୁଡିକୁ କ୍ଷମତାରୁ ହଟାଇବା ପଛରେ ପୁତିନଙ୍କ ବୁଦ୍ଧି ଯେ କାର୍ଯ୍ୟ କରିଛି ତାହା ସ୍ୱୀକାର କରିବାକୁ ହେବ । ୨୦୦୪ ପରଠାରୁ ଆଫ୍ରିକାର ଆର୍ଥିକ ଓ ବାଣିଜ୍ୟିକ କ୍ଷେତ୍ରରେ ଚୀନ ନିଜର ଆଧିପତ୍ୟକୁ ବୃଦ୍ଧିକରିବାକୁ ସକ୍ଷମ ହେଲାବେଳେ ରୁଷିଆ ସାମରିକ ଏବଂ କୂଟନୀତିକ କ୍ଷେତ୍ରରେ ଅଧିକ ସୁଦୃଢ ହୋଇଛି । ମାଇଣ୍ଡଗେମ୍‌ରେ ପୁତିନ ଆଗୁଆ ରହି ଆଫ୍ରିକାବାସୀଙ୍କୁ ୟୁରୋପ-ଆମେରିକା ବିରୋଧୀ କରି ଛିଡା କରିବାକୁ ସକ୍ଷମ ହୋଇଛନ୍ତି ।

ସମ୍ମୁଖ ଯୁଦ୍ଧରେ ରୁଷିଆ ପାଇଁ କେବଳ ପରମାଣୁ ଯୁଦ୍ଧ ବାଦ ଦେଲେ ପାରମ୍ପାରିକ ଯୁଦ୍ଧରେ ଆମେରିକାର ସମ୍ମୁଖୀନ ହେବା ସହଜ ହେବନାହିଁ, ଏକଥା ପୁତିନଙ୍କୁ ଜଣାଅଛି । ତେଣୁ ସେ ସାଇବର ସେନା ବାହିନୀକୁ ଶକ୍ତିଶାଳୀ କରି ଆମେରିକା ଓ ନାଟୋ ଗୋଷ୍ଠୀକୁ ବାରମ୍ବାର ଆକ୍ରମଣ କରି ଆସିଛନ୍ତି । ୨୦୨୦ ନିର୍ବାଚନ କାଳରେ ଆମେରିକାରେ ଟ୍ରମ୍ପ ବିଜୟୀ ହେବା ଜଣାପଡୁଥିଲା ବେଳେ ବାଇଡେନ ବିଜୟୀ ହେବା ସମସ୍ତଙ୍କୁ ଚକିତ କରିଥିଲା ଏବଂ ଆମେରିକାବାସୀ ଭୋଟରଙ୍କ ମନରେ ପୁତିନ ମାଇଣ୍ଡଗେମ୍ କ୍ଷେତ୍ରରେ ଆଗରେ ରହିବା ଜଣାପଡିଥିଲା । ପୁତିନ ନିଜେ କେଜିବିର ଜଣେ ଅଧିକାରୀ ଭାବେ ଅତୀତରେ କାର୍ଯ୍ୟ କରିଥିବା ଦୃଷ୍ଟିରୁ କ୍ଷମତାକୁ ଆସିବାପରେ ଗୁଇନ୍ଦା ବ୍ୟବସ୍ଥାକୁ ଶକ୍ତିଶାଳୀ କରିଛନ୍ତି । ଆମେରିକାର ଗଣମାଧ୍ୟମଗୁଡିକରେ ରୁଷିଆ ସମର୍ଥିତ ଲୋକଙ୍କୁ ପ୍ରବେଶ କରାଇ ପୁତିନ ଭୟ ସଞ୍ଚାର କରିବାକୁ ସକ୍ଷମ ହୋଇଛନ୍ତି । ୟୁକ୍ରେନ ଯୁଦ୍ଧବେଳେ ଜନବସତିଗୁଡିକ ଉପରେ ଭୀଷଣ ଆକ୍ରମଣକରି ପ୍ରବଳ କ୍ଷୟକ୍ଷତି ସହ ଅଞ୍ଚଳକୁ ଧ୍ୱସ୍ତବିଧ୍ୱସ୍ତ କରିବାର ଭୟଙ୍କର ଫଟୋ ସବୁ ଆମେରିକାର ଗଣମାଧ୍ୟମରେ ପ୍ରକାଶ କରାଇ ଆମେରିକାବାସୀଙ୍କ ମନରେ ସେଠାକାର ସରକାରଙ୍କ ପ୍ରତି ଘୃଣାଭାବ ସୃଷ୍ଟି କରିବାରେ ପୁତିନ ସକ୍ଷମ ହୋଇଥିଲେ । ଆମେରିକା ଏବଂ ୟୁରୋପର ଲୋକେ ଭୟାଳୁ ଏବଂ ରକ୍ତପାତ ଦେଖିଲେ ଛାନିଆଁ ହେବା ସମସ୍ତେ ଜାଣିଛନ୍ତି । ତେଣୁ ପୁତିନ ଯୁଦ୍ଧକାଳରେ ସେଭଳି ଦୃଶ୍ୟ ସୃଷ୍ଟିକରି ଆମେରିକାବାସୀଙ୍କ ମନରେ ଭୟ ସୃଷ୍ଟି କରିଛନ୍ତି । ସୋଭିଏତ ରୁଷିଆକୁ ଆମେରିକା ରାଜନୀତିକ ଷଡଯନ୍ତ୍ର ମାଧ୍ୟମରେ ବିଭାଜିତ କରିବାକୁ ସକ୍ଷମ ହୋଇଥିଲା ବେଳେ ପୁତିନ ସମାନ ଢଙ୍ଗରେ ଆମେରିକାକୁ ଆମେରିକାବାସୀଙ୍କ ଦ୍ୱାରା ବିଭାଜିତ କରିବାକୁ ପ୍ରୟାସ ଚଳାଇଛନ୍ତି । (ବ୍ଲାକ ଲାଇଫମ୍ୟାଟର୍ସ ଆନ୍ଦୋଳନରେ ଯେପରି ଇସଲାମିକ ଏବଂ କମ୍ୟୁନିଷ୍ଟ ଗୋଷ୍ଠୀ ଆମେରିକାରେ ତାଣ୍ଡବ ସୃଷ୍ଟି କରିଥିଲେ ତା ପଛରେ କେଜିବିର ଭୂମିକା ରହିଥିବା ସଂକ୍ରାନ୍ତରେ ବହୁଖବର ପ୍ରକାଶ ପାଇଥିଲା । ଏଥିରୁ ଆମେରିକାକୁ ଆମେରିକା ମଧ୍ୟରେ ଦୁର୍ବଳ କରିବାକୁ ପୁତିନଙ୍କ ଅପରେସନ ସକ୍ଷମ ବୋଲି କୁହାଯାଇପାରେ । ଆଗାମୀ ଦିନରେ ଆମେରିକାବାସୀଙ୍କ ମନରେ ଆମେରିକାପ୍ରତି ଅଧିକ ସନ୍ଦେହ ସୃଷ୍ଟି ପାଇଁ ପୁତିନ ଭିନ୍ନ ଭିନ୍ନ ମାଧ୍ୟମରେ ପ୍ରୟାସ କରିବେ ନିଶ୍ଚୟ ।

## ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ : ବିଜ୍ଞାନ ଶିକ୍ଷାର ଉତ୍ସ

॥ ଡକ୍ଟର ଶ୍ରୀମତୀ ଦୀପା ନାଗ୍ ॥

ଓଡ଼ିଶାର ଅନ୍ୟତମ ମର୍ଯ୍ୟାଦାପୂର୍ଣ୍ଣ ଓ ସର୍ବପୁରାତନ ବିଜ୍ଞାନ ମହାବିଦ୍ୟାଳୟ ଭାବେ କଟକର ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠିତ। ଓଡ଼ିଶାରେ ବିଜ୍ଞାନର ପ୍ରଚାର ପ୍ରସାର ଦିଗରେ ଏହି ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଓ ପ୍ରେରଣାପ୍ରଦ ଅବଦାନ ରହିଛି। ଓଡ଼ିଶା ରାଜ୍ୟରେ ଗୁଣାତ୍ମକ ବିଜ୍ଞାନ ଶିକ୍ଷାର ପ୍ରସାର ନିମନ୍ତେ ରୌପ୍ୟ ନଗରୀ କଟକର କେନ୍ଦ୍ରସ୍ଥଳୀରେ ୧୯୪୪ ମସିହାରେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ସ୍ଥାପନା କରାଯାଇଥିଲା। ଏହା ଏକ ଖ୍ରୀଷ୍ଟିଆନ ଲଘୁ ସଂପ୍ରଦାୟ ଅନୁଷ୍ଠାନ। ଓଡ଼ିଶା ସରକାରଙ୍କର ଅନୁଦାନ ପ୍ରାପ୍ତ ଏବଂ କଟକ ଡାୟୋସିସ୍ ଦ୍ୱାରା ପରିଚାଳିତ ଏହି ମହାବିଦ୍ୟାଳୟଟି ଭାରତ ବର୍ଷର ସ୍ୱାଧୀନତା ପୂର୍ବରୁ ଆଜି ପର୍ଯ୍ୟନ୍ତ ଉଚ୍ଚକୋଟୀର ଶିକ୍ଷାଦାନ କରିବା ସହିତ ଉତ୍ତମ ନାଗରିକ ମାନଙ୍କୁ ଗଠନ କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।

ଏହି ମହାବିଦ୍ୟାଳୟରେ ଯୁକ୍ତତିନ ପାଠ୍ୟକ୍ରମରେ ବିଜ୍ଞାନର ସାତୋଟି ବିଭାଗରେ ସମ୍ମାନରେ ଶିକ୍ଷାଦାନ କରାଯାଉଛି। ସେହି ବିଷୟ ଗୁଡ଼ିକ ହେଲା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଉଦ୍ଭିଦ ବିଜ୍ଞାନ, ଜୀବ ବିଜ୍ଞାନ, ଭୂତତ୍ତ୍ୱ ଏବଂ କମ୍ପ୍ୟୁଟର ବିଜ୍ଞାନ। ପ୍ରତ୍ୟେକ ବିଭାଗରେ ଯୋଗ୍ୟ ଏବଂ ଅଭିଜ୍ଞ ଶିକ୍ଷକ ଓ ଡେମୋନଷ୍ଟ୍ରେଟରମାନେ ଛାତ୍ରଛାତ୍ରୀ ମାନଙ୍କୁ ଥିଓରି ଏବଂ ପ୍ରାକ୍ଟିକାଲ ଶ୍ରେଣୀରେ ଯତ୍ନର ସହିତ ଶିକ୍ଷାଦାନ କରନ୍ତି। ପାଠପଢ଼ାଇବା ସହିତ ପିଲାମାନଙ୍କର ସୁଚରିତ୍ର ଗଠନ ଦିଗରେ ମଧ୍ୟ ଧ୍ୟାନ ଦିଆଯାଏ। ମହାବିଦ୍ୟାଳୟର ବିଜ୍ଞାନଗାର ଗୁଡ଼ିକ ଖୁବ ଉଚ୍ଚକୋଟୀର। ଯୁକ୍ତତିନି ପାଠ୍ୟକ୍ରମ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ଉପକରଣ ଏବଂ ରାସାୟନିକ ଯଥେଷ୍ଟ ପରିମାଣରେ ଉପଲବ୍ଧ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପରୀକ୍ଷା ମାନଙ୍କରେ ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କର କୃତୀତ୍ୱରେ ଶିକ୍ଷାର ମାନ ପ୍ରତିଫଳିତ ହେଉଛି। ପ୍ରାୟ ପ୍ରତ୍ୟେକ ବର୍ଷ ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଥାନ ତଥା ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରୁଛନ୍ତି। ଏହାର ଯୁକ୍ତଦୁଇ ଶିକ୍ଷାଦାନ ମଧ୍ୟ ଖୁବ ଉଚ୍ଚକୋଟୀର। ଏହି ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିବା ପରେ ଛାତ୍ରଛାତ୍ରୀମାନେ



ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ଉଚ୍ଚ ପଦପଦବୀରେ ସେମାନେ ଅଧିଷ୍ଠିତ। ପାଠପଢ଼ା ସହିତ ଏହି ମହାବିଦ୍ୟାଳୟର ପିଲାମାନେ ଏନସିସି, ଏନଏସଏସ ଏବଂ ୱାଇଆରସିର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ରାଜ୍ୟ ତଥା ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ସଂଗୀତ, ନୃତ୍ୟ, ଯୋଗ, କୁଇଜ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତାରେ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି। ଏହି ସମସ୍ତ କାର୍ଯ୍ୟକ୍ରମ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଅବଗତ ଏବଂ ଉତ୍ସାହିତ କରିବାରେ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ। ଏହି କୃତୀତ୍ୱପୂର୍ଣ୍ଣ ବିଜ୍ଞାନମହାବିଦ୍ୟାଳୟରୁ ଅନେକ ପ୍ରତିଭାବାନ ମେଧାବୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଯାହାକି ସେମାନେ ଏହି ବିଦ୍ୟାଳୟର ଜଣେ ଜଣେ ପ୍ରତିଭା ଗୌରବ ବିମଣ୍ଡିତ ଆସନରେ ଆଜି ଅଧିଷ୍ଠିତ। ଆଜି ଏହି ବିଦ୍ୟାଳୟ ତାର ୭୯ତମ ବାର୍ଷିକ ଉତ୍ସବ ପାଳନ କରୁଛି। ଏ କ୍ଷେତ୍ରରେ ହଜାର ବର୍ଷର ପରିଚୟ ସମୃଦ୍ଧିରେ ପ୍ରତିଷ୍ଠିତ କଟକ ସହରର ପ୍ରତିଟି କଟକିଆଙ୍କ ସହଯୋଗ ଓ ଭୂମିକା ରହିଛି। ଆଜି ଆମେ ଅତ୍ୟନ୍ତ ଗୌରବାମହ ମନେକରୁଛୁ ଯେ ଏହି ବିଦ୍ୟାଳୟ ତାର ସୁନାମ ପ୍ରତିଷ୍ଠା କରିବାରେ ଓ ବଜାୟ ରଖିବାରେ ସଫଳ ହୋଇଛି। କେବଳ ପାଠପଢ଼ା ନୁହେଁ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଜ୍ଞାନର ଅନ୍ୟତମ ଉତ୍କୃଷ୍ଟ ଓ ଉତ୍କର୍ଷ ଗବେଷଣା ସହ କ୍ରୀଡ଼ା ଓ ସାଂସ୍କୃତିକ ଓ ବୌଦ୍ଧିକର ବିଭିନ୍ନ ଦିଗରେ ପ୍ରତିଷ୍ଠିତ ହୋଇ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇଛନ୍ତି। ଅନେକ ବିଜ୍ଞାନ ଶିକ୍ଷାବିତ, ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟରଙ୍କ ଠାରୁ କ୍ରୀଡ଼ାବିତ, ସୁଲେଖକଙ୍କ ଠାରୁ ସାମ୍ବାଦିକ, ମହାକାଶବିଜ୍ଞାନୀଙ୍କ ଠାରୁ ବିଜ୍ଞାନର ସମସ୍ତ ସୋପାନରେ ସେମାନେ ଯେଉଁ ଶିଖରରେ ପହଞ୍ଚି ଏହି ମହାବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ଓ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇବା ପାଇଁ ଯଥେଷ୍ଟ। ଏହି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇବାରେ ମହାବିଦ୍ୟାଳୟର ମାର୍ଗଦର୍ଶନ ମଣ୍ଡଳୀ, ପ୍ରତିଷ୍ଠାତା ମଣ୍ଡଳୀ ଓ କମିଟି ମଣ୍ଡଳୀର ସହଯୋଗ, ଉଦ୍ୟମ, ନିଷ୍ଠା ଯଥେଷ୍ଟ। ଚକ, ଡଷ୍ଟର, କଳାପଟା ଯୁଗରୁ ବିଜ୍ଞାନ ଶିକ୍ଷାଦାନ ଆରମ୍ଭ କରି ଆଜି ସ୍ମାର୍ଟ ବୋର୍ଡ଼, ପ୍ରୋଜେକ୍ଟର ଓ କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷାଦାନ କରି କୃତୀ ଛାତ୍ରଛାତ୍ରୀ ସୃଷ୍ଟି କରିବାର ଯାତ୍ରାକୁ ଆଜିବି ଏହି ମହାବିଦ୍ୟାଳୟ ବଜାଏ ରଖିଛି, ଆଗକୁ ମଧ୍ୟ ରଖିବ।

ଅଧ୍ୟକ୍ଷା, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, ମଧୁସୂଦନ ରୋଡ଼, କଟକ, ଦୂରଭାଷ : ୯୪୩୮୩୬୫୭୦୨

## ସତପାତ୍ର

॥ ନିରୂପମା ଭୂୟାଁ ॥

ବମ୍ବେରୁ ଜଣେ ଧାର୍ମିକ ସେଠ ତୀର୍ଥରେ ଆସି ହରିଦ୍ୱାରରେ ପହଞ୍ଚିଲେ। ଶୀତ ଋତୁ ଆସିବା ଆଗରୁ ସେଠାକାର ସାଧୁସନ୍ଥ ମାନଙ୍କୁ ଗୋଟିଏ ଗୋଟିଏ କମ୍ବଳ ଦେବା ଲାଗି ସେ ୨୦୦ ଖଣ୍ଡ କମ୍ବଳ ସାଥିରେ ଆଣିଥିଲେ। ହରିଦ୍ୱାରର ଜଣେ ବଡ଼ ସାଧୁଙ୍କ ସହ ତାଙ୍କର ସଦଭାବ ଥିଲା ଓ ସେ ହରିଦ୍ୱାର ରହଣି ବେଳେ ତାଙ୍କରି ଆଶ୍ରମରେ ରହିବା ପାଇଁ ସ୍ଥିର କଲେ। ଆଣିଥିବା କମ୍ବଳ ଗୁଡ଼ିକର କଥା ମଧ୍ୟ ସେ ସାଧୁଙ୍କୁ କହିଲେ। ସେ କଥା ଶୁଣି ସାଧୁ କହିଲେ - ଠିକ ଅଛି, କମ୍ବଳ ଏଠି ଥାଉ, ଉପଯୁକ୍ତ ସମୟରେ ଉପଯୁକ୍ତ ଲୋକ ହାତରେ ଏ କମ୍ବଳ ଗୁଡ଼ିକ ଦିଆଯିବ। ସବୁ ଦିନ ଭଳି ସନ୍ଧ୍ୟାରେ ସାଧୁଙ୍କ ଆଶ୍ରମରେ ସତସଙ୍ଗ ସଭା ହେଲା। ଅନେକ ସାଧୁ ସନ୍ଥ ଓ ଯାତ୍ରୀମାନେ ମିଶି ରାମଧନ କଲେ। କେତେକ ମହାପୁରୁଷ ପ୍ରବଚନ ଦେଲେ ଓ ଶେଷରେ ସଭା ସାଙ୍ଗ କରାଗଲା। ଏହି ସମୟରେ ବମ୍ବେର ଧାର୍ମିକ ଲୋକଟି ସାଧୁଙ୍କୁ କମ୍ବଳ ବାଣ୍ଟିବା କଥା ମନେ ପକାଇ ଦେଲେ। ସାଧୁ କହିଲେ, ‘ଅପେକ୍ଷା କର, ସମୟ ହୋଇନାହିଁ।’

ଧାର୍ମିକ ଲୋକ ଜଣକ ଭାବିଲେ ସଭାରେ ଏତେ ସାଧୁସନ୍ଥ ଉପସ୍ଥିତ ଥିଲେ, ସେଠାରେ କମ୍ବଳ ବାଣ୍ଟିଥିଲେ ଭଲ ହୋଇଥାନ୍ତା, କିନ୍ତୁ ଏ ସାଧୁ ମୋତେ କାହିଁକି ବାରଣ କଲେ, ମନେ ମନେ ସେ ଅନେକ କଥା ଭାବୁଥାନ୍ତି। ରାତ୍ରୀ ଭୋଜନ ତଥା ଭଜନ କୀର୍ତ୍ତନର ସମୟ ହେଲା। ଏଥିରେ ଯୋଗ ଦେବାକୁ ସାଧୁ ସନ୍ଥ ଓ ମହାତ୍ମାମାନେ ଅନେକ ସଂଖ୍ୟାରେ ଆସିଲେ ଏବଂ ରାତି ଦଶଟା ବେଳକୁ ସମସ୍ତେ ନିଜ ନିଜ ସ୍ଥାନକୁ ଫେରି ଗଲେ। ଧାର୍ମିକ ଲୋକ ଜଣକ ଏ ଥରକ ପୁଣି କମ୍ବଳ ବାଣ୍ଟିବା କଥା ସାଧୁଙ୍କୁ ମନେ ପକାଇ ଦେଲେ - ଏ ଥରକ ବି ସାଧୁ ପୁଣି କହିଲେ - ‘ଉପଯୁକ୍ତ ଲୋକ ଓ ଉପଯୁକ୍ତ ସମୟ ଏ ନୁହେଁ, ଆଉ ଟିକେ ଅପେକ୍ଷା କର।’ ଏହାପରେ ସାଧୁ ନିଜ ଶୋଇବା କୁଟୀରକୁ ଗଲେ ଓ ଧାର୍ମିକ ଲୋକଟି ତାଙ୍କ ରହିବା ଜାଗାକୁ ଗଲେ।

ଧାର୍ମିକ ଲୋକ ଜଣକ ଭାବୁଥାନ୍ତି ଯେ ଏ ସାଧୁ ଏଭଳି ବିଳମ୍ବ କରିବାର କାରଣ କ’ଣ ହୋଇପାରେ। ବିଛଣାରେ ପଡ଼ି ରହି ଥିଲେ ମଧ୍ୟ ତାଙ୍କୁ ନିଦ ଆସୁନଥାଏ। ରାତି ଅଧ ବେଳକୁ ସାଧୁ ଆସି ଧାର୍ମିକ ଲୋକଟିକୁ ଡାକିଲେ। ‘ଓ ସେଠ, ଚାହିଁଛ ନା ଶୋଇଲଣି। ଚାଲ ତୁମ କମ୍ବଳ ବାଣ୍ଟିବା।’ ସାଧୁଙ୍କ କଥା ଶୁଣି ସେଠ ବାହାରକୁ ଆସି କହିଲେ, ‘ମହାରାଜ, ଏ ରାତି ଅଧରେ ଦାନ ନେବାକୁ ଲୋକ କୋଉଠୁ ମିଳିବେ? ସାଧୁ କହିଲେ, ‘ସତପାତ୍ର ପାଇବାର ଉପଯୁକ୍ତ ସମୟ ବର୍ତ୍ତମାନ।’ ଆସ, କହି ଯେତେ କମ୍ବଳ ନିଜେ ଧରିପାରିଲେ ତାକୁ କାନ୍ଧରେ ନେଇ ଚାଲିଲେ। ସେଠ ମଧ୍ୟ ସାଧୁଙ୍କୁ ଦେଖି ଆହୁରି କିଛି କମ୍ବଳ ନିଜେ ଧରି ସାଧୁଙ୍କ ପଛେ ପଛେ ଚାଲିଲେ। ଚାଲି ଚାଲି ସେମାନେ ପହଞ୍ଚିଲେ ଗଙ୍ଗା ତୀରରେ। କେହି କେହି ଥଣ୍ଡାରେ ଥରୁଥିବା ଅବସ୍ଥାରେ, କେହି କେହି ଅନ୍ଧରାତ୍ର ଯୋଗୁଁ ଶୋଇ ପଡ଼ିଥିବା ଅବସ୍ଥାରେ, ସାଧୁ ପ୍ରତ୍ୟେକଙ୍କୁ ଖଣ୍ଡେ ଲେଖାଏଁ କମ୍ବଳ ଘୋଡ଼ାଇ ଦେଇ ଗଲେ। ବୁଲି ବୁଲି ସେମାନେ ଦୁଇ ଶହ ଯାକ କମ୍ବଳ ବାଣ୍ଟିଲେ। ସାଧୁଙ୍କ ଉନ୍ନତ ବିଚାର ଧାର୍ମିକ ସେଠଙ୍କ ମନରେ ଅପୂର୍ବ ଆନନ୍ଦ ସଞ୍ଚାର କଲା। ବର୍ତ୍ତମାନ ସେ ବୁଝିଲେ ଯେ ତାଙ୍କ ଦାନ ଉପଯୁକ୍ତ ଲୋକଙ୍କୁ ମିଳିଲା। ପ୍ରକୃତରେ ସେମାନେ ଥିଲେ ସତପାତ୍ର। ଦେଖେଇ ହୋଇ ଦାନ କରିବା ଅପେକ୍ଷା ଏ ଦାନ ହଜାର ଗୁଣ ଶ୍ରେୟସ୍କର।

ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୯୩୭୪୭୦୯୮୦

## ଶିରିଡି ସାଇ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟକ୍ରମ

ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲା ସଦର ମହକୁମାରେ ପ୍ରଥମ ଶିରିଡି ସାଇଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆଜି ଠାରୁ ଆରମ୍ଭ ହୋଇଛି । ତିନି ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ବହୁ ସଂଖ୍ୟାରେ ଭକ୍ତ ବୃନ୍ଦ ସାମିଲ ହୋଇଛନ୍ତି । ସ୍ଥାନୀୟ ପାତ୍ରଗୁଡାରେ ନିର୍ମାଣ ହୋଇଥିବା ଏହି ମନ୍ଦିରରେ ସାଇ ବାବାଙ୍କ ବିଗ୍ରହ ସମେତ ଗଣେଶ ଓ ଦତ୍ତାତ୍ରେୟଙ୍କ ବିଗ୍ରହ ମଧ ପ୍ରତିଷ୍ଠା ପାଇବେ । ମାଲକାନଗିରି ଶିରିଡି ସାଇ ସେବା ସମିତି ପକ୍ଷରୁ ପ୍ରତିଷ୍ଠା କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ବେଳେ ଗଞ୍ଜାମ ଜିଲା ଚିକିଟି ଗ୍ରାମରୁ ପୁରହିତ ମାନଙ୍କ ଦ୍ୱାରା ପୂଜାବିଧି ଅନୁଷ୍ଠିତ ଜାରି ରହିଛି । ଆଜିର ପ୍ରଥମ ଦିନର କାର୍ଯ୍ୟକ୍ରମରେ କଳଶ ଯାତ୍ରା ଅନୁଷ୍ଠିତ ହୋଇଥିଲା ଓ ଏଥିରେ ସାମିଲ ହୋଇଥିଲେ ଶତାଧିକ ମହିଳା ଭକ୍ତ । ଏହାପରେ ଅଙ୍କୁରା ରପୋନ ଓ ବିଧିବଦ୍ଧ ପୂଜନୀତି ଆରମ୍ଭ ହୋଇଥିଲା । ଆସନ୍ତା ଗୁରୁବାର ଦିନ ଦେବତା ମାନଙ୍କ ପ୍ରାଣ ପ୍ରତିଷ୍ଠା ତଥା ଯଜ୍ଞ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ସେହିପରି ଶେଷ ଦିନ ଅର୍ଥାତ ଶୁକ୍ରବାର ଦିନ ଅପରାହ୍ନରେ ପ୍ରସାଦ ସେବନ ଓ ସନ୍ଧ୍ୟାରେ ଭଜନ ସୋମାରହ ଆୟୋଜନ ହେବ ବୋଲି ସେବା ସମିତିର ସଭାପତି ଶଶାଙ୍କ ମିଶ୍ର ସୂଚନା ଦେଇଛନ୍ତି । ହଜାର ହଜାର ସଂଖ୍ୟାରେ ଭକ୍ତ ବୃନ୍ଦଙ୍କ ସମାଗମ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା, ପାର୍କିଂ, ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

## ଏକତା ପଦଯାତ୍ରା ଅନୁଷ୍ଠିତ

ନୂଆଗାଁ, (ମହାଭାରତ) : ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ନୟାଗଡ଼ ଜିଲ୍ଲା ନୂଆଗାଁ ପଞ୍ଚାୟତ ସମିତି ତରଫରୁ ନୂଆଗାଁ ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଛାତ୍ରଛାତ୍ରୀ ମାନେ ଏକ ଶୋଭାଯାତ୍ରାରେ ବାହାରି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ନାମରେ ସ୍ଲୋଗାନ ଦେଇ ବଜାର,ଗ୍ରାମ ପରିକ୍ରମାକରି ବ୍ଲକରେ ପହଞ୍ଚିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୂଆଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡାକ୍ତର ଅମୃତ କୁମାର ରାଉଳ ,ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ,ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୀନକେତନ ବେହେରା,ସାମାଜିକ ସୁରକ୍ଷା ଅଧିକାରୀଣୀ ସ୍ୱର୍ଣ୍ଣ ସାରିକା ଜେନା ,ରଘୁନାଥ ସାହୁ, ଡବ୍ଲୁଇଓ ଜଗେଶ୍ୱର ନାୟକ ସମେତ ନୂଆଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀମସେନ ଦାସ ପ୍ରମୁଖ ଉପସ୍ଥିତ ରହି ସର୍ଦ୍ଦାର ବଲ୍ଲଭ ଭାଇଙ୍କ ଜୀବନୀ ଉପରେ ବର୍ଣ୍ଣନା କରିଥିଲେ ।ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବ୍ଲକ ସ୍ତରୀୟ କବାଡି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ବାଳକ ବିଭାଗରେ ନୂଆଗାଁ ହାଇସ୍କୁଲ,ବାଳିକା ବିଭାଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉଭୟ ଦଳକୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ୧୮୦ ପ୍ୟାକେଟ ଦେଶୀ ମଦ ଜବତ ଜଣେ ଗିରଫ

କୃଷ୍ଣପ୍ରସାଦ, (ମହାଭାରତ): ଅବକାରୀ ବିଭାଗର ଦୀର୍ଘ ଦିନ ଧରି ଚଢ଼ାଉ ହେଉନଥିବା ବେଳେ କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ସ୍ଥାନରେ ଶାଗ ମାଛ ଭଳି ଚୋରା ମଦ ବ୍ୟବସାୟ ଚାଲିଛି । ନୂତନ ଭାବେ ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ ପ୍ରଧାନ ଯୋଗଦେବାର ଦୁଇ ଦିନ ପରେ ବିଭିନ୍ନ ସ୍ଥାନରେ ସଦଳବଳେ ଚଢ଼ାଉ ଆରମ୍ଭ କରିଛନ୍ତି । ଖବର ପାଇ ବଜ୍ରକୋଟ ବଜାର ଉପରେ ବ୍ୟବସାୟ କରୁଥିବା କାଣ୍ଟେଶ୍ୱର ଗ୍ରାମର ବିଚିତ୍ର ଜେନା (୫୦)ଙ୍କୁ ମଦ ବିକ୍ରି କରୁଥିବା ବେଳେ କୃଷ୍ଣପ୍ରସାଦ ପୋଲିସ କାବୁ କରିଥିଲେ । ତାଙ୍କ ଠାରୁ ୧୮୦ ପ୍ୟାକେଟ ଚୋରା ମଦ ଜବତ କରିବା ସହ ଗିରଫ କରି କେସ ନଂ ୪୫/ ୨୬ରେ ମାମଲା ରୁଜୁ କରି ଆସାମୀକୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି । ଉକ୍ତ ଚଢ଼ାଉର ଖବର ପାଇ ଚୋରା ମଦ ବ୍ୟବସାୟୀଙ୍କ ମନରେ ଛନକା ପଶିଛି ।

## ରନ୍ଧା ଗୋ ମାଂସକୁ ଜବତ କଲା ଦଶପଲ୍ଲା ପୋଲିସ

ନୂଆଗାଁ /ଦଶପଲ୍ଲା, (ମହାଭାରତ ) : ଦଶପଲ୍ଲାରେ ରନ୍ଧା ଗୋ ମାଂସ ଜବତ ହୋଇଛି । ଦଶପଲ୍ଲା ଏନଏସି ଅନ୍ତର୍ଗତ ସ୍ଥାନୀୟ ମୋଚି ସାହିରେ ଜଣେ ବ୍ୟକ୍ତି ଗୋ ମାଂସ ରୋଷେଇ କରୁଥିବା ବେଳେ ଏହାକୁ କିଛି ସ୍ଥାନୀୟ ଯୁବକ ଦେଖି ଥିଲେ । ପରେ ଗୋ ମାଂସକୁ ଜବତ କରିବା ସହ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖା ଦେଇଥିଲା। ସୂଚନା ଅନୁଯାୟୀ,ସୁରେଶ ମେହେରଙ୍କ ଘରେ ଦୀର୍ଘଦିନ ଧରି ନିମାଇଁ ମେହେର ଭଡ଼ାରେ ରହୁଥିଲେ ।ସେ କିଛି ଗୋ ମାଂସ ଆଣି ରୋଷେଇ କରୁଥିବା ବେଳେ କିଛି ସ୍ଥାନୀୟ ଯୁବକ ଏହା ଦେଖି ଦଶପଲ୍ଲା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଦଶପଲ୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋ ମାଂସ ଜବତ କରିବା ସହିତ ନିମାଇଁକୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି ।ପୋଲିସ ପକ୍ଷରୁ ଏ ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି । ଏହି ଘଟଣାକୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ପକ୍ଷରୁ ତୀକ୍ଷ୍ଣ ନଜର ରଖିଥିବା ଜଣାପଡ଼ିଛି ।

## ବିଜେପିର ବରିଷ୍ଠ ସଂଗଠକ ଅକ୍ଷୟ ସ୍ୱାଇଁ ହେଲେ କଟକ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ



ବାରଙ୍ଗ, (ମହାଭାରତ) : କଟକ ଜିଲ୍ଲାର ରାଜନୈତିକ ପରିଦୃଶ୍ୟରେ ୨ବର୍ଷ ପରେ ପୁଣିଥରେ ଏକ ପୁରୁଖା ଅନୁଭବୀ ମୁହଁକୁ ଗୁରୁତ୍ୱ ଦେଇଛି ବିଜେପି । ବାରଙ୍ଗ ବ୍ଲକ ର କୁରାଙ୍ଗ ପ୍ରଧାନ ପଞ୍ଚାୟତର ରାୟପୁର ଗ୍ରାମର ବିଜେପିର ଜଣେ ବରିଷ୍ଠ ସଂଗଠନୀୟ ଯୋଦ୍ଧା ଅକ୍ଷୟ ସ୍ୱାଇଁଙ୍କୁ ଜିଲ୍ଲା କାର୍ଯ୍ୟକାରୀ ସମିତିରେ ସଦସ୍ୟ ଭାବେ ସ୍ଥାନ ଦେଇ ଦଳ ସ୍ପଷ୍ଟ ସନ୍ଦେଶ ଦେଇଛି କି ପରିଶ୍ରମ ଓ ନିଷ୍ଠାର ମୂଲ୍ୟ ଅଛି। ଦୀର୍ଘ ସମୟ ଧରି ଅଞ୍ଚଳରେ ତୃଣମୂଳସ୍ତରରେ ବିଜେପି ସଂଗଠନକୁ ମଜବୁତ କରିଆସୁଥିବା ଅକ୍ଷୟ ସ୍ୱାଇଁ କେବଳ ଏକ ପଦବୀଧାରୀ ନୁହେଁ, ବରଂ କଟକ ଜିଲ୍ଲା ରାଜନୀତିରେ ଏକ ପରିଚିତ ମୁହଁ। ଅକ୍ଷୟ ସ୍ୱାଇଁ ଜିଲ୍ଲା କୃଷକମୋର୍ଚ୍ଚା ସାଧାରଣ ସମ୍ପାଦକ, ଓବିସି ମୋର୍ଚ୍ଚା ଜିଲ୍ଲା ସମ୍ପାଦକ ଓ ବିଜେପି ଜିଲ୍ଲା ସମ୍ପାଦକ ଭାବେ ଦଳୀୟ ସଂଗଠନକୁ ତଳସ୍ତରରେ ପ୍ରସାର କରିବାରେ ମୁଖ୍ୟ ଭୂମିକା ନେଇଛନ୍ତି ।ତାଙ୍କର ଗ୍ରାମାଞ୍ଚଳ ରାଜନୀତିରେ ସାଂଗଠାନିକ କାର୍ଯ୍ୟ ଦକ୍ଷତା ତୃଣମୂଳସ୍ତରରେ ମଜବୁତ ଓ ପ୍ରଭାବ ଥିବାରୁ ତାଙ୍କୁ ୩ ଥର କୁରାଙ୍ଗ ପ୍ରଧାନ ପଞ୍ଚାୟତରେ ବିଜେପିର ପ୍ରମୁଖ ଓ ୨ ଥର ମଣ୍ଡଳ ସଭାପତି ଭାବେ ରହିଥିବା ଜ୍ୱଳନ୍ତ ପ୍ରମାଣ ପୂର୍ବରୁ ରହିଛି। ଏହି ଅନୁଭବ ଓ ସଂଗଠନ ପ୍ରତି ଅଟୁଟ ସମର୍ପଣକୁ ଦୃଷ୍ଟିରେ ରଖି ଦଳ ତାଙ୍କୁ ଜିଲ୍ଲା ସଦସ୍ୟ ଭାବେ କାର୍ଯ୍ୟକାରୀ ସମିତିରେ ସ୍ଥାନ ଦେଇଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି। ଜିଲ୍ଲାରେ ଆଗାମୀ ଦିନରେ ସଂଗଠନକୁ ଆହୁରି ଆକ୍ରମଣାତ୍ମକ ଓ ସକ୍ରିୟ କରିବା ପାଇଁ ଅକ୍ଷୟ ସ୍ୱାଇଁଙ୍କ ଅଭିଜ୍ଞତା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଦଳୀୟ କର୍ମୀମାନେ ମତ ପ୍ରକାଶ କରିଛନ୍ତି ।ନୂତନ ଦାୟିତ୍ୱ ପାଇବା ପରେ ସେ କହିଛନ୍ତି, "ଦଳ ଯେ ଭରସା ଦେଇଛି, ତାହାକୁ ସମ୍ମାନ ସହ ପୂରଣ କରିବି। ଜିଲ୍ଲାରେ ସଂଗଠନକୁ ଆହୁରି ସୁଦୃଢ଼ ଓ ମଜବୁତ୍ କରିବା ମୋର ପ୍ରଥମ ଲକ୍ଷ୍ୟ ।" କଟକ ଜିଲ୍ଲାର ରାଜନୈତିକ ସମୀକରଣରେ କିଛି ଦିନ ହେବ ହେଉଥିବା ବିଜେପିର ଏହି ସାଂଗଠାନିକ ନିଯୁକ୍ତି ଆଗାମୀ ଦିନରେ ନୂତନ ଗତି ଆଣିବ ବୋଲି ନେତୃମଣ୍ଡଳ ଦୃଢୋକ୍ତି ରଖିଛନ୍ତି।

# ଏଫଇସି ପକ୍ଷରୁ ପକ୍ଷୀ ଗଣନା ଅଭିଯାନ ସଫଳ




ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲାରେ ପ୍ରକୃତି ସୁରକ୍ଷା ଓ ଜୈବ ବିବିଧତା ପ୍ରତି ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଫାଉଣ୍ଡେସନ ଫର୍ ଇକୋଲଜିକାଲ୍ ସିକ୍ୟୁରିଟି ପକ୍ଷରୁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଫେବୃଆରୀ ତା ୧୩ ରୁ ୧୬ରିଖ ପର୍ଯ୍ୟନ୍ତ ସଠିକ୍ ପଛୁଆ ପକ୍ଷୀ ଗଣନା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରାଯାଇ ଥିଲା। ଏହି ଆନ୍ତର୍ଜାତୀୟ ପକ୍ଷୀ ଗଣନା ଅଭିଯାନ ଗ୍ରାମବାସୀ,ଯୁବମଣ୍ଡଳ, ମହିଳା ସଭା ସଦସ୍ୟ ଓ ଗ୍ରାମ ସଂସ୍ଥାର ପ୍ରତିନିଧି ମାନେ ସକ୍ରିୟ ଭାଗ ନେଇ ଥିଲେ। ଗ୍ରାମର ଜଙ୍ଗଲ ଅଞ୍ଚଳ,ଚାଷ ଜମି,ଚରଣ ଭୂମି, ଜଳାଶୟ ଓ ସାଧାରଣ ଜମି ଅଞ୍ଚଳରେ ସକାଳ ସମୟରେ ପକ୍ଷୀ ପର୍ଯ୍ୟବେକ୍ଷଣ କରାଯାଇ ଥିଲା। ଅଂଶ କାରୀ ମାନଙ୍କୁ ପକ୍ଷୀ ଚିହ୍ନଟ, ସେମାନଙ୍କ ସଂଖ୍ୟା ଲେଖିବା ସହ ଇ-ବାର୍ଡ ମାଧ୍ୟମରେ ତଥ୍ୟ ସଂଗ୍ରହ କରି ଅପଲୋଡ୍ କରିବା ବିଷୟରେ ପ୍ରଶିକ୍ଷଣ ଦିଆଯାଇ ଥିଲା। ପକ୍ଷୀ ଗଣନା ସମୟରେ ସାଧାରଣତଃ ଭାରତୀୟ ମଇନା, ବୁଲବୁଲ୍,କଳା ଡ୍ରୋଙ୍ଗୋ,ଧେଣ୍ଡା ବକ୍ ଓ ଜଳାଶୟ ନିକଟରେ ଥିବା କିଛି ଜଳଚର ପକ୍ଷୀ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକମାନେ ପକ୍ଷୀ ମାନଙ୍କ ଋତୁ ଅନୁସାରେ ଆଗମନ ଓ ପରିବେଶ କୁ ସେମାନଙ୍କ ଭୂମିକା ବିଷୟରେ ନିଜ ଅନୁଭବ ମଧ ବାଣ୍ଟି ଥିଲେ । ଏହା ଫାଉଣ୍ଡେସନ୍ ଫର୍ ଇକୋଲଜିକାଲ୍ ସିକ୍ୟୁରିଟି ପକ୍ଷରୁ ଅଂଶ ଅଂଶ ଗ୍ରହଣ କାରୀ ମାନଙ୍କୁ ପକ୍ଷୀ ମାନଙ୍କ ପରିବେଶ ଗୁରୁତ୍ୱ ଯଥା ପୋକ ନିୟନ୍ତ୍ରଣ,ପରାଗ ସଞ୍ଚାର ଓ ଜିଆ ପ୍ରସାରଣ ରେ ସେମାନଙ୍କ ଭୂମିକା ବିଷୟରେ ଜଣାଯାଇ ଥିଲା। ସେହିସହିତ ସମୁଦାୟ ଦ୍ୱାରା ଜଙ୍ଗଲ, ଜଳାଶୟ ଓ ସାଧାରଣ ଭୂମି ସୁରକ୍ଷା କରାଯାଇଲେ ପକ୍ଷୀମାନଙ୍କ ପାଇଁ ଉପଯୁକ୍ତ ବାସସ୍ଥାନ ସୃଷ୍ଟି ହେଉଥିବାକୁ ଉଲ୍ଲେଖ କରାଯାଇଥିଲା। ସଠିକ୍ ପଛୁଆ ପକ୍ଷୀ ଗଣନା ଏକ ବିଶ୍ୱସ୍ତରୀୟ ନାଗରିକ ବିଜ୍ଞାନ ଅଭିଯାନ,ଯାହା ପ୍ରତିବର୍ଷ ଫେବୃଆରୀ ମାସରେ ଚାରି ଦିନ ଧରି ଆୟୋଜିତ ହୁଏ । ଏହା ମାଧ୍ୟମରେ ବିଶ୍ୱଭରରୁ ସଂଗୃହୀତ ତଥ୍ୟ ପକ୍ଷୀ ସଂଖ୍ୟା ଓ ସେମାନଙ୍କ ଆବାସସ୍ଥାନ ର ପରିବର୍ତ୍ତନ ବୁଝିବାରେ ବୈଜ୍ଞାନିକ ମାନଙ୍କୁ ସହଯୋଗ କରେ କେନ୍ଦୁଝରରେ ଫାଉଣ୍ଡେସନ୍ ଫର୍ ଇକୋଲଜିକାଲ୍ ସିକ୍ୟୁରିଟି ଦ୍ୱାରା ପଦକ୍ଷେପ ଗ୍ରାମୀଣ ଅଞ୍ଚଳରେ ଜୈବ ବିବିଧତା ପ୍ରତି ସଚେତନତା ବଢ଼ାଇବା ସହ ସମୁଦାୟ ଆଧାରିତ ପ୍ରାକୃତିକ ସମ୍ପଦ ପରିଚାଳନାର ଗୁରୁତ୍ୱକୁ ଆହୁରି ମଜବୁତ କରିଛି ।

## ଓଡ଼ିଶା କୃଷି ଶିଳ୍ପ ନିଗମ ଲିମିଟେଡ ଅଫିସରେ ଥିବା କର୍ମ ଚାରି ଅଧିକାରୀ ପଦବୀ ପୂରଣ ହେବ କେବେ?

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଓଡ଼ିଶା କୃଷି ଶିଳ୍ପ ନିଗମ ଲିମିଟେଡ ଥିବା ଅଫିସ ରେ କର୍ମଚାରୀ ଅଭ ।ବି ସାଙ୍ଗକୁ ଅଧିକାରୀ ପଦବୀ ଖାଲି ପଡିଥିବାର ଅଭିଯୋଗ ହଉଛି। ଏଠାରେ କାର୍ଯ୍ୟରତ ଥିବ କର୍ମ ଚାରି ବଦଳି ହେବ । ପରେ ଏହି ପଦବୀ ଖାଲି ପଡ଼ି ଥିବାର ଜଣା ପଡ଼ିଛି। କୃଷି ବିଭାଗ ର ଜଣେ ଯନ୍ତ୍ରୀ କୁ ଦୟତ୍ୟ ଦେଇ ଥିବାର ଜଣା। ପଡିଛି , କୃଷକ କିଏ ଦୟତ ନେଉଛନ୍ତି ଜାଣି ପାରୁ ନାହାଁନ୍ତି ।ଜଣେ ଅଧିକାରୀ ତୋତ ଧିକ ଦାୟତ ଗ୍ରହଣ କରୁ ଥିବାରୁ ଚାଷୀ ଜାଣି ପାରୁ ନାହାଁନ୍ତି କିଏ କେତେବେଳେ ଦ ।ୟ ତ୍ୟ ଗ୍ରହଣ କରୁଛନ୍ତି ଚାଷୀ ଜାଣି ପାରୁ ନାହାଁନ୍ତି ଅଧିକାରୀ ପଦବୀ ପୁରାଣ କରିଲେ ଚାଷୀ ଉପକୃତ ହେବେ ଚାଷୀଙ୍କ ସକାଶେ ଥିବା ଯୋଜନା ସୁଫଳ ହୋଇ ପାରିବ ଖାଲି ଥିବା ପଦବୀ ପୁରଣ କରିଲେ ଚାଷୀ ଉପକୃତ ହୋଇ ପାରିବେ।

## ଯୋଡା ଖଣି ବିଭାଗର ଚଢ଼ାଉ ୩ ଗାଡି ସାଙ୍ଗରେ ୪ ଡ୍ରାଇଭର ଗିରଫ



ଯୋଡ଼ା, (ମହାଭାରତ) : ଯୋଡ଼ା ଖଣି ବିଭାଗ ରେ ଚଢାଉ ପିଡ଼ପୋ ଖୋରୀ ଓ ମାଲାଙ୍ଗଟୋଲି ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଆଜି ରାତି ପ୍ରାୟ ୩ଟା ସମୟରେ ଖଣି ବିଭାଗର ୩ ଟି ଟିମ୍ ଚଢାଉ କରି ତିନୋଟି ଚୋରା ଲୁହାପଥର ବୋଝେଇ ଟ୍ରକ ଜବତ କରିବା ସହିତ ୪ ଜଣ ଟ୍ରକ୍ ଡ୍ରାଇଭରକୁ ଅଟକ ରଖିଛି। ଖଣି ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଯୋଡ଼ା ଖଣି ମଣ୍ଡଳର ଏହି ସୀମାନ୍ତ ଅଞ୍ଚଳରୁ ଲୁହାପଥର ଉତ୍ତୋଳନ କରାଯାଇ ସୁନ୍ଦରଗଡ଼ ଜିଲ୍ଲାକୁ ଟ୍ରକ୍ ଯୋଗେ ଖଣି ମାଫିଆ ମାନେ ଚୋରା ଚାଲାଣ କରିଥିଲେ। ଏନେଇ ଖବର ପାଇ ଖଣି ବିଭାଗ ପକ୍ଷରୁ ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ସେଠୀଙ୍କ ନିର୍ଦ୍ଦେଶକ୍ରମେ ୩ ଟି ଟିମ୍ ଚଢାଉ କରିଥିଲା। ଯୋଡ଼ା ଖଣି ଅଧିକାରୀ ଭକ୍ତବନ୍ଧୁ ପାତ୍ର, କନିଷ୍ଠ ଖଣି ଅଧିକାରୀ ଏନସି ପଟୱାର ସିଂ, ଆଲୋକ ମହାପାତ୍ର, ପ୍ରଦୀପ ରାଉତ, ଆଜାଦ ପ୍ରସାଦ ନାଏକ ଓ ସ୍ୱାଧୀନ ରାଉତ ସାମିଲ ଥିଲେ। ଏହି ଟିମ୍ ନିୟମିତ ଭାବେ ବିଭିନ୍ନ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଚଢାଉ ଜାରି ରଖିଛି। ଜବତ ହୋଇଥିବା ତିନୋଟି ଟ୍ରକରେ ୧୨୦ ଟନ୍ ଲୁହାପଥର ଚୋରା ଚାଲାଣ କରାଯାଉଥିଲା। ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଖଣି ମାଫିଆ ମାନେ ସଂଗଠିତ ହୋଇ ଉକ୍ତ ଜଙ୍ଗଲ ଅଞ୍ଚଳରେ ଚୋରାରେ ଲୁହାପଥର ଉତ୍ତୋଳନ କରିବା ସହିତ ବିଭିନ୍ନ ସ୍ଥାନକୁ ଚୋରା ପରିବହନ କରୁଥିଲେ। ଆଜି ଚଢାଉ ସମୟରେ ଏହି କାରବାରରେ ସମ୍ପୃକ୍ତ ଥିବା ଖଣି ମାଫିଆ ମାନଙ୍କୁ ଖଣି ବିଭାଗ ଧରିବାରେ ସକ୍ଷମ ହୋଇ ପାରିନଥିଲା। ଜବତ କରାଯାଇଥିବା ଟ୍ରକର ୪ ଜଣ ଡ୍ରାଇଭରକୁ ଅଟକ ରଖି ଏହି ଲୁହାପଥର କେଉଁ ସ୍ଥାନକୁ ଯାଉଥିଲା ଏବଂ ଏହି କାରବାରରେ କିଏ ସମ୍ପୃକ୍ତ ରହିଛି ସେ ନେଇ ତନାଘନା ଆରମ୍ଭ କରିଛି। ଖଣି ବିଭାଗ ଦ୍ୱାରା ଅଟକ ଥିବା ୪ ଜଣ ଡ୍ରାଇଭରକୁ ବାମେବାରୀ ଥାନାରେ ହସ୍ତାନ୍ତର ପରେ ପୋଲିସ ଏହି ଘଟଣାରେ ମାମଲା ରୁଜୁ କରି ଅଧିକ ତଦନ୍ତ କରିବ ବୋଲି ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଶ୍ରୀ ସେଠୀ ଗଣମାଧ୍ୟମଙ୍କୁ ସୂଚନା ଦେଇଛନ୍ତି।

## ଅଗ୍ନି ପୀଡିତ ପରବାରଙ୍କୁ ସହଯୋଗର ହାତ ବଢ଼ାଇଲା ଇଫକୋ ପାରାଦୀପ ୟୁନିଟ



ପାରାଦୀପ, (ମହାଭାରତ) : ଗତ ଫେବୃଆରୀ ୧୩ ତାରିଖ ଶୁକ୍ରବାର ରାତିରେ ପାରାଦୀପ ପୌରପାଳିକା ଅନ୍ତର୍ଗତ ବୃନ୍ଦାବନ କଲୋନୀରେ ଭୟାବହ ଅଗ୍ନିକାଣ୍ଡ ଘଟି ଏକ ଘର ଓ ଆସବାପତ୍ର ସମ୍ପୂର୍ଣ୍ଣ ପୋଡି ଭସ୍ମ ହୋଇଯାଇଥିଲା । ଘରର ମାଲିକ ଅଶୋକ ସ୍ୱାଇଁ ଓ ତାଙ୍କ ପରିବାର ଘରେ ନଥିବା ସମୟରେ କୌଣସି କାରଣରୁ ଏହି ଅଗ୍ନିକାଣ୍ଡ ଘଟିଥିଲା । ତେବେ ଏହି ଘଟଣା ପରେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ବିପନ୍ନ ପରିବାରକୁ ସମ୍ପୂର୍ଣ୍ଣ ସହଯୋଗର ପ୍ରତିଶୃତି ଦେଇଥିଲେ। ଅନ୍ୟପକ୍ଷରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଅନୁରୋଧ କ୍ରମେ ପାରାଦୀପର ଇଫକୋ କମ୍ପାନୀ ପକ୍ଷରୁ ବିପନ୍ନ ପରିବାରକୁ ଦୁଇ ମାସର ଖାଦ୍ୟ ଓ ରୋଷେଇ ସାମଗ୍ରୀ ସମେତ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା । ଇଫକୋ ସାର କାରଖାନା ପାରାଦୀପ ୟୁନିଟର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ପାରିଷଦ ସୁବ୍ରତ ପ୍ରଧାନଙ୍କ ଉପସ୍ଥିତିରେ ଏହି ସବୁ ସାମଗ୍ରୀ ପ୍ରଦାନ କରିଥିଲେ । ସୂଚନାଥାଉକି ପାରାଦୀପରେ ବିଭିନ୍ନ ଶିଳ୍ପ ସଂସ୍ଥା ଗଢି ଉଠିଥିବା ବେଳେ ସ୍ଥାନୀୟ ପାରିପାର୍ଶ୍ୱିକ ବିକାଶ ଏବଂ ଦୁର୍ବିପାକ ସମୟରେ ଇଫକୋ ହିଁ ଏକମାତ୍ର ସଂସ୍ଥା ଯିଏକି ସହଯୋଗ କ୍ଷେତ୍ରରେ ସର୍ବଦା ଆଗରେ ରହିଥାଏ ।

## ଗଲ୍ଫ କ୍ଲବ ପକ୍ଷରୁ ଆମନ୍ତ୍ରଣ କପ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଆୟୋଜିତ



ପାରାଦୀପ, (ମହାଭାରତ ) : ପାରାଦୀପ ଗଲ୍ଫ କ୍ଲବ ପକ୍ଷରୁ ବାର୍ଷିକ ଆମନ୍ତ୍ରଣ କପ ଗଲ୍ଫ ଟୁର୍ଣ୍ଣାମେଣ୍ଟ ୨୦୨୬ ଫେବୃଆରୀ ୧୪ ଓ ୧୫ ତାରିଖ ଦୁଇଦିନ ଧରି ପାରାଦୀପ ପୋର୍ଟ ଗଲ୍ଫ କୋର୍ସ ପଡିଆରେ ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ବିଭିନ୍ନ ସ୍ଥାନର ପ୍ରମୁଖ ୭ ଟି କ୍ଲବର ଖେଳାଳି ମାନେ ଅଂଶଗ୍ରହଣ କରିଥିଲେ । ଏଥିରେ ପାରାଦୀପ ଗଲ୍ଫ କ୍ଲବର ରଞ୍ଜିତ କୁମାର ବୋମାଳି ହ୍ୟାଣ୍ଡିକ୍ୟାପ୍ (୨୦-୨୪) ବର୍ଗରେ ଚମ୍ପିଅନ୍ ଟାଇଟଲ୍ ଜିତିଥିବା ବେଳେ ପାରାଦୀପ ଗଲ୍ଫ କ୍ଲବର ଅକ୍ଷୟ ଚନ୍ଦ୍ର ସୂତାର ହ୍ୟାଣ୍ଡିକ୍ୟାପ୍ (୦-୧୦) ବର୍ଗରେ ଚମ୍ପିଅନ୍ ହୋଇଥିଲେ। ସେହିପରି ଭୁବନେଶ୍ୱର ଗଲ୍ଫ କ୍ଲବର ଡକ୍ଟର ଦେବଦର୍ଶୀ ରଥ ହ୍ୟାଣ୍ଡିକ୍ୟାପ୍ (୧୧-୧୯) ବର୍ଗରେ ଚମ୍ପିଅନ୍ ହୋଇଥିବା ବେଳେ ଭୁବନେଶ୍ୱର ଗଲ୍ଫ କ୍ଲବର ଶାଶ୍ୱତ ପଣ୍ଡା ଶ୍ରେଷ୍ଠ ଗ୍ରସର ଭାବେ ପୁରସ୍କୃତ ହୋଇଥିଲେ।

## ସୁନାରିବାଡ ଅଙ୍ଗନବାଡି କେନ୍ଦ୍ରରେ ଅନିୟମିତତା ଅଭିଯୋଗ



ପାତ୍ରପୁର, (ମହାଭାରତ) : ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତ ସୁନାରିବାଡ଼ ଗ୍ରାମବାସୀ ଅଙ୍ଗନବାଡି କେନ୍ଦ୍ର ରେ ଅନିୟମିତତା କୁ ନେଇ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଙ୍କୁ ଲିଖିତ ଅଭିଯୋଗ ଦେଇଥିବା ଜଣାପଡିଛି । ସମୟ ଅନୁସାରେ ଅଙ୍ଗନବାଡି କେନ୍ଦ୍ର ନ ଖୋଲିବା ସହିତ ଶିଶୁ ଙ୍କୁ ବଣ୍ଟନ ପାଇଁ ସରକାର ଙ୍କ ପ୍ରଦତ୍ତ ଅଣ୍ଡା ଛତୁଆ ସଠିକ ଭାବେ ନ ବାଣ୍ଟି ଏଥିରେ ହରଣ ଚାଲ କରୁଥିବା ଅଭିଯୋଗ ସାମ୍ନା କୁ ଆସିଛି ।ଯାହାକୁ ନେଇ ଶିଶୁ ମାନଙ୍କ ଅଭିଭାବକ ଅଙ୍ଗନବାଡ଼ି କର୍ମୀ ଓ ପାଚିକା ଙ୍କ ମଧ୍ୟରେ କେନ୍ଦ୍ର ସମ୍ମୁଖରେ ପାଟି ତୁଣ୍ଡ ପରେ ପାଚିକା କମଳା ଶବର ,ତାଙ୍କ ସ୍ୱାମୀ ଓ ପୁଅ ମିଶି ଅଭିଭାବକ ମାନଙ୍କୁ ଆକ୍ରମଣ କରିଥିଲେ । ପାତ୍ରପୁର ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ କୁ ଯାଇ ସୁନାରିବାଡ଼ ଗ୍ରାମବାସୀ ଓ ଅଭିଭାବକ ସିଡିପିଓ ଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଅଙ୍ଗନବାଡି କେନ୍ଦ୍ରରେ କାର୍ଯ୍ୟରତ ଥିବା ସଞ୍ଜୁଲତା ନାୟକ ଓ ପାଚିକା କମଳା ଶବର ଙ୍କୁ ବାହାର କରିବା ପାଇଁ ଅଭିଭାବକ ଦାବି କରିଛନ୍ତି । ଅଭିଯୋଗ କୁ ଭିତ୍ତି କରି ସିଡିପିଓ ତଦନ୍ତ ଆରମ୍ଭ କରି ଅଭିଭାବକ ଙ୍କୁ କହିଛନ୍ତି ଯାଞ୍ଚ କମିଟି ଗଠନ କରି ଅଙ୍ଗନବାଡି କେନ୍ଦ୍ର କିପରି ଭାବେ ଖୋଲା ରହିବା ପିଲା ମାନେ ଆସିବେ ବୋଲି ସୂଚନା ଦେଇଛନ୍ତି ।

# ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ନିଆରା ଢଙ୍ଗରେ




ଦଶପଲ୍ଲା, (ମହାଭାରତ): ଜଙ୍ଗଲ ସୁରକ୍ଷା ପାଇଁ କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ଅନେକ ନିୟମ ପ୍ରଣୟନ କରିବା ସହ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାନ ହାତକୁ ନେଉଛନ୍ତି। ଏ ପରିପ୍ରେକ୍ଷୀରେ ବୁଧବାର ଦିନ ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ କୃଷ୍ଣାପ୍ରିୟା ମହିଳା ମହାବିଦ୍ୟାଳୟ ର ରେଡ଼କ୍ରସ ୟୁନିଟ ଆନୁକୂଲ୍ୟରେ ତଥା ଦଶପଲ୍ଲା ବନାଞ୍ଚଳ କର୍ମଚାରୀ ଙ୍କ ମିଳିତ ସହଯୋଗ ରେ ଜଙ୍ଗଲ ସୁରକ୍ଷା, ପରିବେଶ ସୁରକ୍ଷା, ବନ୍ୟଜନ୍ତୁ ଙ୍କ ସୁରକ୍ଷା ଓ ଜଙ୍ଗଲ କୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବିଭିନ୍ନ ଗ୍ରାମ ମାନଙ୍କ ରେ ଜନସାଧାରଣଙ୍କ ସଚେତନତା ନିମନ୍ତେ ଏକ ସଚେତନ ରାଲି କଲେଜ ଛାତ୍ରୀ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏହି ରାଲି କରି ଜନସାଧାରଣଙ୍କୁ ସଚେତନ କରିବା ସହିତ ବନ ଓ ବନ୍ୟଜନ୍ତୁ ଙ୍କ ସୁରକ୍ଷା ଉପରେ ପୁରାଣ ଆଧାରିତ ବିଷୟ ବସ୍ତୁ କୁ ନେଇ ଭାବାବେଗ ସହ ଜଡିତ କେତେକ ବିଷୟ ବସ୍ତୁ ର ଅବତାରଣା କରିଥିଲେ । ଶେଷରେ ଜଙ୍ଗଲ ରେ ନିଆଁ ଲଗାଇବା ମହାପାପ ବୋଲି ମଧ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମ କୁ କଲେଜ ଅଧକ୍ଷା ପୂର୍ଣ୍ଣମାସୀ ଦେବୀ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ। ତତ ସହିତ ଦଶପଲ୍ଲା ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶ ଙ୍କ ସମେତ ବନ ବିଭାଗ ର କର୍ମଚାରୀ ଉପସ୍ଥିତ ରହିଥିଲେ। ଶ୍ରୀ ଦାଶ ସମସ୍ତ ଙ୍କୁ ଏ ସୁରକ୍ଷା ଦିଗରେ ଅବଗତ କରାଇଥିଲେ। ସମସ୍ତ କାର୍ଯ୍ୟକ୍ରମ କଲେଜ ର ରେଡ଼କ୍ରସ ୟୁନିଟ ର ପରାମର୍ଶ ଦାତା ତଥା ଇଂରାଜୀ ଅଧ୍ୟାପକ ଧୀରେନ୍ଦ୍ର କୁମାର ମହାରଣା ଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ହୋଇଥିଲା ।ତେବେ ଏଠି ପ୍ରଶ୍ନ ଉଠୁଛି ପ୍ରତି ବର୍ଷ ଏଭଳି କାର୍ଯ୍ୟକ୍ରମ ହେଲେ ମଧ ଜନସାଧାରଣ ସଚେତନ ହେଉନାହାନ୍ତି କାହିଁକି ? ଏ ଦିଗରେ ବନ ବିଭାଗ ଆଖିଦୃଷ୍ଟିଆ ପଦକ୍ଷେପ ନେଉ ନାହାନ୍ତି କାହିଁକି ? ନା ବିଭାଗ ର ଜାଣତରେ ଏ ସବୁ କାର୍ଯ୍ୟ କରାଯାଉଛି ବୋଲି ମଧ ଜନସାଧାରଣ ରେ ଚର୍ଚ୍ଚା ହେଉଛି।

## କଡା ସୁରକ୍ଷାରେ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ

କୃଷ୍ଣପ୍ରସାଦ, (ମହାଭାରତ): ସାରାରାଜ୍ୟରେ ଆରମ୍ଭ ହୋଇଛି +୨ ବାର୍ଷିକ ପରୀକ୍ଷା । ଏନେଇ ପରୀକ୍ଷା ନିୟନ୍ତ୍ରକଙ୍କ ଠାରୁ ଆରମ୍ଭ କରି ମହାବିଦ୍ୟାଳୟର କର୍ମଚାରୀ ମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିଦ ହଜିଯାଇଛି । ପ୍ରତି ବର୍ଷ ପରୀକ୍ଷା ଆରମ୍ଭରୁ କିମ୍ବା ମଝିରେ ପ୍ରଶ୍ନପତ୍ର ପ୍ରଘଟ ହେବାର ନଜିର ରହିଛି । ଏହାକୁ ନେଇ ପରୀକ୍ଷା କେନ୍ଦ୍ର ମାନଙ୍କରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୂଆପଡା ସ୍ଥିତ ରୁକ୍ମଣୀ ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ବେହେରା କୁହନ୍ତି ପ୍ରଶ୍ନପତ୍ର କିଭଳି ପ୍ରଘଟ ନହେବ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଛୁ । ଆବଶ୍ୟକୀୟ କର୍ମଚାରୀ ସୁରକ୍ଷା ବ୍ୟବସ୍ଥାରେ ରହିଛନ୍ତି । ପରୀକ୍ଷାରେ କିଭଳି ଭାବରେ ପ୍ରଶ୍ନପତ୍ର ପ୍ରଘଟ କିମ୍ବା କପି ନହୋଇ ପାରିବ ସେଥିପାଇଁ ସିସି ଟିଭି କ୍ୟାମେରା, ପୋଲିସର ସହାୟତା ନେଇଛୁ ।

## କଡ଼ା ସୁରକ୍ଷା ବ୍ୟବସ୍ଥା ରେ ଅନୁଷ୍ଠିତ ହେଉଛି ମେଟ୍ରିକ ପରୀକ୍ଷା



ଅସ୍ତରଙ୍ଗ( ମହାଭାରତ) : ଚଳିତ ବର୍ଷ ଓଡିଶା ରାଜ୍ୟ ରେ ମେଟ୍ରିକ ପରୀକ୍ଷା ୧ ୯ ତାରିଖ ରୁ ଆରମ୍ଭ ହୋଇଛି, ଏହାକୁ ନେଇ ସମ୍ପୂର୍ଣ୍ଣ ରାଜ୍ୟ ରେ ଗଣଶିକ୍ଷା ବିଭାଗ ତତପର ରହିଛି, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ରେ ସମୁଦାୟ ପାଞ୍ଚ ଗୋଟି ପରୀକ୍ଷା କେନ୍ଦ୍ର କରାଯାଇଛି, ବନ୍ତିଲୋ, ସୁନ୍ଦର ସୁରେନ୍ଦ୍ରନାଥ ବିଦ୍ୟାପୀଠ, ଅସ୍ତରଙ୍ଗ ହାଇସ୍କୁଲ, ପାଟଓଲଦା ହାଇସ୍କୁଲ ଓ ଅଠଡିରା ଐଶ୍ଵାନେଶ୍ଵର ବିଦ୍ୟାପିଠ କୁ ଚୟନ କରାଯାଇଛି ଯେଉଁଥିରେ ଚାରିଗୋଟି ନିୟମିତ ବାର୍ଷିକ କେନ୍ଦ୍ର ଥିବା ବେଳେ ପାଟଅଲଦା ହାଇସ୍କୁଲ ରେ ଏସଆଇଓଏସ କେନ୍ଦ୍ର କରାଯାଇଛି,ଚାରିଗୋଟି ସେ□ର ରେ ସମୁଦାୟ ୮୧୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ବେଳେ ୪୪୮ ଜଣ ପୁଅ ଓ ୩୬୮ ଜଣ ଝିଅ ରହିଛନ୍ତି, ପାଟଓଲଦା ହାଇସ୍କୁଲ ଏସଆଇଓଏସ ସେ□ର ରେ ସମୁଦାୟ ୨୩୭ ଜଣ ପରୀକ୍ଷାର୍ଥୀ ରହିଥିବାବେଳେ ୧୧୫ ଜଣ ପୁରୁଷ ଓ ୧୨୨ ଜଣ ମହିଳା ପରୀକ୍ଷାର୍ଥୀ ଅଛନ୍ତି, ପରୀକ୍ଷାର୍ଥୀ ମାନେ ସକାଳ ୭ ଘଟିକା ରେ ପରୀକ୍ଷାକେନ୍ଦ୍ର କୁ ପ୍ରବେଶ କରିବେ, ୯ ଘଟିକା ରେ ପ୍ରଶ୍ନପତ୍ର ଦିଆଯିବ ୧୧ ଘଟିକା ୩୦ ମିନିଟ ସମୟ ରେ ପରୀକ୍ଷା ଶେଷ ହେବ, ପ୍ରଥମ ଦିନ ପ୍ରଥମ ଭାଷା ଓଡ଼ିଆ ପରୀକ୍ଷା କରାଯିବ, ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ବିଭାଗ ତରଫରୁ ସମୁଦାୟ ୭୪ ଜଣ ଶିକ୍ଷକ ଙ୍କୁ ପରୀକ୍ଷା ପରିଚାଳନା କରିବାକୁ ଦାୟିତ୍ଵ ମିଳିଛି । ଏଥି ସହ ଅସ୍ତରଙ୍ଗ ତହସିଲଦାର, ମଣ୍ଡଳ ଉନ୍ନୟନ ଅଧିକାରୀ, ମଣ୍ଡଳ ଶିକ୍ଷା ଅଧିକାରୀ ଓ ଦୁଇ ଜଣ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସମସ୍ତ କେନ୍ଦ୍ର କୁ ପରିଦର୍ଶନ କରିବେ, ପ୍ରତ୍ୟେକ କେନ୍ଦ୍ର ରେ ସିସି ଟିଭି ଅଧୀନରେ ପରୀକ୍ଷାର୍ଥୀ ମାନେ ପରୀକ୍ଷା ଦେବେ, ଅସ୍ତରଙ୍ଗ ଥାନା ତରଫରୁ ପ୍ରତ୍ୟେକ କେନ୍ଦ୍ର ରେ ଶୃଙ୍ଖଳିତ ପରୀକ୍ଷା କିପରି ହେବ, ଟ୍ରାଫିକ ସମସ୍ୟା ସବୁ କିଛି ଦୃଷ୍ଟି ରଖାଯାଇଛି ।

## ମାତା ପିତା ତଥା ବରିଷ୍ଠ ନାଗରିକଙ୍କ ଭରଣ ପୋଷଣ ଓ କଲ୍ୟାଣ ଆଇନ, ୨୦୦୭ ବିଷୟରେ ଏକ ସଚେତନତା କର୍ମଶାଳା



ପାରଳାଖେମୁଣ୍ଡି,(ମହାଭାରତ): ଆଜି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ , ପାରଳାଖେମୁଣ୍ଡି ଠାରେ ଅଟଳ ବାୟୋ ଅଭ୍ୟୁଦୟ ଯୋଜନା ଅନ୍ତର୍ଗତ ମାତା ପିତା ତଥା ବରିଷ୍ଠ ନାଗରିକଙ୍କ ଭରଣ ପୋଷଣ ଓ କଲ୍ୟାଣ ଆଇନ, ୨୦୦୭ ବିଷୟରେ ଏକ ସଚେତନତା କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମୁନିନ୍ଦ୍ର ହୋନନାଗ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ଏଲ୍.ସନ୍ତୋଷ କୁମାର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ପାରଳାଖେମୁଣ୍ଡି, ଶ୍ରୀମତି ଦେବଶ୍ରୀ ବ୍ରହ୍ମା, ରାଜ୍ୟ ପ୍ରକଳ୍ପ ସଂଯୋଜକ, ହେଲ୍ପ ଏଜ ଇଣ୍ଡିଆ, ଭୁବନେଶ୍ଵର, ଶ୍ରୀଯୁକ୍ତ ବିନୋଦ ଚନ୍ଦ୍ର ଜେନା, ଉପଦେଷ୍ଟା, ଗ୍ରାମାଞ୍ଚଳ ଉନ୍ନତି ନିମନ୍ତେ ବରିଷ୍ଠ ନାଗରିକ ମଞ୍ଚ,ଗୁରାଣ୍ଡି, ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାଢୀ , ସଭାପତି , ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ, ପାରଳାଖେମୁଣ୍ଡି, ଶ୍ରୀଯୁକ୍ତ ରାମଚନ୍ଦ୍ର ପାଢୀ, ସଭ୍ୟ , ବରିଷ୍ଠ ନାଗରିକ ମଞ୍ଚ, ପାରଳାଖେମୁଣ୍ଡି ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଶ୍ରୀମତୀ ଉତ୍ସର୍ଗୀତା ବଡରଇତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଗଜପତି ମଞ୍ଚପରିଚାଳନା କରିଥିଲେ । ଏହି କର୍ମଶାଳା ରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ବରିଷ୍ଠ ନାଗରିକ ବୃନ୍ଦ, ବିଭିନ୍ନ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ, ପୋଲିସ କର୍ମଚାରୀ ଗଣ, ଆଶ୍ରା ଜରାଶ୍ରମ ର ଅନ୍ତେବାସୀ ବୃନ୍ଦ ଓ ବିଭିନ୍ନ ବ୍ଲକ ରୁ ଆସିଥିବା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଙ୍କର କର୍ମଚାରୀ ମାନେ ଏହିପରି ଭାବେ ମୋଟ ଶହେ ରୁ ଉର୍ଦ୍ଧ ଲୋକ ଯୋଗ ଦେଇଥିଲେ । ଏହି କର୍ମଶାଳାରେ ଶ୍ରୀମତି ବ୍ରହ୍ମା ମାତା ପିତା ତଥା ବରିଷ୍ଠ ନାଗରିକଙ୍କ ଭରଣ ପୋଷଣ ଓ କଲ୍ୟାଣ ଆଇନ, ୨୦୦୭ ଅଧିନରେ ଥିବା ବିଭିନ୍ନ ସୁବିଧା ଗୁଡିକ ବିଷୟରେ ଜଣାଇଥିଲେ । ସଭା ଶେଷରେ ଶ୍ରୀମତୀ ଉତ୍ସର୍ଗୀତା ବଡରଇତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଗଜପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ଏହି କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ସଡ଼କ ଦୁର୍ଘଟଣାରେ ଗର୍ଭବତୀ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ବଡ଼ବିଲ: ସଡ଼କ ଦୁର୍ଘଟଣାରେ ଗର୍ଭବତୀ ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତ । କେନ୍ଦୁଝରଜିଲ୍ଲା ବଡ଼ବିଲ ଅ□ଳରେ ଆଜି ଅପରାହ୍ନ ୨ଟାରେ ଏହି ଦୁର୍ଘଟଣା ଘଟିଛି । ମୃତ ମହିଳା ହେଲେ ସସ୍ମିତା ମହାନ୍ତ (୨୯) । ମନୋରଂଜନ ମହାନ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଯୋଡ଼ା ପଟୁ ବଡ଼ବିଲ ଅଭିମୁଖେ ଆସୁଥିବା ଏକ ବାଇକ୍ରେ କେନ୍ଦୁଝର ଜିଲ୍ଲା ଜ୍ୟୋତିପୁର ଅଞ୍ଚଳର ଏକ ଦମ୍ପତି ଯାଉଥିଲେ । ବଡ଼ବିଲସ୍ଥିତ ଏକ ଘରୋଇ ଫାଇନାନ୍ସ କମ୍ପାନିର କର୍ମଚାରୀ ମନୋରଞ୍ଜନ ମହାନ୍ତ(୩୩ବର୍ଷ) ତାଙ୍କ ଅସୁସ୍ଥ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ଯୋଡ଼ାସ୍ଥିତ ଟିସ୍କୋ ଡାକ୍ତରଖାନାକୁ ଯାଇଥିଲେ । ଚିକିତ୍ସା ସାରି ବଡ଼ବିଲ ଫେରୁଥିବା ସମୟରେ ସେରେଣ୍ଡା ନିକଟ ଭୁସୁଗାଁ ନିକଟରେ ଏକ ଟ୍ରକ୍ ସହିତ ଧକ୍କା ହୋଇଥିଲା ।

# କ୍ୟାନ୍ସର ରୋଗରେ ପୀଡିତ ସୁବାଷ: ଚିକିତ୍ସାପାଇଁ ଅର୍ଥ ସାଜିଛି ବାଧକ



ଦାନଗଦି : (ମହାଭାରତ)ସୁବାଷ ଙ୍କ ଚିକିତ୍ସା କରାଇବା ପାଇଁ ଅସକ୍ଷମ ହୋଇପଡ଼ିଛନ୍ତି ପରିବାର ବର୍ଗ,ଆର୍ଥିକ ସମସ୍ୟା ବଢ଼ାଉଛି ପରିବାର ବର୍ଗଙ୍କୁ ଚିନ୍ତା କିଭଳି କରିବେ ସ୍ୱାମୀଙ୍କ ଚିକିତ୍ସା ଗୁହାରି କରି ଜୀବନର ଭିକ୍ଷା ମାଗିଛନ୍ତି ପତ୍ନୀ ଦାନଗଦୀ ବ୍ଲକ ଚିତ୍ରୀ ପଞ୍ଚାୟତର ନୂଆଗାଁ ଗ୍ରାମର ଆନନ୍ଦ ମୁଣ୍ଡାଙ୍କର ପୁଅ ସୁବାଷ ମୁଣ୍ଡା (୩୩) ମୁଖ ଗହ୍ଵର କ୍ୟାନ୍ସର ରୋଗରେ ଦୀର୍ଘ ଦିନ ହେବ ପୀଡିତ, ଗରିବ ଆଦିବାସୀ ଦିନ ମଜୁରିଆ ସୁବାଷ ବେଙ୍ଗାଲୁରରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ । ବେକ ଦରଜ ହେଲା ଖାଦ୍ୟ ଖାଇଲା ସମୟରେ ତଣ୍ଟିରେ କଷ୍ଟ ହେଲା ଡାକ୍ତରଖାନା ଯାଇ ଔଷଧ ଖାଇଲା ପରେ କୌଣସି ଉପଶମ ମିଳିଲା ନାହିଁ, କଟକ ବଡ଼ ଡାକ୍ତର ଖାନାରେ ପରୀକ୍ଷା କଲା ପରେ କ୍ୟାନ୍ସର ହୋଇଥିବା ଆଜକୁ ଚାରି ମାସ ତଳୁ ଜଣା ପଡିଥିଲା, ସେହିଦିନ ରୁ ଚିକିତ୍ସା ପାଇଁ ଧାର କରଜ କରି ଯାହା ଅର୍ଥ ଥିଲା ସବୁ ଶେଷ ହୋଇଗଲାଣି, ପରିବାରର ସେ ଜଣେମାତ୍ର ରୋଜଗାର କରନ୍ତି, ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ, ବର୍ତମାନ ସୁବାଷ ଖାଦ୍ୟ ଖାଇବା ପାଇଁ କଷ୍ଟ ହେଉଛି, ପାଇପ ଦ୍ୱାରା ତରଳ ଖାଦ୍ୟ ବହୁତ କଷ୍ଟରେ ଖାଉଛନ୍ତି, ଉନ୍ନତ ଚିକିତ୍ସା ପାଇଁ ଅଧିକ ଅର୍ଥ ଯୋଗାଡ଼ କରିବା କୁ ସମ୍ଭବ ନ ହେବାରୁ ସ୍ତ୍ରୀ ବିଜିଲି ମୁଣ୍ଡା ସହାୟତା ଭିକ୍ଷା କରିଛନ୍ତି । ଗରିବ ପରିବାର ରେ ତାଙ୍କର ଏକମାତ୍ର ଛୋଟ ପୁଅ ବ୍ୟତୀତ ଆଉ କେହି ନାହାନ୍ତି । ସୁବାଷ ଙ୍କର ଚିକିତ୍ସା ରେ ସବୁ ସମ୍ବଳ ସରିଗଲା ପରେ ସ୍ତ୍ରୀ ମୁଣ୍ଡରେ ବଜ୍ର ପଡିଛି, କିପରି ଦାମୀ ଔଷଧ କିଣିବ ପରିବାର ଚଳାଇବ ସେ ଚିନ୍ତାରେ ଭାଙ୍ଗି ପଡିଛି । କିଛି ଆର୍ଥିକ ସହାୟତା ପ୍ରଦାନ କରିବାକୁ ସେ ସରକାର କି କୌଣସି ଅନୁଷ୍ଠାନ, ବଦାନ୍ୟ ବ୍ୟକ୍ତିଙ୍କୁ ଆକୁଳ ନିବେଦନ କରିଛନ୍ତି, ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଲେ ଗରିବ ଖଟିଖିଆ ସୁବାଷ ସୁସ୍ଥ ହୋଇ ପାରନ୍ତା ତାଙ୍କ ଉଜୁଡି ଯାଉଥିବା ପରିବାର ମୁହଁରେ ହସ ଫୁଟିପାରନ୍ତା ।

## ୨୭୪ ଗାଁରେ ନାହିଁ ବିଜୁଳି ଆଲୁଅ: ଅନ୍ଧାରରେ ୩୫୩୩ ପରିବାର



ନବରଙ୍ଗପୁର : ନବରଂଗପୁର ଜିଲ୍ଲାର ୧୦ଟି ବ୍ଲକର ୨୭୪ ଗାଁରେ ବିଜୁଳି ଆଲୁଅ ପହଞ୍ଚି ପାରିନି । ଫଳରେ ୩୫୩୩ହଜାର ପରିବାର ଅନ୍ଧାରରେ ରହୁଛନ୍ତି । ଛୋଟ ଗାଁକୁ ସୋଲାର ପ୍ରକଳ୍ପ ଜରିଆରେ ବିଦ୍ୟୁତ ଆଲୁଅ ଯୋଗାଇ ଦିଆଯାଉଛି ବୋଲି ସରକାରୀ ରେକର୍ଡ କହୁଛି । ବାସ୍ତବତା ହେଲା ସୋଲାର ପ୍ରକଳ୍ପ ଗୁଡ଼ିକ ବହୁ ଦିନ ଧରି ଅଚଳ ରହିଥିଲେ ସୁଦ୍ଧା ମରାମତି ହୋଇପାରୁନି । ପୂର୍ବରୁ ବିଜୁ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନାରେ ଛୋଟ ଗାଁକୁ ବିଦ୍ୟୁତ ସଂଯୋଗ କାମ ଆରମ୍ଭ ହୋଇଥିଲା ।ବିଡ଼ମ୍ବନା ହେଲା ଏହି ସେୟଲାର ଯୋଜନାରେ ୭୧ ଗାଁକୁ ବିଦ୍ୟୁତ ସଂଯୋଗ ହୋଇପାରିନି । ଏପ୍ରିଲ ସୁଦ୍ଧା ସେହି ୭୧ ଗାଁକୁ ବିଦ୍ୟୁତ ସଂଯୋଗ ହୋଇଯିବ ବୋଲି ଲକ୍ଷ୍ୟ ରହିଥିଲା । ତେବେ ଧାର୍ଯ୍ୟ ଲକ୍ଷ୍ୟକୁ ୨ମାସ ବିତିସାରିଥିଲେ ହେଁ ତାହା ଏଯାଏଁ କାର୍ଯ୍ୟକାରି ହୋଇନି । ଜିଲ୍ଲାର ନବରଙ୍ଗପୁର ବ୍ଲକର ୪ଟି ଗାଁରେ ୩୧ପରିବାର ଅନ୍ଧାରରେ ରାତି କାଟୁଛନ୍ତି । ସେହିପରି ତେନ୍ତୁଳିଖୁଣ୍ଟି ବ୍ଲକର ୩୭ଗାଁର ୨୩୩ ପରିବାର, ନନ୍ଦାହାଣ୍ଡି ବ୍ଲକର ୪ ଗାଁର ୭୦ ପରିବାର, ପାପଡ଼ାହାଣ୍ଡି ବ୍ଲକର ୪୪ ଗାଁର ୪୯୮ ପରିବାର, ଡାବୁଗାଁ ବ୍ଲକର ୧୮ ଗାଁର ୧୪୪ ପରିବାର, କୋଷାଗୁମୁଡ଼ା ବ୍ଲକର ୩୧ ଗାଁର ୪୨୪ ପରିବାର, ଉମରକୋଟ ବ୍ଲକର ୨୪ ଗାଁର ୩୩୦ ପରିବାର, ରାଇଘର ବ୍ଲକର ୧୮ ଗାଁର ୨୦୯ ପରିବାର, ଝରିଗାଁ ବ୍ଲକର ୫୪ ଗାଁର ୧୨୫୨ ପରିବାର ଓ ଚନ୍ଦାହାଣ୍ଡି ବ୍ଲକର ୪୦ଟି ଗାଁର ୩୬୨ ପରିବାର ଏଭଳି ସର୍ବମୋଟ ମୋଟ ୨୭୪ ଗାଁର ୩୫୫୩ ପରିବାର ନିକଟରେ ବିଦ୍ୟୁତ ସଂଯୋଗ ପହଚିଂ ପାରିନି । ଫଳରେ ଏହି ପରିବାର ବିଦ୍ୟୁତ ଆଲୁଅରୁ ବଞ୍ଚିତ ହୋଇଛନ୍ତି ।ଏହି ପରିବାର ଗୁଡିକ ନିକଟରେ ବିଦ୍ୟୁତ ଆଲୁଅ ତୁରନ୍ତ ପହଞ୍ଚାଇବା ନିମନ୍ତେ ଜିଲ୍ଲା କମିଟି ନିକଟରେ ଟାଟା ପାୱାର ରିପୋର୍ଟ ଦାଖଲ କରିଥିଲା । ଏଥିପାଇଁ ୨୫କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା । ସେହିପରି ନନ୍ଦାହାଣ୍ଡି ବ୍ଲକ ପୁଟୁଘର ୮ ପରିବାର, ତେନ୍ତୁଳିଖୁଣ୍ଟି ବ୍ଲକ ମାଗାଁ ପଞ୍ଚାୟତର ଜଲାଗୁଡ଼ା ଓ ଟାଙ୍ଗିଣିକୋଟର ୪୭ ପରିବାର, ରାଇଘର ବ୍ଲକ ହଳଦୀ ପଞ୍ଚାୟତ ଜଙ୍ଗଲିପାରା ଓ ତୁମାପାରାର ୨୮ ପରିବାରକୁ ୮୩ଟି ସୋଲାର ପ୍ୟାନେଲ୍ ମାଧ୍ୟମରେ ବିଦ୍ୟୁତ ଯୋଗାଇବା ପାଇଁ ୪୧ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା ।ତେବେ କିଛି ଗାଁକୁ ପୂର୍ବରୁ ସୋଲାର ମାଧ୍ୟମରେ ଆଲୁଅ ଯୋଗାଇ ଦିଆଯାଇଥିବା କୁହାଯାଉଛି । ବାସ୍ତବରେ ଅଧିକାଂଶ ଗାଁରେ ସୋଲାର ପ୍ରକଳ୍ପ ଅଚଳ ହୋଇଯାଇଛି । ଯେଉଁ ପଡ଼ା ଗାଁରେ ବିଦ୍ୟୁତ ଆଲୁଅ ନାହିଁ ସେଠାରେ କାଠ ଜାଳି କିମ୍ବା ଡିବିରି ଜାଳି ଲୋକ ରାତି ବିତାଉଛନ୍ତି । ଜିଲ୍ଲାପ୍ରଶାସନ ବାରମ୍ବାର ବ୍ଲକ ପ୍ରଶାସନ ଗୁଡିକୁ ଏ ନେଇ ରିପୋର୍ଟ ମାଗୁଛନ୍ତି । ତେବେ କ୍ଷେତ୍ର କର୍ମଚାରୀ ମାନେ ମିଛ ସତ ରିପୋର୍ଟ ଦାଖଲ କରୁଥିବା ଅଭିଯୋଗ ହୋଇଛି । ବାରମ୍ବାର ସମୀକ୍ଷା ଜିଲ୍ଲାପାଳ ଡ.ମହେଶ୍ଵର ସ୍ୱାଇଁ କରିବା ପରେ ମଧ୍ୟ ସ୍ଥିତି ସୁଧୁରୁନି । ଏହି ଗାଁ ଗୁଡ଼ିକୁ ବିଦ୍ୟୁତିକରଣ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରି ରାଜ୍ୟ ସରକାର ଅନୁମୋଦନ ପାଇଁ ପଠାଇଛନ୍ତି ବୋଲି ଟାଟା ପାଓର, ନିର୍ବାହୀ ଯନ୍ତ୍ରୀ ଇଂ.ସୁନିଲ କୁମାର ରାଉତ କହିଛନ୍ତି । ଅନୁମୋଦିତ ହୋଇ ଆସିଲେ ଟେଣ୍ଡର କରି କାମ ଆରମ୍ଭ ହେବ ବୋଲି କହିଛନ୍ତି ନିର୍ବାହୀ ଯନ୍ତ୍ରୀ ।

## ଜାଗର ଯାତ୍ରା ଉପଲକ୍ଷେ ମଞ୍ଚସ୍ଥ କହିବାକୁ ଲାଜ -ଶୁଣିଲେ ପାପ



ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ ଭୋଗବାଡ଼ି ପଞ୍ଚାୟତର ଆରାଧ୍ୟ ଠାକୁର ବାବା ଭୋଳେଶ୍ଵର ଜୀଉଙ୍କ ପୀଠରେ ୨ ଦିନ ଧରି ଜାଗର ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଥିଲା । ଜାଗର ଯାତ୍ରା ଉତ୍ସବର ଦ୍ଵିତୀୟ ଦିବସରେ ବାବା ଭୋଳେଶ୍ୱର ଜାଗର ଯାତ୍ରା କମିଟି ଓ ଜନ କଲ୍ୟାଣ ଯୁବକ ସଂଘ ଆନୁକୂଲ୍ୟରେ, ମା ବାନ୍ଦେରି ଯୁବନାଟ୍ୟ ସଂସଦ ଦ୍ଵାରା ୫୨ତମ ଅବଦାନ ରେ ଏ ବର୍ଷର ନୂତନ ସାମାଜିକ ନାଟକ କହିବାକୁ ଲାଜ ଶୁଣିଲେ ପାପ ମଞ୍ଚସ୍ଥ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ବିଜେଡ଼ି ବ୍ଲକ୍ ସଭାପତି ଅରୁଣ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଭୋଗବାଡ଼ି ପଞ୍ଚାୟତ ସରପଞ୍ଚ ନିର୍ମଳା ସାହୁ, ନଛିପୁର ପଞ୍ଚାୟତ ସମିତି ସଭ୍ୟ ପଦ୍ମଚରଣ ପ୍ରଧାନ, ଡିହଗାଁ ପଞ୍ଚାୟତ ସମିତି ସଭ୍ୟ ଧ୍ରୁବଚରଣ ପ୍ରଧାନ, ସରିଗଣ୍ଡା ପଞ୍ଚାୟତ ସମିତି ସଭ୍ୟ ଅମିୟ ନାୟକ, ଦିଲ୍ଲୀପ କୁମାର ସାହୁ , ଭୋଗବାଡ଼ି ଗ୍ରାମର ସଭାପତି କବିରାଜ ଖିଲର , ସମ୍ପାଦକ ରମେଶ ଚନ୍ଦ୍ର ସାହୁ, କମିଟିର ଉପଦେଷ୍ଟା ବସନ୍ତ କୁମାର ପାତ୍ର, କମିଟିର ମୁଖ୍ୟ ସହଯୋଗୀ ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସମାଜ ସେବୀ ବିରଞ୍ଚି ନାରାୟଣ ସାହୁ ମଞ୍ଚ ପରିଚାଳନା କରିଥିଲେ । ସେହିଭଳି ଦଶପଲ୍ଲା ବ୍ଲକ ଟାକରା ଅଂଚଳର ଯୁବକମାନେ ନାଟକ ପରିବେଷଣ କରି ଆସୁଥିବା ଅନୁରୂପ ଭାବେ ଚଳିତବର୍ଷ ଜନମ ନେଇଛି କାନ୍ଦିବା ପାଇଁ ନାଟକ ପରିବେଷଣ କରିଥିଲେ । ଏଥିରେ ଅଭିନୟ କରିଥିଲେ ପ୍ରିୟବ୍ରତ ଆଚାର୍ଯ୍ୟ, ସିଦ୍ଧାର୍ଥ ମୁଦୁଲି ଅଭିନୟ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବିଭୁଦ□ ନାୟକ, ଶ୍ରୀଧର ମୁଦୁଲି, ବିଭୁ ରଞ୍ଜନ ମିଶ୍ର, ମାନସ ପରିଡ଼ା, ବିଜୁ ଦଳବେହେରା, ସନ୍ତୋଷ କୁମାର ସାହୁ, ଶିବାନନ୍ଦ ସାହୁ,ଚନ୍ଦ୍ର ଶେଖର ନାଏକ, ବ୍ରଜ କିଶୋର ମହାପାତ୍ର, ଫିନା ସାହୁ, ପ୍ରମୋଦ ପ୍ରମୁଖ ଅଭିନୟ କରିଥିଲେ ।

## ଉନ୍ନତ ଇଭି ବସ୍ ତାଲିମ ଶେଷ କରି ଫେରିଲେ ୨୦ ମହିଳା ଚାଳକ

ଭୁବନେଶ୍ଵର: ମହିଳାଙ୍କ ନେତୃତ୍ୱରେ ସହରୀ ପରିବହନ ସେବାକୁ ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାରଙ୍କ ପ୍ରମୁଖ ସାର୍ବଜନୀନ ପରିବହନ ସଂସ୍ଥା 'କ୍ୟାପିଟାଲ୍ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ' (କ୍ରୁଟ୍) ପକ୍ଷରୁ 'ଆମ ବସ୍' ସେବା ପାଇଁ ମହିଳା ଚାଳକ ନିଯୁକ୍ତିର ପ୍ରଥମ ପର୍ଯ୍ୟାୟ ସଫଳତାର ସହ ଶେଷ ହୋଇଛି । ଏହି ଅଭିଯାନ ଅଧୀନରେ, ବୈଧ ଭାରୀ ଯାନ ଚାଳନା ଅନୁମତିପତ୍ର ଥିବା ୨୦ ଜଣ ମହିଳା ଚାଳକଙ୍କୁ ପୁଣେରେ ଉନ୍ନତ ତାଲିମ ପାଇଁ ଚୟନ କରାଯାଇଥିଲା । ସେମାନେ ସଫଳତାର ସହ ନିଜର ତାଲିମ ସମାପ୍ତ କରି ଓଡ଼ିଶା ଫେରିଛନ୍ତି, ଯାହା କ୍ରୁଟ୍ର ଲିଙ୍ଗ-ସମାବେଶୀ ପରିବହନ ରୋଡମ୍ୟାପ୍ରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁ□ ।ଏହି ୧୪ ଦିନିଆ ଉନ୍ନତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପୁଣେସ୍ଥିତ ଏକ୍କା ମୋବିଲିଟି ପ୍ଲାଣ୍ଟରେ ଫେବୃଆରି ୨ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏଓତର ବୈଷୟିକ ସହାୟତା ଓ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ଇଭି ବସ୍ ଚାଳନା, ସୁରକ୍ଷା ପ୍ରୋଟୋକଲ୍, ଉନ୍ନତ ଡ୍ରାଇଭିଂ ଅଭ୍ୟାସ ଏବଂ ଆଧୁନିକ ସିଟି ବସ୍ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା ।ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି ଯେ, ଆନୁଷ୍ଠାନିକ ଭାବେ ନିୟୋଜିତ ହେବା ପୂର୍ବରୁ ଏହି ପ୍ରଶିକ୍ଷିତ ଚାଳକମାନେ ଓଡ଼ିଶାରେ ଆଉ ୧୫ ଦିନର ସ୍ଥାନୀୟ ଡ୍ରାଇଭିଂ ଅଭ୍ୟାସ ଏବଂ ରୁଟ୍ ଚିହ୍ନଟ ପ୍ରକ୍ରିୟା ଦେଇ ଗତି କରିବେ । ସଫଳ କ୍ଷେତ୍ର ଅଭ୍ୟାସ ଏବଂ ମୂଲ୍ୟାଙ୍କନ ପରେ ହିଁ, ସେମାନଙ୍କୁ 'ଆମ ବସ୍' ସେବା ପରିଚାଳନା ପାଇଁ ଏକ ସମର୍ପିତ ମହିଳା ଚାଳକ ଭାବରେ ନିୟୋଜିତ କରାଯିବ ।ଶ୍ରୀମତୀ ପାଢ଼ୀ ଆହୁରି ମଧ୍ୟ କହିଛନ୍ତି, ଏହା କେବଳ ମହିଳାମାନଙ୍କୁ ବସ୍ ଚଲାଇବା ପାଇଁ ତାଲିମ ଦେବା ନୁହେଁ, ବରଂ ସାର୍ବଜନୀନ ସେବାରେ ନେତୃତ୍ୱ, ସମ୍ମାନ ଏବଂ ସମାନ ସୁଯୋଗ ପ୍ରଦାନ କରିବା । ଏହି ମହିଳାମାନେ ଅନ୍ୟମାନଙ୍କୁ ଆଗକୁ ଆସିବା ପାଇଁ ପ୍ରେରଣା ଦେବେ । ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପ ଏକ ନିରାପଦ, ଅନ୍ତର୍ଭୁକ୍ତ ଏବଂ ଭବିଷ୍ୟତମୁଖୀ ସହରୀ ପରିବହନ ବ୍ୟବସ୍ଥା ଗଠନ କରିବା ସହ ସାର୍ବଜନୀନ ପରିବହନ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବା ଦିଗରେ ସହାୟକ ହେବ ।

## ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ

ଗଜପତି(ମହାଭାରତ): ମୀନକେତନ ସ୍ନାତକ ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦଯାପନୀ ସମାରୋହ ଅନୁଷ୍ଠିତ ହେଇଥିଲା ଉକ୍ତ କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଶ୍ରୀ ଯୁକ୍ତ ଅନୁପ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ମାଷ୍ଟର ଟ୍ରେନର ନିତୁ ଜେନା ଉପସ୍ଥିତ ରହି ଛାତ୍ରୀ ମାନକୁ ସବୁ ପରିସ୍ଥିତି ରେ ନିଜକୁ ସମାଜରେ ସୁରକ୍ଷା ନିମନ୍ତେ ତାଲିମ ଶିକ୍ଷା ଦେଇଥିଲେ ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ଇନ ଚାର୍ଜ ସୁ ଶ୍ରୀ କଳ୍ପନା ମହାରଣା ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ର ବିବରଣୀ ବିସ୍ତୃତ୍ୱ ଭାବରେ ବର୍ଣ୍ଣନା କରିଥିଲେ ଶ୍ରୀ ଗୋଦାବରୀ ଜେନା, ଅଧ୍ୟକ୍ଷ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଶିକ୍ଷା ବିଭାଗ ଅଧ୍ୟାପକ ଡ଼କ୍ଟର ଶ୍ରୀ ନାଗେଶ୍ୱର ରାଓ ଛାତ୍ରୀ ମାନଙ୍କୁ ନିଜର ସୁରକ୍ଷା ନିଜେ କିପରି ନେବେ ସେହି ବିଷୟରେ ଭାଷଣ ଦେଇଥିଲେ ଇତିହାସ ବିଭାଗ ଅଧ୍ୟାପିକା ଶ୍ରୀମତୀ ସୁନିତା ବେହେରା ବର୍ତମାନ ସମାଜ ରେ ଚାଲୁଥିବା ଅପରାଧରୁ ନିଜକୁ କିପରି ଆତ୍ମ ସୁରକ୍ଷା କରିବେ ବିସ୍ତୃତ ବର୍ଣ୍ଣନା କରିଥିଲେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ କ୍ତା ରୂପେ ସ୍ୱାସ୍ଥ୍ୟ ବିଭାଗର ସମ୍ପ୍ରସାରଣ ଅଧିକାରିଣୀ ମମତା ପଣ୍ଡା ଯୋଗଦେଇ ଛାତ୍ରୀମାନଙ୍କୁ ସାମାଜିକ ପ୍ଲାଟଫମ ରୁ ସତର୍କ ରହିବା ପାଇଁ ନିଜର ମତ ପ୍ରକାଶ କରିଥିଲେ ଉପ ଜିଲ୍ଲାପାଳ ଅନୁପ ପଣ୍ଡା ଛାତ୍ରୀମାନଙ୍କୁ ନିଜର ଆତ୍ମ ବିଶ୍ୱାସ, ଆତ୍ମ ସୁରକ୍ଷା ମାଧ୍ୟମ ରେ ସମାଜ ରେ ପ୍ରତ୍ୟେକ ମୁହୂର୍ତ୍ତ ନିରାପଦ ରେ ରହିବା ବିଷୟରେ ଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ ତେଲୁଗୁ ଅଧ୍ୟାପକ ଡ଼କ୍ଟର ନାମ୍ବଲା ଭାନୁଶ୍ରୀ, ଅର୍ଥ ନୀତି ଅଧ୍ୟାପକ ଡ଼କ୍ଟର ଲମ୍ବୋଦର ରାଉତ,ଲାଇବ୍ରେରି ଶ୍ରୀ ପ୍ରେମାନନ୍ଦ ପାଳ, କ୍ରୀଡା ଶିକ୍ଷକ ସୁରେଶ ଚନ୍ଦ୍ର ମଲିକ,ଡେମୋନଷ୍ଟର ନିର୍ମଳ ଚନ୍ଦ୍ର ଭୂୟାଁ,କେମିଷ୍ଟ୍ରି ଅଧ୍ୟାପିକା ମନସ୍ମିତା ପାଢ଼ୀ, ଫିଜିକ୍ସ ଅଧ୍ୟାପିକା ସ୍ନେହାଞ୍ଜଳି ଦେବୀ, ବଟଣି ଅଧ୍ୟାପିକା ସ୍ନେହା ସାମଲ ଯୋଗଦେଇଥିଲେ ।

# କେନ୍ଦୁଜିଆଣୀ ସେକ୍ଟର ଡ଼ଙ୍ଗାପାଣି ଠାରେ ବନ ବିଭାଗର ସଚେତନତା ଶୋଭାଯାତ୍ରା



କରଞ୍ଜିଆ,(ମହାଭାରତ) କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳ କେନ୍ଦୁଜିଆଣୀ ସେକ୍ଟର ର ଡ଼ଙ୍ଗାପାଣି ଠାରେ ଆଜି ବନ ବିଭାଗ ପକ୍ଷରୁ ଅଗ୍ନି ନିବାରଣ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଠାକୁରମୁଣ୍ଡା ବ୍ଲକ ସାଲେଇବେଡା ଗ୍ରାମପଞ୍ଚାୟତ ର ଜନସାଧାରଣଙ୍କୁ ନେଇ ଅନୁଷ୍ଠିତ ସଭାରେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ନିଆଁକୁ ରୋକିବାରେ ଲୋକଙ୍କ ସହଯୋଗ ପାଇଁ ନିବେଦନ କରିଥିଲେ । ଏଣୁ ମନୁଷ୍ୟକୃତ ନିଆଁ ରୋକିବା ଏକ ଅଧର୍ମ କାଯ୍ୟ ବୋଲି କହିଥିଲେ ।ଓଏଫଏସଡିପି ସଂଯୋଜକ କୃତ୍ତିବାସ ପରିଡା, ସୁକାନ୍ତ କୁମାର ସାହୁ ସମସ୍ତଙ୍କ ପାଖରେ ସଚେତନତା ବାର୍ତ୍ତା ପହଞ୍ଚେଇ ଜଙ୍ଗଲକୁ ନିଆଁ ମୁକ୍ତ କରିବା ପାଇଁ ସଂକଳ୍ପ କରାଇଥିଲେ । ସଚେତନତା ସଭାରେ ସାଲେଇବେଡା ଗ୍ରାମପଞ୍ଚାୟତ ସରପଞ୍ଚ ପେଲଙ୍ଗ ହୋ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆମ ଜଙ୍ଗଲକୁ ସୁରକ୍ଷା ଓ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଲୋକଙ୍କୁ କହିଥିଲେ ।ସମ୍ମାନିତ ଅତିଥି ଭାବେ ବାଲିପୋଷି ସେକ୍ସନ ବନପାଳ ପ୍ରଦୀପ କିଶୋର ହାଇବୁରୁ ହୋ ଭାଷାରେ ଉଦବୋଧନ ଦେଇ ବନ୍ୟପ୍ରାଣୀ ଦ୍ୱାରା ଧନ ଜୀବନ ହାନି ହେଲେ ସରକାରୀ କ୍ଷତିପୂରଣ ବାବଦରେ ଅବଗତ କରିଥିଲେ । ବନ ବିଭାଗକୁ ସମସ୍ତେ ସହଯୋଗ କରିବା ଏବଂ ଆମ ଜଙ୍ଗଲ ନଷ୍ଟ ହେବାକୁ ଦେବା ନାହିଁ ବୋଲି ନିବେଦନ କରିଥିଲେ । ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ବନପାଳ ବିଦ୍ୟାଧର ମହାନ୍ତ,ଚନ୍ଦ୍ରମୋହନ ମହାନ୍ତ, ନଳିନୀ ମହାନ୍ତ,ବନ୍ୟପ୍ରାଣୀ ବନପାଳ ସନ୍ତୋଷ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ବାର୍ତ୍ତା ରଖିଥିଲେ । ଶରତ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ । ବନରକ୍ଷୀ କିଶୋର ପାତ୍ର, ଗାୟତ୍ରୀ ମହାନ୍ତ, ସ୍ମୃତିରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ବିଗତ ବର୍ଷ ଜଙ୍ଗଲକୁ ନିଆଁ ମୁକ୍ତ ରଖିଥିବାରୁ ବନ ବିଭାଗ ପକ୍ଷରୁ ଡ଼ଙ୍ଗାପାଣି ବନ ସୁରକ୍ଷା ସମିତିକୁ ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ବନ ସୁରକ୍ଷା ସମିତି ସଭ୍ୟା ଜାନକୀ ପୂର୍ତ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ନିର୍ମାଣଧୀନ ସେପ୍ଟିକ ଟ୍ୟାଙ୍କରେ ପଡ଼ି ଚାଲିଗଲା ଭାଇ ଭଉଣୀଙ୍କ ଜୀବନ

ଉତ୍ତରପ୍ରଦେଶ : ଉତ୍ତରପ୍ରଦେଶ ଫତେହପୁରରେ ଅଘଟଣ । ଏକ ନିର୍ମାଣଧୀନ ସେପ୍ଟିକ ଟ୍ୟାଙ୍କରେ ଗଳିପଡିବା ଯୋଗୁଁ ଦୁଇଜଣ ପିଲାଙ୍କ ଜୀବନ ଚାଲିଯାଇଛି। ଦୁହେଁ ଭାଇ ଭଉଣୀ ବୋଲି ଜଣାପଡିଛି । ଦୁହେଁ ମଙ୍ଗଳବାର ସନ୍ଧ୍ୟାରୁ ନିଖୋଜ ରହିଥିଲେ । ଘର ପରିବାର ଲୋକ ବହୁତ ଖୋଜିଥିଲେ, କିନ୍ତୁ ସେମାନଙ୍କ ପତ୍ତା ନ ମିଳିବାରୁ ପୋଲିସକୁ ସୂଚନା ଦିଆଯାଇଥିଲା । ଖବର ମୁତାବକ, ଫତେହପୁର ରାଧାନଗର ବଡନପୁରରେ ଭାଇ ଭଉଣୀ ଖେଳୁଥିବା ବେଳେ ନିର୍ମାଣାଧୀନ ସେପ୍ଟିକ ଟ୍ୟାଙ୍କରେ ଗଳିପଡିଥିଲେ । ସେମାନେ ଖେଳିବା ବେଳେ କେହି ବି ପାଖରେ ନଥିଲେ । ତେଣୁ କେହି ଜାଣିପାରିନଥିଲେ । ଘର ଲୋକ ବହୁତ ଖୋଜାଖୋଜି କରିଥିଲେ । କିନ୍ତୁ ନ ମିଳିବାରୁ ଘର ଲୋକ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବହୁତ ଖୋଜାଖୋଜି କରିବା ପରେ ପିଲାଙ୍କ ମୃତଦେହ ସେପ୍ଟିକ ଟ୍ୟାଙ୍କରୁ ମିଳିଥିଲା । ତେବେ ଦୁଇଟି ଯାକ ପିଲାଙ୍କ ମୃତ୍ୟୁରେ ଗାଁରେ ଶୋକାକୁଳ ପରିବେଶ ଦେଖାଦେଇଥିଲା । ପୋଲିସ ଦୁଇଟି ଯାକ ମୃତଦେହକୁ ଜବତ କରି ଯାଞ୍ଚ କରୁଛି । ପିଲା ଦୁଇଟିର ମୃତ୍ୟୁ ଅଘଟଣ କି ହତ୍ୟା ତାହା ପୋଲିସ ତଦନ୍ତରୁ ଜଣାପଡିବ ।

## ଇମ୍ରାନଙ୍କ ପାଇଁ ସ୍ୱର ଉତ୍ତୋଳନ କଲେ ୧୪ ମହାନ କ୍ରିକେଟ୍ ଖେଳାଳି



ମୁମ୍ବାଇ: ଜେଲ୍‌ରେ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ୧୯୯୨ ବିଶ୍ୱକପ୍ ବିଜୟୀ ପାକିସ୍ତାନ ଦଳର ଅଧିନାୟକ ଇମ୍ରାନ ଖାଁଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ବିଶ୍ୱ କ୍ରିକେଟ୍‌ର ୧୪ ମହାନ ବ୍ୟକ୍ତିତ୍ୱ ତଥା ପୂର୍ବତନ ଅଧିନାୟକ । ପାକିସ୍ତାନ ସରକାରଙ୍କୁ ପତ୍ର ଲେଖି ସେମାନେ ଇମ୍ରାନଙ୍କୁ ଆବଶ୍ୟକ ଚିକିତ୍ସା ସେବା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ପତ୍ର ଲେଖିଥିବା ପୂର୍ବତନ ଖେଳାଳିମାନଙ୍କ ମଧ୍ୟରେ ଭାରତର ସୁନୀଲ ଗାଭାସ୍କର ଓ କପିଳ ଦେବ ଅଛନ୍ତି। ଏହି ପତ୍ରରେ ସ୍ୱାକ୍ଷର କରିଥିବା ଅନ୍ୟ ପୂର୍ବତନ ଖେଳାଳିମାନେ ହେଲେ ଗ୍ରେଗ୍ ଚାପେଲ୍, ମାଇକେଲ୍ ଆଥର୍ଟନ, ଆଲାନ ବର୍ଡର,ନାସିର ହୁସେନ, ଇଆନ୍ ଚାପେଲ୍, ମାଇକେଲ୍ ବ୍ରିୟର୍ଲି, ଡେଭିଡ୍ ଗାୱାର, ଜନ ରାଇଟ୍, ଷ୍ଟିଭ୍ ୱ୍, କ୍ଲାଇଭ୍ ଲଏଡ୍। ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ବେଲିଣ୍ଡା କ୍ଲାର୍କ। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଏହି ତାଲିକାରେ କୌଣସି ପାକିସ୍ତାନୀ କ୍ରିକେଟ୍ ଖେଳାଳି ନାହାନ୍ତି। ନିଜ ପତ୍ରରେ ସେମାନେ ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ହେଉଥିବା ଅବନତିକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ବିଶେଷକରି ତାଙ୍କର ଦୃଷ୍ଟିଶକ୍ତି ହ୍ରାସ ପାଇଥିବା ନେଇ ଗଣମାଧ୍ୟମରେ ଚର୍ଚ୍ଚା ବିଷୟ ଉଲ୍ଲେଖ କରାଯାଇଥିଲା। ତାଙ୍କୁ ତୁରନ୍ତ ଅନ୍ତର୍ଜାତୀୟ ମାନଦଣ୍ଡ ଅନୁସାରେ ଆବଶ୍ୟକ ଚିକିତ୍ସା ସେବା ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି। ପୁଣି ତାଙ୍କୁ ନିରପେକ୍ଷ ନ୍ୟାୟିକ ସେବା ମଧ୍ୟ ଯୋଗାଇଦେବାକୁ ଅନୁରୋଧ କରାଯାଇଛି।

# ରୁଷ ସହ ବଡ଼ ଟ୍ରେଡ୍ ଡିଲ୍ କରିବ ଭାରତ

ମସ୍କୋ: ୟୁରୋପ ସଂଘ ଓ ଆମେରିକା ସହ ବାଣିଜ୍ୟ ଚୁକ୍ତି(ଟ୍ରେଡ୍ ଡିଲ୍) ପରେ ଏବେ ଭାରତ ରୁଷ ସହ ବଡ଼ ଟ୍ରେଡ୍ ଡିଲ୍ କରିବାକୁ ଯାଉଛି। ରୁଷର ଉପ-ପ୍ରଧାନମନ୍ତ୍ରୀ ଆଲେକ୍ସି ଓଭରଚୁକ୍ ଚୁକ୍ତି ସ୍ୱାକ୍ଷର ପୂର୍ବରୁ ଏହି ସୂଚନା ଦେଇଛନ୍ତି। ୟୁରେସିଆନ୍ ଇକୋନୋମିକ୍ ୟୁନିୟନ୍ (ଇଏଇୟୁ) ଏବଂ ଭାରତ ମଧ୍ୟରେ ଏହି ପ୍ରିଫରେନ୍ସିଆଲ୍ ବାଣିଜ୍ୟ ଚୁକ୍ତି (ପିଟିଏ) ଭାରତୀୟ ଏମ୍‌ଏସ୍‌ଏମ୍‌ଇକୁ ରୁଷରେ ପ୍ରବେଶ କରିବା ପାଇଁ ନୂତନ ରାସ୍ତା ଖୋଲିବ।



ମସ୍କୋରେ ଅନୁଷ୍ଠିତ ଏକ ବ୍ୟବସାୟିକ ମଞ୍ଚରେ, ରୁଷର ଉପପ୍ରଧାନମନ୍ତ୍ରୀ ଆଲେକ୍ସି ଓଭରଚୁକ୍ ଭାରତ ସହିତ ଆଗାମୀ ମେଗା ଚୁକ୍ତି ବିଷୟରେ ଖୋଲାଖୋଲି ଭାବରେ କହିଥିଲେ। ସେ ବଡ଼ ଘୋଷଣା କରି କହିଥିଲେ, ଭାରତ ସହିତ ଏକ ପ୍ରିଫରେନ୍ସିଆଲ୍ ବାଣିଜ୍ୟ ଚୁକ୍ତି ଉପରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ସକାରାତ୍ମକ ରହିଛି। ଉଭୟ ଦେଶ ଯଥାଶୀଘ୍ର ଚୁକ୍ତିକୁ ଚୂଡ଼ାନ୍ତ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଏହି ଚୁକ୍ତି ରୁଷ କମ୍ପାନୀଗୁଡ଼ିକ ପାଇଁ ଏକ 'ଗୋଲଡେନ୍ କି' ବା ସୁବର୍ଣ୍ଣ ଚାବି ବୋଲି କୁହାଯାଉଛି।

୨.୨ ବିଲିୟନ ବଜାର: ଓଭରଚୁକଙ୍କ କହିବା ଅନୁଯାୟୀ, ଏହି ଚୁକ୍ତି ସ୍ୱାକ୍ଷର ପରେ, ରୁଷର ବ୍ୟବସାୟ ଓ ୟୁରେସିଆନ୍ ଇକୋନୋମିକ୍ ୟୁନିୟନ୍ (ଇଏଇୟୁ) ଭାରତର ବିଶାଳ ବଜାରରେ ସିଧାସଳଖ ପ୍ରବେଶ ପାଇବେ, ଯାହା ମୋଟ ୨.୨ ବିଲିୟନ ଲୋକଙ୍କୁ ନେଇ ଏକ ବିଶାଳ ବଜାର ଗଠନ କରିବ। ପ୍ରଥମ ପର୍ଯ୍ୟାୟ ସମାପ୍ତ: ଭାରତ ଓ ରୁଷ ୟୁରେସିଆନ୍ ଇକୋନୋମିକ୍ ୟୁନିୟନ୍ (ରୁଷ, ଆର୍ମେନିଆ, ବେଲାରୁଷ, କାଜାଖସ୍ତାନ ଓ କିର୍ଗିଜସ୍ତାନ) ସହିତ ଏକ ମୁକ୍ତ ବାଣିଜ୍ୟ କ୍ଷେତ୍ର ପ୍ରତିଷ୍ଠା ପାଇଁ ପ୍ରଥମ ପର୍ଯ୍ୟାୟ ଆଲୋଚନା ସମାପ୍ତ ହୋଇଛି। ୧୦୦ ବିଲିୟନ ଡଲାର ଲକ୍ଷ୍ୟ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୧୦୦ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ, ଏହି ସଂଖ୍ୟା ୨୦୨୪-୨୫ ରେ ୬୮.୭ ବିଲିୟନ ଡଲାରରେ ପହଞ୍ଚିଛି। ଏହି କ୍ଷେତ୍ରଗୁଡ଼ିକୁ ଗୁରୁତ୍ୱ: ଶକ୍ତି (ତେଲ) ଏବଂ ପ୍ରତିରକ୍ଷା ବ୍ୟତୀତ, ଉଭୟ ଦେଶ ଏବେ ଔଷଧ, କୃଷି, ଯନ୍ତ୍ରପାତି, ରାସାୟନିକ ପଦାର୍ଥ ଏବଂ ଟେକନୋଲୋଜି କ୍ଷେତ୍ରରେ ସହଯୋଗ କରିବାକୁ ଯୋଜନା କରୁଛନ୍ତି। ଟଙ୍କା-ରୁବଲରେ ହେବ ବାଣିଜ୍ୟ: ପାଶ୍ଚାତ୍ୟ ପ୍ରତିବନ୍ଧକ ଓ ଆମେରିକାର ଚାପ ମଧ୍ୟରେ, ଉଭୟ ଦେଶ ସେମାନଙ୍କର ଜାତୀୟ ମୁଦ୍ରା ଅର୍ଥାତ୍ ଟଙ୍କା ଓ ରୁବଲରେ ବାଣିଜ୍ୟ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି।

# ଭାରତରେ ଇନଷ୍ଟା-ଫେସବୁକ୍ ଚଲାଇ ପାରିବେନାହିଁ ନାବାଳକ !

ନୂଆଦିଲ୍ଲୀ : ଅଷ୍ଟ୍ରେଲିଆ ଏବଂ ଫ୍ରାନ୍ସ ଭଳି ବିକଶିତ ଦେଶ ପରେ ଏବେ ଭାରତରେ ମଧ୍ୟ ପିଲାମାନେ ସୋସିଆଲ ମିଡିଆ ବ୍ୟବହାର କରିବା ଉପରେ ନିୟମ ଆରମ୍ଭ ହୋଇଛି । କେନ୍ଦ୍ରୀୟ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ଦିନ ଏକ ପ୍ରେସ୍ ମିଟିଂରେ କହିଛନ୍ତି ଯେ, ସରକାର ବୟସ-ଭିତ୍ତିକ ପ୍ରତିବନ୍ଧକ ସମ୍ପର୍କରେ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ସହିତ ଆଲୋଚନା କରୁଛନ୍ତି । ସୂଚନାନୁଯାୟୀ, ମୋଦି ସରକାରଙ୍କ ଉଦ୍ଦେଶ୍ୟ ହେଉଛି ପିଲା ଏବଂ ନାବାଳକମାନେ ଅନଲାଇନ ଦୁନିଆଁରେ ଏକ ସୁରକ୍ଷିତ ପରିବେଶ ଯୋଗାଇବା । କିଛି ଦିନ ଧରି ପିଲା ଏବଂ କିଶୋରମାନେ ସୋସିଆଲ ମିଡିଆରେ ଅଧିକ ସମୟ ବିତାଉଛନ୍ତି। ମୋବାଇଲ ଫୋନ୍ ଏବଂ ଇଣ୍ଟରନେଟର ସହଜ ଉପଲବ୍ଧତା ସହିତ, ଛୋଟ ପିଲାମାନେ ମଧ୍ୟ ଡିଜିଟାଲ୍ ପ୍ଲାଟଫର୍ମ ସହିତ ସହଜରେ ଯୋଡ଼ି ହେଉଛନ୍ତି। ଏହାରି ମଧ୍ୟରେ ପିଲାମାନେ ଭୁଲ୍ କଣ୍ଟେଣ୍ଟ, ସାଇବର ଧମକ ଏବଂ



ଅନଲାଇନ୍ ନିଶା ଦ୍ୱାରା ପ୍ରଭାବିତ ହୋଇପାରନ୍ତି ବୋଲି ମୋଦି ସରକାର ଏବଂ ବିଶେଷଜ୍ଞମାନେ ଚିନ୍ତାରେ ରହିଛନ୍ତି । ଏହି କାରଣରୁ ବୟସ ହିସାବରେ ସୋସିଆଲ ମିଡିଆର ବ୍ୟବହାରକୁ ନେଇ ନିୟମବଳୀ ଉପରେ ବିଚାର କରାଯାଉଛି । ଅନେକ ଦେଶ ପୂର୍ବରୁ ଅନଲାଇନ୍ ପିଲାମାନଙ୍କୁ ସୁରକ୍ଷା ଦେବା ପାଇଁ ପଦକ୍ଷେପ ନେଇସାରିଛନ୍ତି । ଅଷ୍ଟ୍ରେଲିଆ ଏବଂ ଫ୍ରାନ୍ସ ଭଳି ଦେଶ ସୋସିଆଲ ମିଡିଆ ପ୍ଲାଟଫର୍ମରେ ନାବାଳକମାନଙ୍କ ପାଇଁ ନିୟମ କଠୋର କରିଛନ୍ତି ଏବଂ କମ୍ପାନୀ ଦାୟିତ୍ୱ ସ୍ଥାପନ କରିଛନ୍ତି । ଏହି ଦେଶଗୁଡିକୁ ଅନୁସରଣ କରି ଭାରତ ମଧ୍ୟ ଡିଜିଟାଲ ପ୍ଲାଟଫର୍ମରେ ପିଲାମାନଙ୍କ ସୁରକ୍ଷା ପାଇଁ ବିକଳ୍ପ ଖୋଜୁଛି । ଅନ୍ୟପଟେ ମୋଦି ସରକାର କହିଛନ୍ତି ଯେ, ବର୍ତ୍ତମାନ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ସହିତ ଆଲୋଚନା ଚାଲିଛି । ଏଥିସହ ବୟସ ଆଧାରରେ ପ୍ରତିବନ୍ଧକକୁ ନେଇ ସମସ୍ତ ପକ୍ଷର ମତାମତ ନିଆଯାଉଛି । ପରବର୍ତ୍ତୀ ସମୟରେ ପିଲାମାନଙ୍କ ଅନଲାଇନ୍ ସୁରକ୍ଷା ସମ୍ପର୍କରେ ଏକ ନୂତନ ନିର୍ଦ୍ଦେଶାବଳୀ ଜାରି କରାଯାଇପାରେ। ଯାହାର ଉଦ୍ଦେଶ୍ୟ ସୋସିଆଲ ମିଡିଆର ଲାଭ ବଜାୟ ରଖି ପିଲାଙ୍କୁ ଏହାର କ୍ଷତିରୁ ରକ୍ଷା କରିବା ।

## ମୁସଲମାନମାନଙ୍କ ୫% କୋଟା ଉଚ୍ଛେଦ କଲେ ମହାରାଷ୍ଟ୍ର ସରକାର

ମୁମ୍ବାଇ: ସାମାଜିକ ଓ ଶିକ୍ଷାଗତ ଭାବରେ ପଛୁଆ ମୁସଲିମ୍ ସମ୍ପ୍ରଦାୟକୁ ପ୍ରଦାନ କରାଯାଇଥିବା ୫% ସଂରକ୍ଷଣକୁ ମହାରାଷ୍ଟ୍ର ସରକାର ସମ୍ପୂର୍ଣ୍ଣ ଭାବରେ ଉଚ୍ଛେଦ କରିଦେଇଛନ୍ତି। ସରକାରଙ୍କ ସଦ୍ୟତମ ନିଷ୍ପତ୍ତି ପରେ, ଏହି ବର୍ଗ ଆଉ କୌଣସି ସୁବିଧା ପାଇବେ ନାହିଁ। ୨୦୧୪ ମସିହାରେ ରାଜ୍ୟର ସାମାଜିକ ଓ ଶିକ୍ଷାଗତ ଭାବରେ ପଛୁଆ ମୁସଲିମ ସମ୍ପ୍ରଦାୟକୁ ଏହି ସଂରକ୍ଷଣ ଦିଆଯାଇଥିଲା। ଯଦିଓ ଏହି ସଂରକ୍ଷଣ ପୂର୍ବରୁ ପ୍ରତ୍ୟାହାର କରାଯାଇଥିଲା, ଏହା ସହିତ ଜଡିତ କିଛି ପ୍ରକ୍ରିୟା ଓ ପ୍ରଶାସନିକ ନିର୍ଦ୍ଦେଶକୁ ପ୍ରଭାବଶାଳୀ ବିବେଚନା କରାଯାଇଥିଲା। ଏବେ ସରକାର ସେହି ସମସ୍ତ ପ୍ରକ୍ରିୟାକୁ ମଧ୍ୟ ପ୍ରତ୍ୟାହାର କରିଦେଇଛନ୍ତି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ଏହି ସଂରକ୍ଷଣ ଆଧାରରେ କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ପ୍ରବେଶ ସୁବିଧା ଆଉ




ଦିଆଯିବ ନାହିଁ। ଏହି ବର୍ଗ ଅର୍ନ୍ତଗତ କୌଣସି ନୂତନ ଜାତି ପ୍ରମାଣପତ୍ର କିମ୍ବା ଆଇନଗତ ପ୍ରମାଣପତ୍ର ଜାରି କରାଯିବ ନାହିଁ। ପୂର୍ବରୁ ଜାରି ହୋଇଥିବା ସମସ୍ତ ନିର୍ଦ୍ଦେଶ ଓ ସରକାରୀ ସର୍କୁଲାର ଏବେ ବେଆଇନ ବୋଲି ବିବେଚନା କରାଯିବ। ଏହା ସହିତ, ମହାରାଷ୍ଟ୍ର ସଂଖ୍ୟାଲଘୁ ବିଭାଗର ଉପସଚିବ ମିଲିନ୍ଦ ସେନୋୟଙ୍କୁ ମଧ୍ୟ ବଦଳି କରାଯାଇଛି। ସରକାରୀ ସୂତ୍ର ଅନୁସାରେ, ୨୦୧୪ ନିଷ୍ପତ୍ତି ଉପରେ ଆଧାରିତ କୌଣସି ବିଚାରାଧୀନ କିମ୍ବା ଚାଲୁଥିବା ପ୍ରକ୍ରିୟା ଆଉ ଜାରି ରହିବ ନାହିଁ। ଏହାକୁ ସମ୍ପୂର୍ଣ୍ଣ ହୋଇଥିବା ବୋଲି ବିବେଚନା କରାଯିବ। ଜୁଲାଇ ୨୦୧୪ରେ, ଏକ ଅଧାଦେଶ ଦ୍ୱାରା ସରକାରୀ ଚାକିରି ଓ ଶିକ୍ଷାନୁଷ୍ଠାନରେ ମୁସଲମାନମାନଙ୍କୁ ଲାଭ ଦେବା ପାଇଁ ସଂରକ୍ଷଣ ବ୍ୟବସ୍ଥା ପ୍ରଚଳନ କରାଯାଇଥିଲା। ତେବେ ଏହି ଅଧାଦେଶକୁ ମୁମ୍ବାଇ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ମାତ୍ର ଚାରି ମାସ ମଧ୍ୟରେ ଏକ ସ୍ଥଗିତାଦେଶ ଜାରି କରାଯାଇଥିଲା। ୨୩ ଡିସେମ୍ବର ୨୦୧୪ ସୁଦ୍ଧା ଏହି ଅଧାଦେଶ ଆଇନରେ ପରିଣତ ନହେବାରୁ, ଏହା ସ୍ୱୟଂଚାଳିତ ଭାବରେ ପ୍ରଭାବହୀନ ହୋଇଯାଇଥିଲା। ଅଲ୍ ଇଣ୍ଡିଆ ମଜଲିସ୍-ଏ-ଇତ୍ତେହାଦୁଲ୍ ମୁସଲିମିନ୍ (ଏଆଇଏମ୍ଆଇଏମ୍) ରାଜ୍ୟ ସଭାପତି ଇମତିଆଜ୍ ଜଲିଲ୍ ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରି ଏହାକୁ କଟାକ୍ଷ କରିଛନ୍ତି। ଇମତିଆଜ ଜଲିଲ୍ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲ, ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, ମହାରାଷ୍ଟ୍ର ସରକାର ମୁସଲମାନମାନଙ୍କୁ ରମ୍‌ଜାନ୍ ଉପହାର ଦେଇ ସଂରକ୍ଷଣ ଉଚ୍ଛେଦ ଘୋଷଣା କରିଛନ୍ତି। ହାଇକୋର୍ଟ ମୁସଲମାନମାନଙ୍କ ମଧ୍ୟରେ ଅଧାରୁ ପାଠ ଛାଡ଼ିବା ହାର ସବୁଠାରୁ ଅଧିକ ଥିବା ଦର୍ଶାଇ ଏହା ଲାଗୁ କରିଥିଲେ। ଏହା ସତ୍ତ୍ୱେ, ସରକାର ମୁସଲମାନମାନଙ୍କ ପାଇଁ ସଂରକ୍ଷଣ ଉଚ୍ଛେଦ କରିଛନ୍ତି। ଏଭଳି ପଦକ୍ଷେପ ପରେ ଆମେ ଆମର ପୁଅ ଓ ଝିଅମାନଙ୍କୁ ପାଠପଢ଼ା ନଛାଡ଼ିବାକୁ କହିପାରିବୁ କି ? ସରକାରଙ୍କ ପଢ଼େଗା ଇଣ୍ଡିଆ ତୋ ବଢ଼େଗା ଇଣ୍ଡିଆ ସ୍ଲୋଗାନ୍ ଦେବା ଏବେ ଆଉ ଯୁକ୍ତିଯୁକ୍ତ ହେବ ନାହିଁ ବୋଲି ସେ କହିଛନ୍ତି।

## କୁନୋରେ ୩ ନୂଆ ଅତିଥି, ୩ ଶାବକକୁ ଜନ୍ମ ଦେଲା ଚିତା ଗାମିନୀ

ମଧ୍ୟପ୍ରଦେଶ : ମଧ୍ୟପ୍ରଦେଶ ଶୋୟପୁର ଜିଲ୍ଲା ସ୍ଥିତି କୁନୋ ନ୍ୟାସନାଲ ପାର୍କରେ ନୂଆ ଅତିଥି । ୩ ଶାବକଙ୍କୁ ଜନ୍ମଦେଲା ଚିତା ଗାମିନୀ । ମଧ୍ୟପ୍ରଦେଶ କୁନୋ ଜାତୀୟ ଉଦ୍ୟାନରେ ଖୁସିର ମାହୋଲ । ଦକ୍ଷିଣ ଆଫ୍ରିକାରୁ ଆସିଥିବା ବାଘୁଣୀ ଗାମିନୀ ୩ଟି ଶାବକଙ୍କୁ ଜନ୍ମ ଦେଇଛି । ଭାରତକୁ ଆସିବାର ୩ବର୍ଷ ପୂରଣ ହେବା ଅବସରରେ ୩ଟି ଶାବକ ଜନ୍ମ ହୋଇଛନ୍ତି । ଦ୍ୱିତୀୟ ଥର ମାତୃତ୍ୱ ଲାଭ କରିଛି ଗାମିନୀ । ଏହାସହ ଭାରତରେ ଜନ୍ମିତ ଜୀବିତ ଚିତା ଶାବକ ଜନ୍ମସଂଖ୍ୟା ୨୭ରେ ପହଂଚିଛି । ସେପଟେ ଭାରତରେ ମୋଟ ଚିତା ସଂଖ୍ୟା ୩୮କୁ ବୃଦ୍ଧି ପାଇଛି । ୩ ନୂଆ ଶାବକ ଜନ୍ମ ହେବା ପରେ ଚିତା ପ୍ରୋଜେକ୍ଟ ଆହୁରି ସୁଦୃଢ ହୋଇଛି । କୁନୋରେ ଚିତା ଜନ୍ମ ନେଇ ମୁଖ୍ୟମନ୍ତ୍ରୀ ଡା. ମୋହନ ଯାଦବ ଖୁସି ବ୍ୟକ୍ତ କରିଛନ୍ତି । ସୋସିଆଲ ମିଡିଆରେ ଖୁସି ଜାହିର କରିଛନ୍ତି । ତେବେ ଗତ ୭୦ ର୍ଷ ପୂର୍ବେ ଭାରତରେ ଚିତା ବିଲୁପ୍ତ ହୋଇଯାଇଥିଲେ । ଦେଶରେ ପୁଣି ଚିତା ସଂଖ୍ୟା ବଢାଇବା ଉଦ୍ଦେଶ୍ୟରେ ପ୍ରୋକ୍ଟେ ଚିତା ଆରମ୍ଭ କରାଗଲା । ତେଣୁ ଦକ୍ଷିଣ ଆଫ୍ରିକା ଏବଂ ନାମିବ୍ୟାରୁ ଚିତା ଆଣି କୁନୋ ନ୍ୟାସନାଲ ପାର୍କରେ ଛଡାଯାଇଥିଲା ।

# ଜମ୍ମୁ-କାଶ୍ମୀର ଖୁବ୍ ଶୀଘ୍ର ଫେରି ପାଇବ ରାଜ୍ୟ ମାନ୍ୟତା: କେନ୍ଦ୍ର ଆଇନମନ୍ତ୍ରୀ ମେଘୱାଲ

ଶ୍ରୀନଗର: ଜମ୍ମୁ-କାଶ୍ମୀର ଖୁବ୍ ଶୀଘ୍ର ରାଜ୍ୟ ମାନ୍ୟତା ଫେରି ପାଇବ ବୋଲି ସଙ୍କେତ ଦେଇଛନ୍ତି କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ। ଲୋକମାନେ ଏ ସମ୍ପର୍କିତ ଖୁବ୍‌ଶୀଘ୍ର ଖବର ଖୁବ୍ ଶୀଘ୍ର ଶୁଣିବେ ବୋଲି ମେଘୱାଲ କହିଥିଲେ। ଜମ୍ମୁ-କାଶ୍ମୀରକୁ ରାଜ୍ୟ ମାନ୍ୟତା ପ୍ରସଙ୍ଗ ଖୁବ୍ ସମ୍ବେଦନଶୀଳ ବିଷୟ। ଶ୍ରୀନଗରରେ ଏସ୍ ?କେଆଇସିସିଠାରେ ଟେଲି-ଲ' ନେଇ ଅନୁଷ୍ଠିତ କର୍ମଶାଳାରେ ଯୋଗଦେବା ଅବସରରେ ସାମ୍ବାଦିକଙ୍କ ସହିତ ଆଲୋଚନାବେଳେ ମେଘୱାଲ କହିଛନ୍ତି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଲୋକସଭାରେ ଏ ପ୍ରସଙ୍ଗରେ ଆଶ୍ୱାସନା ଦେଇଛନ୍ତି। ଜମ୍ମୁ କାଶ୍ମୀର ଲୋକଙ୍କୁ ତାଙ୍କ ଅଧିକାର ମିଳିବ କିନ୍ତୁ ଏଥିପାଇଁ କିଛି ପ୍ରକ୍ରିୟା ରହିଛି। କେନ୍ଦ୍ର ସରକାର ଧାରା ୩୭୦ ଉଚ୍ଛେଦ କରିବା ଓ ଜମ୍ମୁ କାଶ୍ମୀର ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ପ୍ରଦେଶ - ଜମ୍ମୁ କାଶ୍ମୀର (ବିଧାନସଭା ସହିତ) ଏବଂ ଲଦାଖ (ବିଧାନସଭା ବିନା) ରେ ବିଭକ୍ତ କରିବା ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହ ବାରମ୍ବାର



ପ୍ରତିଶ୍ରୁତି ଦେଇଛନ୍ତି ଯେ, ଉପଯୁକ୍ତ ସମୟରେ ଜମ୍ମୁ କାଶ୍ମୀରକୁ ରାଜ୍ୟର ମାନ୍ୟତା ପୁନଃସ୍ଥାପିତ କରାଯିବ। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି, ରାଜ୍ୟ ମାନ୍ୟତା ଫେରାଇବା ପାଇଁ ପ୍ରକ୍ରିୟା ବିଳମ୍ବିତ ହେବାରେ ଲାଗିଛି। ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛୁ। ରାଜ୍ୟ ମାନ୍ୟତା ପୁନଃସ୍ଥାପିତ ନହେବା ପର୍ଯ୍ୟନ୍ତ ଆମ ମଧ୍ୟରୁ କେହି ସନ୍ତୁଷ୍ଟ ହେବେ ନାହିଁ। ଜମ୍ମୁ କାଶ୍ମୀର କେନ୍ଦ୍ର ଶାସିତ ପ୍ରଦେଶ ହେବା ପରେ ପ୍ରଥମ ବିଧାନସଭା ନିର୍ବାଚନ ୨୦୨୪ ରେ ଅନୁଷ୍ଠିତ ହୋଇଥିଲା। ସରକାରର ଦାୟିତ୍ୱ ଗ୍ରହଣ କରିବା ପରେ ଓମାର ପ୍ରଥମ କ୍ୟାବିନେଟ ବୈଠକରେ ଜମ୍ମୁ କାଶ୍ମୀରକୁ ରାଜ୍ୟ ମାନ୍ୟତା ପୁନଃସ୍ଥାପନ ପାଇଁ ଏକ ସଂକଳ୍ପ ପାରିତ କରିଥିଲେ। ପରେ ସେ ପ୍ରଧାନମନ୍ତ୍ରୀ ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଅନ୍ୟ କେନ୍ଦ୍ର ନେତାମାନଙ୍କୁ ସଂକଳ୍ପର କପି ପ୍ରଦାନ କରିଥିଲେ ଏବଂ ସେମାନଙ୍କୁ ଶୀଘ୍ର ରାଜ୍ୟ ମାନ୍ୟତା ପୁନଃସ୍ଥାପନ ପାଇଁ ଅନୁରୋଧ କରିଥିଲେ।

# ଆମେରିକାର ଚାପ: ଜାନୁଆରିରେ ରୁଷରୁ ଭାରତକୁ ଆମଦାନି ୪୦% ହ୍ରାସ

ନୂଆଦିଲ୍ଲୀ: ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁଯାୟୀ, ଜାନୁଆରିରେ ରୁଷରୁ ଭାରତକୁ ସାମଗ୍ରୀ ଆମଦାନି ୪୦.୪୮% ହ୍ରାସ ପାଇ ୨.୮୬ ବିଲିୟନ ଡଲାର ହୋଇଛି। ଜାନୁଆରି ୨୦୨୫ରେ ଏହା ୪.୮୧ ବିଲିୟନ ଡଲାର ଥିଲା। ଭାରତୀୟ ତୈଳ ବିଶୋଧନାଗାର ଗୁଡ଼ିକ ରୁଷର ଅଶୋଧିତ ତୈଳ କ୍ରୟ ହ୍ରାସ କରିବା ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ସେପ୍ଟେମ୍ବରରେ, ଭାରତର ରୁଷୀୟ ତୈଳ ଆମଦାନି ୩.୩୨ ବିଲିୟନ ଡଲାର ହ୍ରାସ ପାଇଛି, ଯାହା ଏପ୍ରିଲ ତୁଳନାରେ ପ୍ରାୟ ୩୦% ହ୍ରାସ ପାଇଛି। ପେଟ୍ରୋଲିୟମ୍ ଅଶୋଧିତ ତୈଳ ସାଧାରଣତଃ ରୁଷରୁ ଭାରତର ମୋଟ ସାମଗ୍ରୀ ଆମଦାନିର ପ୍ରାୟ ୮୦% ହୋଇଥାଏ। ଏହା ଆକଳନ କରାଯାଇଛି ଯେ, ଜାନୁଆରୀ ମାସରେ ରୁଷର ଅଶୋଧିତ ତୈଳର ପ୍ରକୃତ ଆମଦାନି ପ୍ରାୟ ୨.୩ ବିଲିୟନ ଡଲାର ଥିଲା। ସରକାର ସୋମବାର ଜାନୁଆରି ୨୦୨୬ ପାଇଁ ବାଣିଜ୍ୟ ତଥ୍ୟ ପ୍ରକାଶ କରିଥିଲେ ମଧ୍ୟ, ଏପର୍ଯ୍ୟନ୍ତ କେଉଁ କେଉଁ ଉତ୍ପାଦ ତଥା ଦେଶ ଅନୁଯାୟୀ ତଥ୍ୟ ପ୍ରକାଶ କରିନାହାନ୍ତି। ଅଶୋଧିତ ତୈଳ ବ୍ୟତୀତ, ଭାରତ ରୁଷରୁ କୋଇଲା, କୋକ୍, କିଛି ପେଟ୍ରୋଲିୟମ୍ ଉତ୍ପାଦ, ସାର, ଲୁହା, ନ୍ୟୁଜ୍ ପ୍ରିଣ୍ଟ, ପ୍ରୋଜେକ୍ଟ ସାମଗ୍ରୀ, ଡାଲି, ମୁକ୍ତା, ମୂଲ୍ୟବାନ ପଥର ଆମଦାନୀ କରିଥାଏ। ଆମେରିକା ସରକାର ଲିବରେସନ୍ ଡେ ଟାରିଫ୍ ଘୋଷଣା କରିଥିଲେ। ଏହା ସହିତ ୱାସିଂଟନ ଭାରତକୁ ରୁଷର ଅଶୋଧିତ ତୈଳ ନକିଣିବା ପାଇଁ ଚାପ ପକାଇଥିଲା। ପରେ, ଅଗଷ୍ଟ ୨୭ ତାରିଖରୁ, ଆମେରିକା ଭାରତୀୟ ସାମଗ୍ରୀ ରପ୍ତାନି ଉପରେ ଅତିରିକ୍ତ ୨୫% ଦଣ୍ଡାତ୍ମକ ଶୁଳ୍କ ଲାଗୁ କରିଥିଲା । ଏହା ଯୋଗୁ ସେପ୍ଟେମ୍ବରରେ ଭାରତର ରୁଷୀୟ ଅଶୋଧିତ ତୈଳ ଆମଦାନି ହ୍ରାସ ପାଇଥିବା କୁହାଯାଉଛି।

ଆଗାମୀ ମାସଗୁଡ଼ିକରେ ରୁଷରୁ ପଣ୍ୟଦ୍ରବ୍ୟ ଆମଦାନୀରେ ହ୍ରାସ ଅଧିକ ହେବ ବୋଲି ଆଶା କରାଯାଉଛି। ଭାରତୀୟ ରିଫାଇନରମାନେ ରୁଷୀୟ ତୈଳ ତୁଳନାରେ ଶସ୍ତା ଥିବା ଭେନେଜୁଏଲାର ଅଶୋଧିତ ତୈଳ କିଣିବା ପାଇଁ ଆମେରିକାର ପ୍ରସ୍ତାବ ଉପରେ ବିଚାର କରୁଛନ୍ତି। ଜାନୁଆରି ୩୧ ତାରିଖରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏୟାର ଫୋର୍ସ ୱାନରେ ସାମ୍ବାଦିକମାନଙ୍କୁ କହିଥିଲେ ଯେ, ଭାରତ ଭେନେଜୁଏଲାରୁ ତୈଳ କିଣିବ। ଭେନେଜୁଏଲା ଉପରେ ଆମେରିକାର କଟକଣା ପୂର୍ବରୁ, ଭାରତ ଭେନେଜୁଏଲା ଅଶୋଧିତ ତୈଳର ପ୍ରମୁଖ କ୍ରେତାମାନଙ୍କ ମଧ୍ୟରେ ଆଗୁଆ ରହିଛି। ଟ୍ରମ୍ପ ପ୍ରଶାସନ ଫେବ୍ରୁଆରି ୬ ରେ ଭାରତୀୟ ସାମଗ୍ରୀ ଉପରେ ଲାଗୁ ହୋଇଥିବା ୨୫% ଦଣ୍ଡାତ୍ମକ ଶୁଳ୍କକୁ ପ୍ରତ୍ୟାହାର କରିନେଇଥିଲେ। ଏହା ସହ ଟ୍ରମ୍ପ ପ୍ରଶାସନ କହିଥିଲେ, ଭାରତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ରୁଷିଆନ ଫେଡେରେସନ ତେଲ ଆମଦାନି ବନ୍ଦ କରିବାକୁ ପ୍ରତିଶ୍ରୁତିବଦ୍ଧ। ଭାରତ ଆମେରିକା ଶକ୍ତି ଉତ୍ପାଦ କ୍ରୟ କରିବାକୁ ରାଜି ହୋଇଛି। ଆମେରିକା ମଧ୍ୟ ଆଗ୍ରହୀ ଯେ, ଭାରତ ଭେନେଜୁଏଲାରୁ ଶକ୍ତି କ୍ରୟ ପୁଣି ଆରମ୍ଭ କରିବା ଉଚିତ। ୨୦୧୨-୧୩ ବର୍ଷରେ ଭାରତ ଦକ୍ଷିଣ ଆମେରିକୀୟ ଦେଶରୁ ୧୪.୧୦ ବିଲିୟନ ଡଲାର ମୂଲ୍ୟରେ ଅଶୋଧିତ ତୈଳ ଆମଦାନୀ କରିଥିଲା। ସରକାରୀ ତଥ୍ୟ ଅନୁଯାୟୀ, ବିଭିନ୍ନ ଭୂ-ରାଜନୈତିକ କାରଣରୁ ଭେନେଜୁଏଲାର ଅଶୋଧିତ ତୈଳ ଆମଦାନି ଧୀରେ ଧୀରେ ହ୍ରାସ ପାଇଥିଲା। ୨୦୨୧-୨୨ ବର୍ଷରେ ଏହା ଶୂନ୍ ହୋଇଯାଇଥିଲା । ଅନ୍ୟପକ୍ଷରେ, ଭାରତକୁ ରୁଷ ଅଶୋଧିତ ତୈଳ ଯୋଗାଣ ୨୦୧୧-୧୨ ରେ ଶୂନ ଥିଲା। ୨୦୨୨-୨୩ ରୁ ହଠାତ୍ ବୃଦ୍ଧି ପାଇ ଏହା ୩୧ ବିଲିୟନ ଡଲାରରୁ ଅଧିକ ଛୁଇଁଥିଲା। ପରବର୍ତ୍ତୀ ବର୍ଷ ୨୦୨୩-୨୪ରେ ଏହା ୪୬.୪୯ ବିଲିୟନ ଡଲାର ଓ ୨୦୨୪-୨୫ ରେ ଏହା ୫୦.୨୮ ବିଲିୟନ ଡଲାର ଅତିକ୍ରମ କରିଥିଲା।

# ଅଷ୍ଟ୍ରେଲିଆରେ ବାସନ ମାଜିଲେ ପାକିସ୍ତାନ ହକି ଖେଳାଳି

ସିଡ୍‌ନି,୧୮।୨: ଅଷ୍ଟ୍ରେଲିଆ ଗସ୍ତରେ ପାକିସ୍ତାନ ହକି ଦଳ ଘୋର ହଟହଟାର ସମ୍ମୁଖୀନ ହୋଇଛି। ଆର୍ଥିକ ସଙ୍କଟ ତଥା ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍)ର ଅଯୋଗ୍ୟ ପଣିଆ ପାଇଁ ଏହି ଦେଶର ଖେଳାଳିମାନେ ଘଣ୍ଟା ଘଣ୍ଟା ବିମାନ ବନ୍ଦରରେ ଅପେକ୍ଷା କରିବାକୁ ବାଧ ହୋଇଛନ୍ତି। ସେହିଭଳି ହୋଟେଲ ରୁମ୍ ବୁକ୍ ହୋଇ ନଥିବାରୁ କାନବେରାର ରାସ୍ତା କଡରେ ପାଖାପାଖି ଗୋଟିଏ ଓଳି ଅନାଥଙ୍କ ଭଳି ବସି ରହିଛନ୍ତି। ଭୋକ ଉପାସରେ ରହି ମ୍ୟାଚ୍ ଖେଳିବା ସହ ବାସନ ମାଜିବା, ରୋଷେଇ ଶାଳ ସଫା କରିବାକୁ ବି ପଡିଛି ସେମାନଙ୍କୁ। ଏହି ଘଟଣା ଏବେ ହକି ଦୁନିଆରେ ଆଲୋଡନ ସୃଷ୍ଟି କରିଛି। ପିଏଚ୍‌ଏଫ୍ ଅଧିକାରୀଙ୍କ ଏଭଳି ଆଚରଣକୁ କ୍ରୀଡାପ୍ରେମୀମାନେ ଛି ଛାକର କରୁଛନ୍ତି।

ସୂଚନା ଅନୁସାରେ ଅଷ୍ଟ୍ରେଲିଆ ବିପକ୍ଷରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍ ଖେଳିବାକୁ ପାକିସ୍ତାନ ହକି ଦଳ କିଛି ଦିନ ତଳେ ଲାହୋରରୁ ସିଡ୍‌ନିରେ ପହଞ୍ଚିଥିଲା। ଖେଳାଳିମାନେ ସିଡ୍‌ନି ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରେ ସେମାନଙ୍କୁ କେହି ବାସିରେ ପଚାରି ନଥିଲେ। ଖାଇବା ବ୍ୟବସ୍ଥା ବି ହୋଇ ନଥିଲା। ସିଡ୍‌ନିରୁ କାନବେରା ଯିବା ପୂର୍ବରୁ ସେମାନଙ୍କୁ ବିମାନ ବନ୍ଦରରେ ୧୩ରୁ ୧୪ ଘଣ୍ଟା କାଳ ଭୋକ ଉପାସରେ ବସିବାକୁ ପଡିଥିଲା। କାରଣ ପିଏଚ୍‌ଏଫ୍ ଏଥିଲାଗି କେଣସି ଆର୍ଥିକ ସହାୟତା କରି ନଥିଲା। କାନବେରା ପହଞ୍ଚି ପିଏଚ୍‌ଏଫ୍ କହିଥିବା ହୋଟେଲକୁ ଯିବା ବେଳକୁ ହୋଟେଲ



କର୍ତ୍ତୃପକ୍ଷ ସେମାନଙ୍କ ନାଁରେ କେଣସି ବୁକିଂ ନାହିଁ ବୋଲି କହିଥିଲେ। ଖେଳାଳିମାନେ ଅସହାୟ ହୋଇ ରାସ୍ତା କଡରେ ବସିଥିଲା ବେଳେ କିଛି ପ୍ରବାସୀ ପାକିସ୍ତାନୀ ଓ ଅଷ୍ଟ୍ରେଲିଆ ହକି ସଂଘର ଅଧିକାରୀଙ୍କ ପ୍ରୟାସ ପାଇଁ ଶେଷରେ ହୋଟେଲ ରୁମ୍ ମିଳିଥିଲା। ଗସ୍ତ ୧୩ ଦିନର ଥିଲା ବେଳେ ପିଏଚ୍‌ଏଫ୍ ମାତ୍ର ୧୦ ଦିନର ହୋଟେଲ ବୁକିଂ କରିଥିଲା। ଖେଳାଳିଙ୍କ ଖାଇବା ପିଇବାର କେଣସି ବ୍ୟବସ୍ଥା ମଧ କରି ନଥିଲା। ଏଣୁ ବୁଧବାର ସକାଳେ ଲାହୋର ଫେରିବା ପରେ ପାକିସ୍ତାନ ହକି ଦଳର ଅଧିନାୟକ ସକିଲ ଅହମ୍ମଦ ନିଜ ଦେଶର ହକି ମହାସଂଘକୁ କଡା ଭାଷାରେ ଭର୍ତ୍ସନା କରିଛନ୍ତି। କ୍ଷୋଭର ସହ କହିଛନ୍ତି, ସବୁ ମ୍ୟାଚ୍ ପୂର୍ବରୁ ଆମକୁ ନିଜ ବାସନ ନିଜକୁ ମାଜିବାକୁ ପଡୁଥିଲା। ରୋଷେଇ ଶାଳ ସଫା କରିବାକୁ ହେଉଥିଲା।

ହୋଟେଲରେ ଯେତିକି ଦିନ ରୁମ୍ ବୁକ୍ ହେବା କଥା ହୋଇ ନଥିଲା। ଆମକୁ ବହୁ ସମୟ ଅଷ୍ଟ୍ରେଲିଆ ରାଜରାସ୍ତାରେ ଏତେତେଣେ ବୁଲିବାକୁ ପଡିଥିଲା। ଏସବୁ ଅତ୍ୟନ୍ତ ଲଜ୍ଜାଜନକ କଥା। ଏଭଳି ଘୋର ଅବ୍ୟବସ୍ଥା ପାଇଁ ପିଏଚ୍‌ଏଫ୍ ଆମକୁ କ୍ଷମା ମାଗିବା ଉଚିତ। ଏମିତି ସ୍ଥିତିରେ ଖେଳିଲେ ମ୍ୟାଚ୍ କେମିତି ଜିତିବୁ ଆପଣମାନେ କୁହନ୍ତୁ। ପାକିସ୍ତାନ ମଧ ଏହି ଗସ୍ତର ସମସ୍ତ ମ୍ୟାଚ୍‌କୁ ଏକତରଫା ଭାବେ ହାରିଥିଲା। ଏସବୁ ଅସୁବିଧା ଓ ଲଜ୍ଜାକର ପରିସ୍ଥିତି ଲାଗି ପିଏଚ୍‌ଏଫ୍‌କୁ ଦାୟୀ କରିଛି ପାକିସ୍ତାନ କ୍ରୀଡା ବୋର୍ଡ। ପିଏଚ୍‌ଏଫ୍‌କୁ ଖେଳାଳିଙ୍କ ରହିବା, ଖାଇବା ଓ ଯାତାୟାତ ଲାଗି ୧ କୋଟି ଟଙ୍କା (ପାକିସ୍ତାନୀ) ଦିଆଯାଇଛି। ଏହା ସତ୍ତ୍ୱେ ଏଭଳି ସ୍ଥିତି କେମିତି ଉପୁଜିଲା ତା'ର ତଦନ୍ତ ହେବ ବୋଲି ବୋର୍ଡର ଜଣେ ଅଧିକାରୀ କହିଛନ୍ତି। ଖେଳାଳିମାନେ କିନ୍ତୁ ପରୋକ୍ଷରେ ଅଧିକାରୀଙ୍କ ବିରୋଧରେ ଅର୍ଥ ହଡପର ଅଭିଯୋଗ ଆଣିଛନ୍ତି।

## ୟୁଏଇକୁ ୬ ୱିକେଟ୍‌ରେ ହରାଇଲା ଦକ୍ଷିଣ ଆଫ୍ରିକା

ନୂଆଦିଲ୍ଲୀ: ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପରେ ଦକ୍ଷିଣ ଆଫ୍ରିକା ନିଜର ଶେଷ ଗ୍ରୁପ୍ ମ୍ୟାଚ୍‌ରେ ୟୁଏଇକୁ ୬ ୱିକେଟ୍‌ରେ ପରାସ୍ତ କରି ଅପରାଜେୟ ଦଳ ଭାବେ ସୁପର-୮ରେ ପ୍ରବେଶ କରିଛି। ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମ୍‌ରେ ବୁଧବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ୟୁଏଇ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ୍ ହରାଇ ୧୨୨ ରନ୍ କରିଥିଲା। ଦଳ ପକ୍ଷରୁ ଆଲିସାନ୍ ସରାଫୁ ୪୫ (୩୮ ବଲ୍) ଓ ମହମ୍ମଦ ୱାସିମ୍ ୨୨ ରନ୍ (୧୨ ବଲ୍) କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କର୍ବିନ୍ ବୋସ୍ ୧୨ ରନ ବ୍ୟୟ କରି ୩ଟି ୱିକେଟ୍ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୧୩.୨ ଓଭରରେ ୪ଟି ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଡେୱାଲ୍ଡ ଡେଭିସ୍ ୩୬ (୨୫ ବଲ୍), ରିୟାନ ରିକଲଟନ୍ ୩୦ (୧୬ ବଲ୍) ଓ ଏଡେନ ମାର୍କରାମ ୨୮ରନ୍ (୧୧ ବଲ୍) କରିଥିଲେ। ୟୁଏଇ ପକ୍ଷରୁ ହାଇଦର ଅଲ୍ଲି, ମହମ୍ମଦ ଅର୍ଫାନ୍, ମହମ୍ମଦ ଫାରୁକ୍ ଓ ମହମ୍ମଦ ଜୱାଦୁଲ୍ଲା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। କର୍ବିନ ବୋସ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

### ଇତିହାସ ରଚିଲା ଜମ୍ମୁ-କାଶ୍ମୀର

# ପ୍ରଥମ ଥର ରଣଜୀ ଟ୍ରଫି ଫାଇନାଲରେ

ନୂଆଦିଲ୍ଲୀ,୧୮।୨:ଇତିହାସ ରଚିଲା ଜମ୍ମୁ-କାଶ୍ମୀର। ୬୭ ବର୍ଷ ଇତିହାସରେ ପ୍ରଥମ ଥର ରଣଜୀ ଟ୍ରଫି ଫାଇନାଲରେ ପହଞ୍ଚିଲା ଦଳ। ବୁଧବାର ସେମି ଫାଇନାଲର ଚତୁର୍ଥ ଦିନରେ ଦୁଇ ଥରର ପୂର୍ବତନ ଚାମ୍ପିଅନ ପଶ୍ଚିମବଙ୍ଗକୁ ଛଅ ୱିକେଟରେ ହରାଇଛି। ପଶ୍ଚିମବଙ୍ଗ ଜମ୍ମୁ-କାଶ୍ମୀର ସାମ୍ନାରେ ୧୨୬ ରନ ବିଜୟ ଲକ୍ଷ୍ୟ ରଖିଥିଲା। ଯାହାକୁ ୩୪.୪ ଓଭରରେ ୪ ୱିକେଟ୍ ହରାଇ ହାସଲ କରି ନେଇଛି ଜମ୍ମୁ-କାଶ୍ମୀର। ଦଳ ପକ୍ଷରୁ ବଂଶଜ ଶର୍ମା ଅପରାଜିତ ୪୩ ରନ ଓ ଅବଦୁଲ ସାମଦ ଅପରାଜିତ ୩୦ ରନ କରି ଦଳକୁ ଜିତାଇଛନ୍ତି। ଏହା ପୂର୍ବରୁ ଦ୍ରୁତ ବୋଲର ଆକିବ ନବି ମ୍ୟାଚ୍‌ରେ ୯ ୱିକେଟ ନେଇ ଦଳ ବିଜୟରେ ପ୍ରମୁଖ ବିନ୍ଧାଣି ରହିଛନ୍ତି। ଏବେ ପ୍ରଥମ ରଣଜୀ ଟାଇଟଲଠୁ ଗୋଟିଏ ପାଦ ଦୂରରେ ଜମ୍ମୁ-କାଶ୍ମୀର। ଜମ୍ମୁ-କାଶ୍ମୀର ପ୍ରଥମ ଥର ୧୯୫୯-୬୦ ସିଜିନରେ ରଣଜୀ ଟ୍ରଫିରେ ଅଂଶଗ୍ରହଣ କରିଥିଲା। ତେବେଠୁ ନେଇ ଆଜି ପର୍ଯ୍ୟନ୍ତ ଦଳ କେବେ ଟାଇଟଲ ଜିତିବା ପାଇଁ ଦାବିଦାର ନ ଥିଲା। ଜମ୍ମୁ-କାଶ୍ମୀର ଏହି ସିଜିନ ପୂର୍ବରୁ ୩୩୪ ମ୍ୟାଚ୍ ଖେଳିଥିଲା। ଏଥିରୁ ଦଳ କେବଳ ୪୫ ମ୍ୟାଚ୍ ଜିତିଥିଲା। ନିଜର ପ୍ରଥମ ରଣଜୀ ମ୍ୟାଚ୍ ଜିତିବା ପାଇଁ ଦଳକୁ ୪୪ ବର୍ଷ ଲାଗିଥିଲା।

ଦଳ ନକଆଉଟରେ ସହଜରେ କେବେ ପହଞ୍ଚି ପାରି ନ ଥିଲା। ମାତ୍ର ୨୦୨୩-୧୪ରେ ଦଳ ବଡ ସଫଳତା ହାସଲ କରିଥିଲା। ନେଟ୍ ରନ ରେଟ୍ ଆଧାରରେ ଗୋଆକୁ ପଛରେ ପକାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲା। ୨୦୧୫-୧୬ରେ ପରଭେଜ ରସୁଲଙ୍କ ନେତୃତ୍ୱରେ ୱାଙ୍ଖେଡେ ଷ୍ଟାଡିୟମରେ ମୁମ୍ବାଇକୁ ହରାଇ ନିଜର ସବୁଠୁ ବଡ ବିଜୟ ହାସଲ କରିଥିଲା ଜମ୍ମୁ-କାଶ୍ମୀର।



ତେବେ ଚଳିତ ସିଜିନରେ ଜମ୍ମୁ-କାଶ୍ମୀରରେ କୌଣସି ଷ୍ଟାର ଖେଳାଳି ନ ଥିଲେ। କିନ୍ତୁ ପଶ୍ଚିମବଙ୍ଗରେ ଥିଲେ ମହମ୍ମଦ ଶାମି, ଆକାଶ ଦୀପ, ମୁକେଶ କୁମାର ଓ ଶାହବାଜ ଅହମ୍ମଦଙ୍କ ପରି ଚାରି ଅନ୍ତର୍ଜାତୀୟ ଖେଳାଳି। ପୁଣି ବ୍ୟାଟର ଭାବେ ଥିଲେ ଅଭିମନ୍ୟୁ ଈଶ୍ୱରନ। ଏହା ବ୍ୟତୀତ ବଙ୍ଗାଳକୁ ଘରୋଇ ମଇଦାନରେ ଖେଳିବାର ଫାଇଦା ବି ମିଳୁଥିଲା। ମାତ୍ର ଜମ୍ମୁ-କାଶ୍ମୀର ଦମଦାର ପ୍ରଦର୍ଶନ କରି ବଙ୍ଗାଳକୁ ହରାଇଛି। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ ପ୍ରଥମ ଇନିଂସରେ ୩୨୮ ରନ କରିଥିଲା। ଜବାବରେ ଜମ୍ମୁ-କାଶ୍ମୀର ୩୦୨ ରନ କରି ପାରିଥିଲା। ୨୬ ରନରେ ଆଗୁଆ ଥିଲେ ମଧ ପଶ୍ଚିମବଙ୍ଗ ଦ୍ୱିତୀୟ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟ ଭୋଗି ୯୯ ରନରେ ଅଲଆଉଟ୍ ହୋଇଥିଲା। ଏହା ପରେ ଜମ୍ମୁ-କାଶ୍ମୀର ୪ ୱିକେଟ ହରାଇ ମ୍ୟାଚ୍ ଜିତି ନେଇଛି।

# ପଥିରଣା ବିଶ୍ୱକପ୍‌ର ଅବଶିଷ୍ଟ ମ୍ୟାଚ୍‌ରୁ ବାଦ

କଲମ୍ବୋ: ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟ ପୂର୍ବରୁ ସହଆୟୋଜକ ଶ୍ରୀଲଙ୍କାକୁ ଲାଗିଛି ଜବରଦସ୍ତ ଝଟକା। ଅଷ୍ଟ୍ରେଲିଆ ବିପକ୍ଷ ଶେଷ ଲିଗ୍ ମ୍ୟାଚ୍ ଅବସରରେ ନଳିଗୋଡରେ ଆଘାତ ଲାଗିଥିବାରୁ ଦ୍ରୁତ ବୋଲର ମଥିସା ପଥିରଣା ବିଶ୍ୱକପ୍‌ର ଅବଶିଷ୍ଟ ମ୍ୟାଚ୍‌ରୁ ବାଦ୍ ପଡିଛନ୍ତି। ଶ୍ରୀଲଙ୍କା କ୍ରିକେଟ୍ ଦଳର ବ୍ୟାଟିଂ ପରାମର୍ଶଦାତା ବିକ୍ରମ ରାଠୋର ବୁଧବାରର ଏକ ସାମ୍ବାଦିକ ସମ୍ମିଳନୀ ଅବସରରେ ଏହି ସୂଚନା ଦେଇଛନ୍ତି। ପାଲେକେଲରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ପଥିରଣା ମାତ୍ର ୪ଟି ବଲ୍ ବୋଲିଂ କରିବା ପରେ ନଳିଗୋଡ ମାଂଶପେସୀରେ ଭୀଷଣ ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ଗୋଡକୁ ଟେକି ଧରି ତଳେ ପଡି ଯାଇଥିଲେ। ଫିଜିଓ ତୁରନ୍ତ ପଡିଆ ଭିତରେ ତାଙ୍କର ଚିକିତ୍ସା କରିଥିଲେ। ହେଲେ ସେ ଠିକ୍ ହୋଇ ନଥିଲେ। ଫଳରେ ଫିଜିଓଙ୍କ ସହାୟତାରେ ଛୋଟେଇ ଛୋଟେଇ ପଡିଆ ବାହାରକୁ ଯିବାକୁ ବାଧ ହୋଇଥିଲେ। ଦସୁନ ସନକା ତାଙ୍କ



ଅସପୂର୍ଣ୍ଣ ଓଭରକୁ ପୂର୍ଣ୍ଣ କରିଥିଲେ। ମ୍ୟାଚ୍ ପରେ ତାଙ୍କ ଫିଟନେସ୍‌ର ଆକଳନ କରାଯାଇଥିଲା। ପୂରା ଠିକ୍ ହେବା ଲାଗି ତାଙ୍କୁ ଦୁଇରୁ ତିନି ସପ୍ତାହ ଲାଗିବ ବୋଲି ଜଣାପଡିଥିଲା। ଖୁବ୍‌ଶୀଘ୍ର ଆଇସିସିଠାରୁ ଅନୁମତି ନେଇ ତାଙ୍କ ବଦଳ ଖେଳାଳିଙ୍କ ନାଁ ଘୋଷଣା କରାଯିବ ବୋଲି କହିଛି ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ।

## ପୁଣି ଓଡ଼ିଶା ଏଫସିର ଘରୋଇ ପଡ଼ିଆ ହେଲା କଳିଙ୍ଗ ଷ୍ଟାଡିୟମ୍

ଭୁବନେଶ୍ୱର: ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସଏଲ୍)ର ୨୦୨୫-୨୬ ଋତୁପାଇଁ କଳିଙ୍ଗ ଷ୍ଟାଡିୟମ୍ ଓଡ଼ିଶା ଏଫସିର ଘରୋଇ ପଡ଼ିଆ ବା ହୋମ୍ ଭେନ୍ୟୁ ରହିବ। ଏ ନେଇ କ୍ଲବ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପୂର୍ବରୁ ଓଡ଼ିଶା ସରକାରଙ୍କ ସହ ହୋଇଥିବା ଚୁକ୍ତି ଅନୁସାରେ କଳିଙ୍ଗ ଷ୍ଟାଡିୟମ୍ ବିଗତ କିଛି ବର୍ଷ ହେଲା ଓଡ଼ିଶା ଏଫସିର ଘରୋଇ ପଡ଼ିଆ ରହିଆସିଥିଲା। କିନ୍ତୁ ଗତ ବର୍ଷ ଏହି ଚୁକ୍ତିର ମିଆଦ ଶେଷ ହେବା ପରେ ୨୦୨୫-୨୬ ଋତୁକୁ ନେଇ ଅନିଶ୍ଚିତତା ଜାରି ରହିଥିଲା ଓ କ୍ଲବ ନିଜର କେତେକ କାର୍ଯ୍ୟକଳାପ ବନ୍ଦ କରିଥିଲା। ଘରୋଇ ପଡ଼ିଆ ନଥିବାରୁ ଫେବ୍ରୁଆରି ୧୬ରେ ହେବାକୁ ଥିବା ପଞ୍ଜାବ ଏଫସି ବିପକ୍ଷରେ ଓଡ଼ିଶା ଏଫସିର ପ୍ରଥମ ମ୍ୟାଚ୍ ମଧ ସ୍ଥଗିତ ରହିଥିଲା। କିନ୍ତୁ ଏବେ ପୁଣି ଥରେ କଳିଙ୍ଗ ଷ୍ଟାଡିୟମ୍‌କୁ ନେଇ ଓଡ଼ିଶା ସରକାର ଓ ଓଡ଼ିଶା ଏଫସି ମଧ୍ୟରେ ବୁଝାମଣା ହୋଇଥିବା ସୂଚନା ମିଳିଛି। ଏହା ପରେ ବୁଧବାରଠାରୁ ଖେଳାଳିମାନେ ତାଲିମ ପାଇଁ ପହଞ୍ଚିଛନ୍ତି। ଓଡ଼ିଶା ଏଫସି ଆସନ୍ତା ୨୪ ତାରିଖରେ ନିଜର ପ୍ରଥମ ମ୍ୟାଚ୍ ଇଷ୍ଟର କାଶୀ ଏଫ୍‌ସି ବିପକ୍ଷରେ ଖେଳିବ।

# ଶେଷ ଦଳ ଭାବେ ସୁପର ୮ରେ ପାକିସ୍ତାନ

କଲମ୍ବୋ,୧୮।୨: ଭାରତ ଠାରୁ ଏକତରଫା ପରାଜୟ ପରେ ବାଉନ୍ସ ବ୍ୟାକ କରିଛି ପାକିସ୍ତାନ। ଆଜି ଦଳ ଅପେକ୍ଷାକୃତ ଦୁର୍ବଳ ନାମିବିୟାକୁ ପରାସ୍ତ କରି ଚଳିତ ଟି-୨୦ ବିଶ୍ୱକର ସୁପର ୮ରେ ଶେଷ ଦଳ ଭାବେ ନିଜର ସ୍ଥାନ ପକ୍କା କରିଛି।

ଓପନର ଶାହିବାଜାଦା ଫରହାନଙ୍କ ମେଡେନ ଟି-୨୦ ଶତକ ବଳରେ ପାକିସ୍ତାନ ୧୦୨ରେ ରନରେ ନାମିବିୟାକୁ ହରାଇ ଦେଇଛି। ୫୮ ବଲରେ ଅପରାଜିତ ୧୦୦ ରନର ଇନିଂସ ଖେଳିଥିବା ଶାହିବଜାଦା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ ଜିତିଛନ୍ତି।

ଭାରତ ଠାରୁ ୬୧ ରନରେ ହାରିବା ପରେ ପାକିସ୍ତାନ ପାଇଁ ଆଜିର ମ୍ୟାଚ୍ କର ବା ମର ପରିସ୍ଥିତି ସୃଷ୍ଟି କରିଥିଲା। ହେଲେ ପାକିସ୍ତାନ ୨୦୨୪ ଭଳି ସ୍ଥିତି ପୁଣି ସାମ୍ନା କରିବା ମୁଡରେ ନଥିଲା। ଆଜି ଦଳ ଦମଦାର ପ୍ରଦର୍ଶନ କରି ୧୦୨ରେ ନାମିବିୟାକୁ ହରାଇ ଦେଇଛି।

୨୦୨୪ ଟି-୨୦ ବିଶ୍ୱକପରେ ପାକିସ୍ତାନ ଗ୍ରୁପ ପର୍ଯ୍ୟାୟରେ ଆମେରିକା ଠାରୁ ପରାସ୍ତ ହୋଇ ସୁପର ୮କୁ ଯୋଗ୍ୟତା ଅର୍ଜନ କରି ପାରି ନଥିଲା। ଏଥର ଆମେରିକା ସୁପର ୮ରେ ପ୍ରବେଶ କରିବାର ସୁଯୋଗ



ଥିଲା। କିନ୍ତୁ ନାମିବିୟା ହାରି ଯିବାରୁ ଆମେରିକାର ସବୁ ଆଶାରେ ପାଣି ପଡି ଯାଇଛି।

ଆଜି କର ବା ମର ମ୍ୟାଚ୍‌ରେ ପାକିସ୍ତାନର ଅଧିନାୟକ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଏହାକୁ ସଠିକ ସାବ୍ୟସ୍ତ କରି ଫରହାନ ଦମଦାର ବ୍ୟାଟିଂ କରିଥିଲେ। ତାଙ୍କର ଶତକ ଓ ଶେଷ ଭାଗରେ ଶାଦାବ ଖାନଙ୍କ ବିସ୍ଫୋରକ ୩୬ ରନ ବଳରେ ପାକିସ୍ତାନ ୩ ୱିକେଟ ହରାଇ ୧୯୯ ରନ କରିଥିଲା। ଏହାପରେ ବାକି କାମ ପାକିସ୍ତାନୀ ସ୍ପିନର କରିଥିଲେ। ନାମିବିୟାର କୌଣସି ବ୍ୟାଟର ପାକିସ୍ତାନୀ ସ୍ପିନରଙ୍କ ସମକକ୍ଷ ହୋଇ ପାରି ନଥିଲେ। ଶେଷରେ ନାମିବିୟା ୯୮ ରନରେ ଅଲଆଉଟ ହୋଇଯାଇଥିଲା।

ମିଷ୍ଟ୍ରି ସ୍ପିନର ଉସମାନ ଖାନ ସର୍ବାଧିକ ୪ଟି ୱିକେଟ ନେଇଥିବା ବେଳେ ଶାଦାବ ୩ଟି ସଫଳତା ପାଇଛନ୍ତି। ସେହିପରି ଶାହୀନ ଆଫ୍ରିଦିଙ୍କ ବଦଳରେ ଖେଳୁଥିବା ସଲମାନ ମିର୍ଜା ଓ ଅଭିଜ୍ଞ ମହମ୍ମଦ ନୱାଜ ଗୋଟିଏ ଲେଖାଏ ୱିକେଟ ପାଇଛନ୍ତି। ଗୋଟିଏ ୱିକେଟ ପାକିସ୍ତାନକୁ ରନ ଆଉଟରୁ ମିଳିଛି। ପାକିସ୍ତାନ ଏବେ ସୁପର ୮ରେ ପ୍ରବେଶ କରିବା ସହ ଗ୍ରୁପ ବି'ରେ ରହିଛି। ଏହି ଗ୍ରୁପରେ ଦଳର ସାମ୍ନା ଇଂଲଣ୍ଡ, ଶ୍ରୀଲଙ୍କା ଓ ନ୍ୟୁଜିଲ୍ୟାଣ୍ଡ ସହ ହେବ। ଗ୍ରୁପ ବିର ସମସ୍ତ ସୁପର ୮ ମ୍ୟାଚ୍ ଶ୍ରୀଲଙ୍କାରେ ହିଁ ଖେଳାଯିବ।

## 'ପ୍ରକୃତ ହିରୋ'ଙ୍କ ନାଁ କହିଲେ ମୋହଶୀନ ନକବୀ

ନୂଆଦିଲ୍ଲୀ,୧୮।୨: ଫେବୃଆରୀ ୧୫ ଭାରତ-ପାକିସ୍ତାନ ଟି-୨୦ ବିଶ୍ୱକପ ମ୍ୟାଚ୍ ବେଳେ କଲମ୍ବୋର ଆର ପ୍ରେମଦାସା ଷ୍ଟାଡିୟମରେ ଉପସ୍ଥିତ ରହିଥିଲେ ପାକିସ୍ତାନ କ୍ରିକେଟ ବୋର୍ଡ ବା ପିସିବି ଅଧକ୍ଷ ମୋହଶୀନ ନକବୀ। ମ୍ୟାଚ୍ ପୂର୍ବରୁ ପାକିସ୍ତାନ ବୟକଟ ଡ୍ରାମା କରୁଥିବା ବେଳେ ଠିକଣା ସମୟରେ ଭାରତ ସହ ମ୍ୟାଚ୍ ଖେଳିଥିଲେ। ଫେବୃଆରୀ ୯ରେ ପାକିସ୍ତାନ ବୟକଟ ନିଷ୍ପତ୍ତିରେ ୟୁ-ଟର୍ଣ୍ଣ ନେଇଥିଲା।

ପାକିସ୍ତାନ ୟୁ-ଟର୍ଣ୍ଣ ନେବା ପୂର୍ବରୁ ବାଂଲାଦେଶ କ୍ରିକେଟ ବୋର୍ଡ ବା ବିସିବି ଅଧକ୍ଷ ଅମିନୁଲ ଇସଲାମ ବୁଲବୁଲ ପାକିସ୍ତାନକୁ ଫେବୃଆରୀ ୧୫ରେ ଭାରତ ବିପକ୍ଷ ମ୍ୟାଚ୍ ଖେଳିବାକୁ ଅନୁରୋଧ କରିଥିଲେ। ଶ୍ରୀଲଙ୍କାର ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକେ ମଧ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ସହ କଥା ହୋଇଥିଲେ। ଫେବୃଆରୀ ୧୫ରେ ପାକିସ୍ତାନ ମ୍ୟାଚ୍ ଖେଳିଥିଲେ ହେଁ ଭାରତ ଠାରୁ ହାରିଥିଲା। ଏହାପରେ ମୋହଶୀନ ନକବୀ ଶ୍ରୀଲଙ୍କାର ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକେଙ୍କ ସହ ଗୋଟିଏ ବୈଠକ କରିଥିଲେ। ଏହି ସମୟରେ ପାକିସ୍ତାନ ୟୁ-ଟର୍ଣ୍ଣ ନେବା ପଛର ଅସଲ ହିରୋଙ୍କ ନାଁ ମଧ ସେ ଘୋଷଣା କରିଛନ୍ତି। ବୈଠକରେ ନକବୀ କହିଛନ୍ତି, "ପ୍ରଥମତଃ ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲୀ ଜରଦାରୀ ଓ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ପକ୍ଷରୁ ଆପଣଙ୍କୁ ଶୁଭେଚ୍ଛା। ସେମାନେ ସ୍ୱତନ୍ତ୍ର ଭାବେ ନିଜର ବାର୍ତ୍ତା ଆପଣଙ୍କ ପାଖରେ ପହଞ୍ଚାଇବାକୁ ମୋତେ କହିଛନ୍ତି। ବାସ୍ତବରେ ରବିବାର ମ୍ୟାଚ୍‌ର ପ୍ରକୃତ ହିରୋ ହେଉଛନ୍ତି ଆପଣ। କାରଣ ଆପଣଙ୍କ ପାଇଁ ୨ ବିଲିୟନ ଲୋକଙ୍କ ମନୋରଞ୍ଜନ ହୋଇପାରିଛି। କେବଳ ଆପଣଙ୍କ ପାଇଁ ହିଁ ଆମେ ରବିବାର ମ୍ୟାଚ୍ ଖେଳିଥିଲୁ। ଭାରତ ସହ ଖେଳିବାରେ ଆମର ଅନେକ ସମସ୍ୟା ରହିଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ(ଶରିଫ) ଆପଣଙ୍କ କଲ ପାଇବା ମାତ୍ରେ ମୋତେ ଖବର ପଠାଇଥିଲେ। ଏହି ସମୟରେ ସେ ମୋତେ କହିଥିଲେ ଯେ 'ଆଉ କୌଣସି ସମସ୍ୟା ନାହିଁ। ଆପଣମାନଙ୍କୁ ମ୍ୟାଚ୍ ଖେଳିବାକୁ ପଡିବ।

# ଭାରତ ବାହାରକୁ ଯିବ ଆଗାମୀ ବିଶ୍ୱକପ ଓ ଚାମ୍ପିୟନ୍ସ ଟ୍ରଫି !

ନୂଆଦିଲ୍ଲୀ,୧୮।୨: ଭାରତ ଓ ପାକିସ୍ତାନ ମଧ୍ୟରେ ଲାଗିଥିବା ତିକ୍ତତା କାରଣରୁ ବଡ ପଦକ୍ଷେପ ନେବା ମୁଡରେ ରହିଛି ଆଇସିସି। ଭବିଷ୍ୟତରେ ଖେଳା ଯିବକୁ ଥିବା ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟକୁ ଆଇସିସି ଭାରତ ବାହାରେ ଆୟୋଜନ କରିବାକୁ ଚିନ୍ତା କରୁଛନ୍ତି। ଏନେଇ ଅଷ୍ଟ୍ରେଲିଆର ଦ ଏଜ ରିପୋର୍ଟ ପ୍ରକାଶ କରିଛି।

ଉକ୍ତ ଗଣମାଧ୍ୟମର ରିପୋର୍ଟରେ ଦାବି କରାଯାଇଛି ଯେ ୨୦୨୯ ଚାମ୍ପିୟନ୍ସ ଟ୍ରଫି ଓ ୨୦୩୧ ଦିନିକିଆ ବିଶ୍ୱକପକୁ ଭାରତରୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଚିନ୍ତା କରୁଛି ଆଇସିସି। ଭାରତ ପକ୍ଷରୁ ପାକିସ୍ତାନ ଓ ପାକିସ୍ତାନ ପକ୍ଷରୁ ଭାରତରେ ଖେଳିବାକୁ ମନା କରାଯାଉଥିବାରୁ ଆଇସିସି ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛି। ବିଶେଷ କରି ଲଜିଷ୍ଟିକ ସମସ୍ୟାର ସାମ୍ନାକୁ କରୁଛି ଆଇସିସି। ଏଥିପାଇଁ ୨୦୨୯ ଚାମ୍ପିୟନ୍ସ ଟ୍ରଫି ଓ ୨୦୩୧ ଦିନିକିଆ ବିଶ୍ୱକପ ଭାରତ ବାହାରକୁ ନେବାକୁ ବିଚାର କରୁଛି।

୨୦୧୫ରେ ଦିନିକିଆ ବିଶ୍ୱକପ ଓ ୨୦୨୨ ଟି-



୨୦ ବିଶ୍ୱକପ ଆୟୋଜନ ଅଷ୍ଟ୍ରେଲିଆ ସଫଳତାର ସହ କରିଥିଲା। ତେଣୁ ଭାରତ ବଦଳରେ ଅଷ୍ଟ୍ରେଲିଆକୁ ୨୦୨୯ ଚାମ୍ପିୟନ୍ସ ଟ୍ରଫି ଓ ୨୦୩୧ ଦିନିକିଆ ବିଶ୍ୱକପ ଆୟୋଜନ ଅଧିକାର ଦେଇପାରେ ଆଇସିସି। କିନ୍ତୁ ଏନେଇ ଏଯାଏ କୌଣସି ବିଧିବଦ୍ଧ ନିଷ୍ପତ୍ତି ଏଯାଏ ହୋଇନି।

ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଭାରତ ଓ ପାକିସ୍ତାନ ପରସ୍ପରର ଦେଶକୁ ଗସ୍ତ କରିବେ ନାହିଁ ବୋଲି ଆଇସିସି ସହ ଡିଲ କରିଛନ୍ତି। ୨୦୨୫ ଚାମ୍ପିୟନ୍ସ ଟ୍ରଫି ଖେଳିବାକୁ ଭାରତୀୟ ଟିମ ପାକିସ୍ତାନ ଯିବାକୁ ମନା କରିଥିଲା। ଏହି ସମୟରେ ୨୦୨୭ ଉଭୟ ଦେଶ କୌଣସି ମ୍ୟାଚ୍ ଖେଳିବାକୁ ପରସ୍ପରର ଦେଶକୁ ଯିବେ ନାହିଁ ବୋଲି ଡିଲ ହୋଇଥିଲା। ଏବେ ବି ଦୁଇ ଦେଶ ମଧ୍ୟରେ ବିବାଦ ଚାଲିଥିବାରୁ ଏହି ସମୟସୀମା ଆହୁରି ବୃଦ୍ଧି କରିବା ମୁଡରେ ରହିଛି ଆଇସିସି।

ଏପ୍ରିଲ ୨୨ ପହଲଗାମ ନରସଂହାର ଯୋଗୁ ଏସିଆ କପ ବେଳେ ଭାରତୀୟ କ୍ରିକେଟ ଟିମ ପାକିସ୍ତାନ ଖେଳାଳିଙ୍କ ସହ ପାରମ୍ପରିକ ଭାବେ ହାତ ମିଳାଇ ନଥିଲା। ମ୍ୟାଚ୍ ପରେ ପାକିସ୍ତାନ ଖେଳାଳି ହାତ ମିଳାଇବାକୁ ଅପେକ୍ଷା କରିଥିଲେ ହେଁ ସୂର୍ଯ୍ୟ କୁମାର ଯାଦବ କିମ୍ବା ଭାରତର କୌଣସି କ୍ରିକେଟର ହାତ ମିଳାଇ ନଥିଲେ। ଏହାକୁ ନେଇ ବେଶ ବିବାଦ ଦେଖାଯାଇଥିଲା। ସେହିପରି ଏସିଆ କପ ଜିତିବା ପରେ ମଧ ଭାରତୀୟ ଖେଳାଳି ପାକିସ୍ତାନ କ୍ରିକେଟ ବୋର୍ଡ ମୁଖ୍ୟ ମୋହଶୀନ ନକଭୀଙ୍କ ଠାରୁ ଟ୍ରଫି ଗ୍ରହଣ କରି ନଥିଲେ। ଏହାର ପ୍ରଭାବ ଫେବୃଆରୀ ୧୫ ତାରିଖ ବିଶ୍ୱକପ ବେଳେ ମଧ ଦେଖିବାକୁ ମିଳିଥିଲା। ଦୁଇ ଦେଶର ଖେଳାଳି ପୁଣି ପରସ୍ପର ସହ ହାତ ମିଳାଇ ନଥିଲେ। ଏହାକୁ ନେଇ ବିବାଦ ଘନେଇବାରେ ଲାଗିଛି।

# ଭାରତର ୩ ମ୍ୟାଚ୍ ଚୂଡ଼ାନ୍ତ

ନୂଆଦିଲ୍ଲୀ,୧୮।୨: ଟି୨୦ ବିଶ୍ୱକପରେ ଟିମ ଇଣ୍ଡିଆ ତା'ର ଶେଷ ଲିଗ ମ୍ୟାଚ୍ ଖେଳିବ। ଭାରତୀୟ ଦଳ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଅପରାଜିତ ରହିଛି। ଟିମ ଇଣ୍ଡିଆ ସୁପର ୮ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛି। ସୁପର ୮ ପର୍ଯ୍ୟାୟରେ ଭାରତ ଏବେ ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ ଏବଂ ଜିମ୍ବାୱେ ସହିତ ମୁକାବିଲା କରିବ। ୨୦୨୬ ଟି୨୦ ବିଶ୍ୱକପର ସୁପର ୮ ପର୍ଯ୍ୟାୟରେ ଭାରତ କେବେ ଏବଂ କାହା ବିପକ୍ଷରେ ଖେଳିବ ତାହା ଜାଣନ୍ତୁ। ୨୦୨୬ ଟି୨୦ ବିଶ୍ୱକପର ସୁପର ୮ ପର୍ଯ୍ୟାୟ ପାଇଁ ୭ଟି ଦଳ ପୂର୍ବରୁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଏଥିରେ ଭାରତ, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ନ୍ୟୁଜିଲାଣ୍ଡ ଏବଂ ଜିମ୍ବାୱେ ଅନ୍ତର୍ଭୁକ୍ତ। ବୁଧବାର ପାକିସ୍ତାନ ନାମ୍ବିଆକୁ ଭେଟିବ। ଏହା ଏକ ଲିଗ ପର୍ଯ୍ୟାୟ ମ୍ୟାଚ୍, କିନ୍ତୁ ଏହା ପାକିସ୍ତାନୀ ଦଳ ପାଇଁ ନକଆଉଟ ପ୍ରତିନିଧିତ୍ୱ କରେ। ଯଦି ପାକିସ୍ତାନ ଆଜି ହାରିଯାଏ, ତେବେ ସେମାନେ ଟୁର୍ନାମେଣ୍ଟରୁ ବାଦ ପଡ଼ିବେ। ଯଦି ସେମାନେ ଜିତନ୍ତି, ତେବେ ସେମାନେ ସୁପର ୮ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରିବେ। ସୁପର ୮ ପର୍ଯ୍ୟାୟରେ ଭାରତର ମ୍ୟାଚ୍, ସ୍ଥାନ ଏବଂ ମ୍ୟାଚ୍ ସମୟ-ଫେବୃଆରୀ ୨୨ – ଭାରତ ବନାମ ଦକ୍ଷିଣ ଆଫ୍ରିକା – ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ – ସନ୍ଧ୍ୟା ୭ଟା। ଫେବୃଆରୀ ୨୬ – ଭାରତ ବନାମ ଜିମ୍ବାୱେ – ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମ୍‌ରେ – ସନ୍ଧ୍ୟା ୭ଟା। ମାର୍ଚ୍ଚ ୧ – ଭାରତ ବନାମ ୱେଷ୍ଟଇଣ୍ଡିଜ – କୋଲକାତାର ଇଡେନ ଗାର୍ଡେନ୍ସ ଷ୍ଟାଡିୟମ୍‌ରେ – ସନ୍ଧ୍ୟା ୭ଟା। ଟିମ ଇଣ୍ଡିଆ ଏହାର ସମସ୍ତ ତିନୋଟି ମ୍ୟାଚ୍ ଘରେ ଖେଳିବ। ଆପଣ ଭାରତର ମ୍ୟାଚ୍‌ଗୁଡ଼ିକ ଷ୍ଟାର ସ୍ପୋର୍ଟସ ନେଟୱାର୍କ ଚ୍ୟାନେଲ୍‌ରେ ସିଧା ଦେଖିପାରିବେ। ମୋବାଇଲରେ ମ୍ୟାଚ୍‌ଗୁଡ଼ିକ ସିଧା ପ୍ରଦର୍ଶିତ ହେବ। ୨୦୨୬ ଟି୨୦ ବିଶ୍ୱକପର ପ୍ରଥମ ସେମିଫାଇନାଲ ୪ ମାର୍ଚ୍ଚରେ ଖେଳାଯିବ। ସ୍ଥାନ ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ, କାରଣ ଯଦି ପାକିସ୍ତାନ ସେମିଫାଇନାଲକୁ ଉନ୍ନୀତ ହୁଏ, ତେବେ ସେଗୁଡ଼ିକ ଶ୍ରୀଲଙ୍କାରେ ଖେଳାଯିବ। ପାକିସ୍ତାନ ଯଦି ଯୋଗ୍ୟତା ଅର୍ଜନ କରେ, ତେବେ ୪ ମାର୍ଚ୍ଚରେ ତାହାର ସେମିଫାଇନାଲ ଖେଳିବ। ଦ୍ୱିତୀୟ ସେମିଫାଇନାଲ ୫ ମାର୍ଚ୍ଚରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବ। ୨୦୨୬ ଟି୨୦ ବିଶ୍ୱକପର ଫାଇନାଲ ୮ ମାର୍ଚ୍ଚରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଯଦି ପାକିସ୍ତାନ ଫାଇନାଲରେ ପହଞ୍ଚିଥାଏ, ତେବେ ଟାଇଟଲ ମ୍ୟାଚ୍ ମଧ ଶ୍ରୀଲଙ୍କାରେ ଖେଳାଯିବ।

# ର୍‌ୟାଙ୍କିଙ୍ଗରେ କିଷାନଙ୍କ ଲମ୍ଫା ଡେଇଁ

ନୂଆଦିଲ୍ଲୀ,୧୮।୨: ଓଡ଼ିଆଇ ଟି-୨୦ ରାଙ୍କିଙ୍ଗ ପ୍ରକାଶ ପାଇଛି। ଏଥିରେ ପ୍ରଭାବଶାଳୀ ପ୍ରଦର୍ଶନ କରିଥିବା ଇଶାନ କିଷାନଙ୍କ ତାଙ୍କୁ ଶ୍ରେଷ୍ଠ ୧୦ରେ ସ୍ଥାନ ମିଳିଛି। ସେ ୧୭ ବ୍ୟାଟସମ୍ୟାନଙ୍କୁ ପଛରେ ପକାଇ ୮ ନମ୍ବର ସ୍ଥାନରେ ପହଞ୍ଚିଛନ୍ତି। ଟି-୨୦ ବିଶ୍ୱକପରେ ଏପର୍ଯ୍ୟନ୍ତ ଖାତା ଖୋଲି ନ ଥିବା ଅଭିଷେକ ଶର୍ମା ବିଶ୍ୱର ନମ୍ବର ୧ ବ୍ୟାଟସମ୍ୟାନ ରହିଛନ୍ତି। ଅଭିଷେକ ଆମେରିକା ଏବଂ ଆମେରିକା ବିପକ୍ଷରେ ୦ ରନ କରି ଆଉଟ ହୋଇଥିଲେ। ସଦ୍ୟତମ ଓଡ଼ିଆଇ ଟି-୨୦ ରାଙ୍କିଙ୍ଗରେ, ଅଭିଷେକ ଶର୍ମା ୮୯୧ ରେଟିଂ ପଏଣ୍ଟ ସହିତ ନମ୍ବର ୧ରେ ରହିଛନ୍ତି। ଫିଲ ସଲ୍ଟ ନମ୍ବର ୨ରେ ଅଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ଚମତ୍କାର ଶତକ ହାସଲ କରିଥିବା ପାଥୁମ ନିଶାଙ୍କା ତିନି ଜଣ ବ୍ୟାଟ୍ସମ୍ୟାନଙ୍କୁ ପଛରେ ପକାଇ ନମ୍ବର ୩ରେ ପହଞ୍ଚିଛନ୍ତି। ତିଲକ ବର୍ମା ନମ୍ବର ୪ରେ ଅଛନ୍ତି। ପାକିସ୍ତାନର ସାହିବଜାଦା ଫରହାଦ ଦୁଇ ସ୍ଥାନ ଖସି ୫ ନମ୍ବରକୁ ଯାଇଛନ୍ତି। ସୂର୍ଯ୍ୟକୁମାର ଯାଦବ ନମ୍ବର ୬ରେ ଅଛନ୍ତି। ଜସ ବଟଲର୍ ତିନି ସ୍ଥାନ ଖସି ୭ ନମ୍ବରକୁ ଯାଇଛନ୍ତି। ଇଶାନ କିଶାନ ନମ୍ବର ୮ରେ ଅଛନ୍ତି। ନ୍ୟୁଜିଲାଣ୍ଡର ଟିମ ସେଫର୍ଟ ୯ମ ଏବଂ ଟ୍ରାଭିସ ହେଡ ୧୦ମ ସ୍ଥାନରେ ଅଛନ୍ତି। ବୋଲରଙ୍କ ରାଙ୍କିଂରେ ବରୁଣ ଚକ୍ରବର୍ତ୍ତୀ ନମ୍ବର ୧ରେ ରହିଛନ୍ତି। ରଶିଦ ଖାନ ଗୋଟିଏ ସ୍ଥାନ ଡେଇଁ ଦ୍ୱିତୀୟରେ ପହଞ୍ଚିଛନ୍ତି। ଅବରାର ଅହମ୍ମଦ ତୃତୀୟରେ ଅଛନ୍ତି। ଆଦିଲ ରଶିଦ ଚତୁର୍ଥ ସ୍ଥାନରେ ଅଛନ୍ତି ଏବଂ ଜିମ୍ବାୱେ ବୋଲର ବ୍ରାଡ ଇଭାନ୍ସ ୧୦ ଜଣ ଖେଳାଳିଙ୍କୁ ପଛରେ ପକାଇ ୫ ନମ୍ବରରେ ପହଞ୍ଚିଛନ୍ତି। ୱାନିନ୍ଦୁ ହସରଙ୍ଗା ଷଷ୍ଠ ସ୍ଥାନରେ, ଜାକବ ଡଫି ୭ ନମ୍ବରରେ ଅଛନ୍ତି। ଆଡାମ ଜାମ୍ପା ୮ ନମ୍ବରରେ, ମୁସ୍ତାଫିଜୁର ରହମାନ ୯ ନମ୍ବରରେ ଏବଂ ମହମ୍ମଦ ନୱାଜ ୧୦ ନମ୍ବରରେ ଅଛନ୍ତି। ସାମ ଆୟୁବ ଟି୨୦ ଅନ୍ତର୍ଜାତୀୟ ଅଲରାଉଣ୍ଡର ରାଙ୍କିଂର ଶୀର୍ଷରେ ପହଞ୍ଚିଛନ୍ତି। ସେ ଜିମ୍ବାୱେ ଅଧିନାୟକ ସିକନ୍ଦର ରାଜାଙ୍କୁ ପଛରେ ପକାଇଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ୩ ନମ୍ବରରେ ଅଛନ୍ତି। ସ୍କଟଲାଣ୍ଡ ବିପକ୍ଷରେ ନେପାଳକୁ ବିଜୟୀ କରାଇଥିବା ଦୀପେନ୍ଦ୍ର ସିଂହ ଐରି ଦୁଇ ସ୍ଥାନ ଉପରକୁ ଉଠି ୪ ନମ୍ବରରେ ପହଞ୍ଚିଛନ୍ତି। ଆଫଗାନିସ୍ତାନର ଆଜମାତୁଲ୍ଲା ଓମାରଜାଇ ୫ ନମ୍ବରରେ ଅଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ